# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, August 13/2025 | Page 16 | ₹ 7.00

୫୧ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 259 | ମୂଲ୍ୟ ₹୭/-





## ସଂକ୍ଷେପରେ

### ବେଲୋଚ ଗୋଷ୍ଠୀକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

ୱାଶିଂଟନ୍, ୧୨।୮

ପାକିସ୍ତାନର ବିଚ୍ଛିନ୍ନତାବାଦୀ ବେଲୋଚ ଲିବରେଶନ ଆର୍ମି (ବିଏଲ୍ଏ) ଏବଂ ଏହାର ଶାଖା ମଜିଦ୍ ବ୍ରିଗେଡ୍‌କୁ ଆମେରିକା ପରରାଷ୍ଟ୍ର ବିଭାଗ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ୨୦୧୯ରୁ ବିଏଲ୍ଏକୁ ସ୍ୱତନ୍ତ୍ର ଭାବେ ନାମିତ ବୈଶ୍ୱିକ ଆତଙ୍କବାଦୀ (ଏସ୍‌ଡିଜିଟି)ବର୍ଗରେ ସାମିଲ କରାଯାଇଥିଲା। ଏବେ ପାକ୍ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ ମୁନିର ଆମେରିକା ଗସ୍ତରେ ଥିବାବେଳେ ବିଏଲ୍ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି। ଦୁଇ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଛି, ଯାହା ଫଳରେ ବେଲୁଚିସ୍ତାନର ତୈଳ ଭଣ୍ଡାରରେ ଆମେରିକୀୟ କମ୍ପାନୀକୁ ପ୍ରବେଶ ଅନୁମତି ମିଳିପାରିବ। ଦୀର୍ଘ ଦଶନ୍ଧି ଧରି ବିଏଲ୍ଏ ବେଲୁଚିସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଆନ୍ଦୋଳନର ପ୍ରମୁଖ ସଂଗଠନ ରହିଆସିଥିଲା।

### ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୨।୮

ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ିର ମାଲିକଙ୍କୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁରୁଣା ଗଡ଼ିର ମାଲିକଙ୍କ ବିରୋଧରେ କୌଣସି ଜୋର ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ଚଳାଚଳକୁ ନିଷେଧ କରିବା ପାଇଁ ଦିଲ୍ଲୀ ସରକାରଙ୍କ ପୁନର୍ବିଚାର ଆବେଦନର ଶୁଣାଣି ବେଳେ ସିଜେଆଇ ବି.ଆର୍. ଗବଇ, ଜଷ୍ଟିସ୍ ବିନୋଦ କେ ଚନ୍ଦ୍ରନ୍ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ହେବ। ସେପର୍ଯ୍ୟନ୍ତ ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି ମିଳିଛି।

### ସିବିଏସ୍‌ଇ ପାଠ୍ୟକ୍ରମରେ ସାମିଲ ହେବ ନୂଆ ଆପରାଧିକ ଆଇନ

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଆଇନଗତ ଅଧ୍ୟୟନ ପାଠ୍ୟକ୍ରମରେ ସମ୍ବିଧାନର ଧାରା ୩୭୦ ଏବଂ ତିନି ତଲାକ ଆଇନ ରଦ୍ଦ ସମେତ ନୂଆ ଆପରାଧିକ ଆଇନ ସାମିଲ ହେବ। ସିବିଏସ୍‌ଇର କରିକୁଲମ୍ କମିଟି ଏହି ନିଷ୍ପତ୍ତିକୁ ଅନୁମୋଦନ କରିଥିବାବେଳେ ଗଭର୍ଣ୍ଣିଂ ବଡ଼ି ମଞ୍ଜୁରୀ ପ୍ରଦାନ କରିଛି। ଉପନିବେଶୀୟ ଯୁଗର ପୁରୁଣା ଆପରାଧିକ ଆଇନ ବଦଳରେ ଅଣାଯାଇଥିବା ନୂଆ ଆଇନ ସମ୍ପର୍କରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବେ।



ଭୋଟ ଚୋରି ଏବଂ ବିହାରରେ ଏସ୍ଆଇଆର୍ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଟି-ଶାର୍ଟ ପିନ୍ଧି ପ୍ରତିବାଦ କରୁଛନ୍ତି।

# ପିକ୍ଚର ବାକି ଅଛି: ରାହୁଲ

**ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି)ଙ୍କ ଏସ୍ଆଇଆର୍ ପୂରା ଦେଶରେ ବିତର୍କ ସୃଷ୍ଟି କରିଛି। ଭୋଟର ତାଲିକା ସଂଶୋଧନ ଉଦ୍ଦେଶ୍ୟରେ ଆୟୋଗଙ୍କ ଏହି ଅଭିଯାନକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି। ନାଗରିକଙ୍କ ମତଦାନ ଅଧିକାର ଛଡ଼ାଇନେବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ସେମାନେ କହୁଛନ୍ତି। ତେବେ କେବଳ ଏସ୍ଆଇଆର୍ ନୁହେଁ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଭାଜପାକୁ ଜିତାଇବା ପାଇଁ କମିଶନ ଭୋଟ ଚୋରି କରୁଥିଲେ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିକଟରେ ଅଭିଯୋଗ ଆଣି ପ୍ରମାଣ ଦେଖାଇଥିଲେ। ଏନେଇ ଇସି ତାଙ୍କୁ ସ୍ୱାକ୍ଷର ସମ୍ବଳିତ ସତ୍ୟପାଠ ମାଗିଥିବାବେଳେ ରାହୁଲ ତାହା ଦାଖଲ କରିନାହାନ୍ତି। ଏସ୍ଆଇଆର୍ ଏବଂ ଭୋଟ ଚୋରି ଅଭିଯୋଗକୁ ନେଇ ସଂସଦରେ ଅଚଳାବସ୍ଥା ଜାରି ରହିଥିବାବେଳେ ଇସି 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉନାହାନ୍ତି ବୋଲି ମଙ୍ଗଳବାର ରାହୁଲ କହିଛନ୍ତି। ଏବେ ପିକ୍ଚର ବାକି ଅଛି ବୋଲି ସେ କହିଛନ୍ତି। ସୋମବାର ବିରୋଧୀ ଏମ୍‌ପିମାନେ ନିର୍ବାଚନ ସଦନକୁ ବିକ୍ଷୋଭ ଶୋଭାଯାତ୍ରା କରିବା ଭଳି ଆଗକୁ ଅନେକ ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।**

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପୁଣିଥରେ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଛନ୍ତି। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ଇସି ନିଜ କର୍ତ୍ତବ୍ୟକୁ ନିଭାଉ ନ ଥିବା ରାହୁଲ କହିଛନ୍ତି। ଭୋଟର ତାଲିକାରେ ଅନିୟମିତତା ନେଇ ନିଜ ଦାବିକୁ ରାହୁଲ ପୁଣିଥରେ ଦୋହରାଇ କହିଛନ୍ତି, ପିକ୍ଚର ଏବେ ବାକି ଅଛି। ସମ୍ବିଧାନକୁ ରକ୍ଷା କରିବା ପାଇଁ ତାଙ୍କ ଦଳ ସର୍ବଦା ପ୍ରୟାସ କରିବ।

ସଂସଦ ଭବନ ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ରାହୁଲ କହିଛନ୍ତି, ଭୋଟ ଚୋରି କେବଳ ଗୋଟିଏ ସିଟ୍‌ରେ ହୋଇନାହିଁ, ଜାତୀୟ ସ୍ତରରେ ଏକ ବ୍ୟବସ୍ଥିତ ଢଙ୍ଗରେ ଭୋଟ ଚୋରି କରାଯାଉଛି। ଏବେ ଏହାର ପ୍ରମାଣ ଦିଆଯାଇଛି। ତଥାପି ଇସିଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତ ହେଉଛି ସମ୍ବିଧାନର ମୂଳଦୁଆ।



ରାହୁଲ ଗାନ୍ଧୀ

ଏହାକୁ କାର୍ଯ୍ୟକାରୀ କରିବା ଇସିଙ୍କ ପ୍ରମୁଖ କର୍ତ୍ତବ୍ୟ ହୋଇଥିବାବେଳେ ଏହାକୁ ନିଭାଉ ନାହାନ୍ତି। ଇସିଙ୍କ ଦ୍ୱାରା ଜାରି ବିହାରର ଚିଠା ଭୋଟର ତାଲିକାରେ ପ୍ରଥମ ଥର ପାଇଁ ଭୋଟର ହୋଇଥିବା ୩୫ ବର୍ଷୀୟା ମିନ୍ତା ଦେବୀଙ୍କର ବୟସ ୧୨୪ ଲେଖାଯାଇଥିବା ନେଇ ପଚରାଯିବାରୁ ରାହୁଲ କହିଛନ୍ତି, ଏହା ଏକମାତ୍ର ମାମଲା ନୁହେଁ। ଏହିପରି ଅନେକ ମାମଲା ରହିଛି।

ବିହାରରେ ଏସ୍ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗକୁ ନେଇ ମଙ୍ଗଳବାର ମଧ୍ୟ ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଦେଖାଦେଇଛି। ଉଭୟ ପ୍ରସଙ୍ଗକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଅନେକ ଏମ୍‌ପି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ ପ୍ରତିବାଦ କରିଛନ୍ତି। ଏହି ଅବସରରେ ଏମ୍‌ପିମାନେ ଧଳାରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ। ଉକ୍ତ ଶାର୍ଟରେ ବିହାରର ମିନ୍ତା ଦେବୀଙ୍କର ନାମ ଓ ଫଟୋ ରହିଥିଲା। 'ଆମ ଭୋଟ ଆମ ଅଧିକାର ଆମ ଲଢ଼େଇ' ଲେଖାଥିବା ବ୍ୟାନର ସହ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଇସି ଏବଂ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ୍ ଦେଇ ପ୍ରତିବାଦ କରିଥିଲେ। ତେବେ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ପାଇଁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ବିହାର ଭୋଟର ତାଲିକାରେ ଏସ୍ଆଇଆର୍‌କୁ ନେଇ ଆଲୋଚନା ପାଇଁ ମୋଦି ସରକାର ପ୍ରସ୍ତୁତ ନୁହନ୍ତି। କେନ୍ଦ୍ରର ଏହି ଜିଦ୍ ଯୋଗୁ ସଂସଦର ଉଭୟ ଗୃହ ବାରମ୍ବାର ମୁଲତବୀ ରହୁଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ବିହାରରେ ପ୍ରଥମ ଥର ପାଇଁ ଭୋଟର ହୋଇଥିବା ମିନ୍ତା ଦେବୀଙ୍କର ନାମକୁ ବିରୋଧୀ ଉଠାଉଥିବାବେଳେ ସେ କହିଛନ୍ତି, ଇସିଙ୍କ ତାଲିକାରେ ତାଙ୍କ ବୟସ ୧୨୪ ହୋଇଥିବାରୁ ଏବେ ସମସ୍ତେ ତାଙ୍କୁ ଜେଜେ ମା' ଭାବୁଛନ୍ତି। ଏହା ଇସିଙ୍କ ଭୁଲ୍। ସେ ପଞ୍ଜୀକରଣ ଫର୍ମକୁ ଠିକ୍ ଭାବେ ପୂରଣ କରିଥିଲେ।

## ୩ ଜଣିଆ ତଦନ୍ତ କମିଟି ଘୋଷଣା କଲେ ବାଚସ୍ପତି

ନୂଆଦିଲ୍ଲୀ, ୧୨।୮

### ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ

ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିବାବେଳେ ଅଭିଯୋଗର ପ୍ରମାଣ ପାଇଁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ୩ ଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି। କମିଟିରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ୍ ହାଇକୋର୍ଟର ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବି. ବାସୁଦେବ ଆଚାର୍ଯ୍ୟ ରହିଛନ୍ତି। ଯଥାଶୀଘ୍ର ସମ୍ଭବ କମିଟି ଏହାର ରିପୋର୍ଟ ଦାଖଲ କରିବ। ତଦନ୍ତ କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଟକି ରହିବ ବୋଲି ବିର୍ଲା କହିଛନ୍ତି।

ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସରକାର ପୂର୍ବରୁ ମହାଭିଯୋଗ ପ୍ରସ୍ତାବର ପ୍ରକ୍ରିୟା ଆରମ୍ଭ କରିଥିଲେ। ଜଷ୍ଟିସ୍ ବର୍ମାଙ୍କ ବହିଷ୍କାର ପାଇଁ ଲୋକ ସଭାର ୧୪୫ ଜଣ ଏବଂ ରାଜ୍ୟ ସଭାର ୬୩ ଜଣ ସଦସ୍ୟ ସମ୍ପୃକ୍ତ ଗୃହର ପ୍ରିଜାଇଡିଂ ଅଫିସରମାନଙ୍କୁ ନୋଟିସ ଦେଇଥିଲେ। ନୋଟିସ୍‌ରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ, ଅନୁରାଗ ଠାକୁର, ଏନ୍‌ସିପିର ସୁପ୍ରିୟା ସୁଲେ ପ୍ରମୁଖ ସ୍ୱାକ୍ଷର କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୨୪, ୨୧୭ ଏବଂ ୨୧୮ ଅନୁଯାୟୀ ଲୋକ ସଭା ବାଚସ୍ପତିଙ୍କ ନିକଟରେ ନୋଟିସ ଦାଖଲ କରାଯାଇଥିଲା। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ବିରୋଧୀ ସମର୍ଥିତ ନୋଟିସ ଗ୍ରହଣ କରିବା ତାଙ୍କ ହଠାତ୍ ଇସ୍ତଫା ପଛର ଅନ୍ୟତମ କାରଣ ବୋଲି କୁହାଯାଏ।

## ରିଲାଏନ୍ସର ଜାମନଗର ରିଫାଇନାରି ଉପରେ ଆକ୍ରମଣ ପାଇଁ ମୁନିରଙ୍କ ଧମକ

ୱାଶିଂଟନ୍, ୧୨।୮

ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର ୨ ଦିନ ପୂର୍ବରୁ ଆମେରିକା ମାଟିରୁ ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର କଡ଼ା ଜବାବ ଦେଇଥିଲା। ଆମେରିକାରେ ମୁନିର ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଏବଂ ଆକ୍ରମଣାତ୍ମକ ଭାଷଣ ଦେବା ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଗୁଜରାଟ ଜାମନଗରସ୍ଥିତ ରିଫାଇନାରି ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ପାକିସ୍ତାନର କୌଣସି ସାମରିକ ମୁଖ୍ୟ ଭାରତର ଗୁରୁତ୍ୱପୂର୍ଣ୍ଣ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଚାହିଁବା ଏହା ପ୍ରଥମ ଘଟଣା। ଫ୍ଲୋରିଡାର ଟାମ୍ପାଠାରେ ଏକ ଘରୋଇ ନୈଶଭୋଜି ସମାବେଶରେ ଉଦ୍‌ବୋଧନ ଦେଇ ମୁନିର ଏକ ସୋସିଆଲ ମିଡିଆ ପୋଷ୍ଟର ଅବତାରଣା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ଟାର୍ଗେଟ କରିଥିଲେ। ଅମ୍ବାନୀ ଭାରତର ଆର୍ଥିକ ସାମର୍ଥ୍ୟ ଓ ବୈଶ୍ୱିକ ସ୍ଥିତି ସହ ଯୋଡ଼ି ହୋଇଥିବାରୁ ମୁନିର ତାଙ୍କ ନାମ ନେଇଥିବା ଜଣାପଡୁଛି।

ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ-ଜର୍ଦ୍ଦାରୀ ଭାରତର ସିନ୍ଧୁ ନଦୀ ଜଳ ଅଟକାଇବା ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ପାକିସ୍ତାନ ସବୁବେଳେ ଶାନ୍ତି ଚାହିଁ ଆସିଛି। ଯଦି ଭାରତ ଯୁଦ୍ଧ କରିବାକୁ ବାଧ୍ୟ କରେ, ତେବେ ଆମେ ପଛକୁ ହଟିବ ନାହିଁ ବୋଲି ସେ କହିଛନ୍ତି। ସିନ୍ଧୁ ନଦୀ ଜଳ ବନ୍ଦ କଲେ ପାକିସ୍ତାନର ପ୍ରତ୍ୟେକ ପ୍ରଦେଶର ଲୋକେ ଲଢ଼େଇ ପାଇଁ ପ୍ରସ୍ତୁତ ରହିବେ ବୋଲି ବିଲାୱଲ କହିଛନ୍ତି।

## ସୀମାରେ ରେଳପଥ ନିର୍ମାଣ ପାଇଁ ଚାଇନାର ଯୋଜନା

ନୂଆଦିଲ୍ଲୀ, ୧୨।୮

### ଭାରତର ଚିନ୍ତା ବଢ଼ାଇଲା

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ଚାଇନା ରେଳଲାଇନ୍ ନିର୍ମାଣ ପାଇଁ ଏହାର ୨୦୦୮ର ଯୋଜନାକୁ ପୁନରୁଜ୍ଜୀବିତ କରିଛି। ଏହି ତିବ୍ବତ-ଜିନ୍‌ଜିଆଙ୍ଗ ରେଳଲାଇନ ଦେଇ ଭାରତ ସୀମା ନିକଟକୁ ବେଜିଂ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଆଦି ପଠାଇବାରେ ସହାୟକ ହେବ। ଚାଇନା ନିୟନ୍ତ୍ରଣରେ ଥିବା ଭାରତୀୟ ଅଞ୍ଚଳ ଅକ୍‌ସାଇ ଚୀନ୍ ଦେଇ ଏହି ରେଳଲାଇନ ନେପାଳ ସୀମା ପର୍ଯ୍ୟନ୍ତ ଯିବ।

୨୦୦୬ରେ ଚାଇନା ପ୍ରଥମ ଥର ପାଇଁ ସମୁଦ୍ର ପତ୍ତନରୁ ୪,୦୦୦ ମିଟର ଉଚ୍ଚରେ ଅବସ୍ଥିତ ଗୋଲମୁଣ୍ଡ-ଲାସା ରେଳଲାଇନ ନିର୍ମାଣ କରି ଯାତ୍ରୀବାହୀ ଟ୍ରେନ୍ ଚଳାଇଥିଲା। ଏହା ପରେ ବେଜିଂ ୨୦୧୪ରେ ଲାସା-ଶିଗାଟ୍‌ସେ ଏବଂ ୨୦୨୧ରେ ଲାସା-ନିଙ୍ଗ୍‌ଚି ରେଳଲାଇନ୍ ନିର୍ମାଣ କରିଥିଲା। ଏବେ ଏହା ବିଶ୍ୱର ଛାତ କୁହାଯାଉଥିବା ତିବ୍ବତ ଦେଇ ରେଲ୍ ନେଟ୍‌ୱର୍କ ବଢ଼ାଇବାକୁ ଯୋଜନା କରିଛି। ଭାରତ ସୀମାକୁ ଲାଗି ଏହି ରେଳଲାଇନ ନୂଆଦିଲ୍ଲୀ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଉଛି। ୫୦ ଦଶକରେ ଯେତେବେଳେ ଚାଇନା ଅକ୍‌ସାଇ ଚୀନ୍ ଦେଇ ଜିନ୍‌ଜିଆଙ୍ଗ-ତିବ୍ବତ ହାଇୱେ ନିର୍ମାଣ ଆରମ୍ଭ କଲା ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେବା ସହ ୧୯୬୨ର ଭାରତ-ଚାଇନା ଯୁଦ୍ଧର ରୂପ ନେଇଥିଲା। ବର୍ତ୍ତମାନର ନୂଆ ରେଳଲାଇନ ଯୋଜନା ଭାରତ ପାଇଁ ଚିନ୍ତାଜନକ ହୋଇଛି। କାରଣ ଏହା ଭାରତର ଅକ୍ସାଇ ଚୀନ୍ ଦେଇ ଯାଉଛି ଏବଂ ଏଲ୍ଏସି ପାଖାପାଖି ନିର୍ମାଣ ହେବାକୁ ଯାଉଛି।

## 'ଦଣ୍ଡାଦେଶ ପୂରଣ କରିଥିବା କଏଦୀଙ୍କୁ ମୁକ୍ତ କର'

ନୂଆଦିଲ୍ଲୀ, ୧୨।୮

ଯେଉଁ କଏଦୀମାନେ ଦଣ୍ଡ ଅବଧି ପୂରଣ କରିସାରିଛନ୍ତି ସେମାନଙ୍କୁ ତୁରନ୍ତ ମୁକ୍ତ କରାଯିବାକୁ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ ପୂରଣ କରିସାରିଥିବା କେତେଜଣ କଏଦୀଙ୍କୁ ଜେଲରେ ରହିବାକୁ ପଡୁଥିବା କହି ଜଷ୍ଟିସ୍ ବି.ବି. ନାଗରତ୍ନା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଣ୍ଡ ଅବଧି ପୂରଣ କରିଥିବା କଏଦୀ ଅନ୍ୟ ମାମଲାରେ ଦୋଷୀ ନ ଥିଲେ, ତୁରନ୍ତ ସେମାନଙ୍କୁ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ର ଚର୍ଚ୍ଚିତ ନୀତୀଶ କଟାରା ହତ୍ୟାକାଣ୍ଡର ଅପରାଧୀ ସୁଖଦେବ ଯାଦବ ଓରଫ ପହଲବାନଙ୍କୁ ଜେଲରୁ ମୁକୁଳାଇବା ପାଇଁ ନିର୍ଦ୍ଦେଶ ଦେବାବେଳେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି।

## ୟୁରୋପରେ ବନାଗ୍ନି ଅଣାୟତ୍ତ



ମାଡ୍ରିଡ, ୧୨।୮

### ୪୦ ଡିଗ୍ରୀ ଟପିଲା ତାପମାତ୍ରା, ୨ ମୃତ

ୟୁରୋପର ବିଭିନ୍ନ ଭାଗରେ ଜଙ୍ଗଲ ନିଆଁ ଅଣାୟତ୍ତ ହୋଇଛି। ସ୍ପେନ୍, ପର୍ତ୍ତୁଗାଲ, ଗ୍ରୀସ୍, ତୁର୍କୀ ଓ ବାଲକାନ୍ସରେ ଅଗ୍ନିଶମ କର୍ମଚାରୀମାନେ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ବନାଗ୍ନି ଯୋଗୁ ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଟପିଛି। ଆମେ ସିଝିଯାଉଛୁ। ନିଆଁ ଲିଭାଇବା ସହଜ ନୁହେଁ ବୋଲି ପର୍ତ୍ତୁଗାଲର ଜଣେ ମେୟର କହିଛନ୍ତି। ଜଙ୍ଗଲ ନିଆଁରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି। ଘଣ୍ଟା ପ୍ରତି ୭୦ କିଲୋମିଟର ବେଗରେ ପବନ ବହୁଥିବାରୁ ଦ୍ରୁତ ଗତିରେ ଜଙ୍ଗଲ ଜଳିଚାଲିଥିବା ମାଡ୍ରିଡର ଜଣେ ଅଧିକାରୀ କହିଛନ୍ତି। ବନାଗ୍ନିରେ ଅନେକ ଘର ଓ ଶସ୍ୟକ୍ଷେତ୍ର ଜଳିଗଲାଣି। ବହୁସଂଖ୍ୟାରେ ପର୍ଯ୍ୟଟନ ସ୍ଥଳ କ୍ଷତିଗ୍ରସ୍ତ ହୋଇଥିବା ମାଡ୍ରିଡ୍‌ର ଜଣେ ଆଞ୍ଚଳିକ ପରିବେଶ ମୁଖ୍ୟ କହିଛନ୍ତି।

## ଖୁଚୁରା ମୁଦ୍ରାସ୍ଫୀତି ୮ ବର୍ଷରେ ସର୍ବନିମ୍ନ

ନୂଆଦିଲ୍ଲୀ, ୧୨।୮

ଗତ ଜୁଲାଇରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇ ୧.୫୫%ରେ ପହଞ୍ଚିଛି। ୨୦୧୭ ଜୁନ୍ ପରଠାରୁ ଏହା ସର୍ବନିମ୍ନ। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ଜାରି ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ)ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ପନିପରିବା ଏବଂ ବିଭିନ୍ନ ଖାଦ୍ୟଶସ୍ୟର ମୂଲ୍ୟରେ ହ୍ରାସ ଘଟିଥିବାରୁ ଖୁଚୁରା ମୁଦ୍ରାସ୍ଫୀତି ହାର ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଲଗାତର ୯ ମାସ ଧରି ମୁଦ୍ରାସ୍ଫୀତି ହ୍ରାସ ପାଇଚାଲିଥିବା ରିପୋର୍ଟରେ କୁହାଯାଇଛି। ମେ ଏବଂ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ଯଥାକ୍ରମେ ୨.୮୨% ଓ ୨.୧% ଥିବାବେଳେ ୨୦୨୪ ଜୁଲାଇରେ ଏହା ୩.୬% ଥିଲା। ୨୦୧୭ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧.୪୬% ରହିଥିଲା। ଏହାପରଠାରୁ ଚଳିତ ଜୁଲାଇରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ସର୍ବନିମ୍ନ ରହିଛି।

## 'ବଳକା ଖାଦ୍ୟ ବାହାରେ ଫିଙ୍ଗନି'

ନୂଆଦିଲ୍ଲୀ, ୧୨।୮

### ସୁପ୍ରିମ୍‌କୋର୍ଟଙ୍କ ସର୍କୁଲାର

ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କୁ ଆଶ୍ରୟସ୍ଥଳ ପଠାଇବା ପାଇଁ ନିର୍ଦ୍ଦେଶ ଦେବାର ଦିନକ ପରେ ସୁପ୍ରିମକୋର୍ଟ କୁକୁରଙ୍କ ଉପଦ୍ରବକୁ କମାଇବା ଦିଗରେ ଆଉ ଏକ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ପରିସର ମଧ୍ୟରେ ବଳକା ଖାଦ୍ୟକୁ ଏଣେତେଣେ ନ ପକାଇ ବନ୍ଦ ଡଷ୍ଟବିନ୍‌ରେ ପକାଇବାକୁ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଓ ଜଷ୍ଟିସ୍ ଆର୍. ମହାଦେବନଙ୍କ ଖଣ୍ଡପୀଠ ଏକ ସର୍କୁଲାର ଜାରି କରିଛନ୍ତି। ସୁପ୍ରିମକୋର୍ଟ କର୍ମଚାରୀ ଓ ପରିଦର୍ଶକମାନଙ୍କ ପାଇଁ ଏହି ସର୍କୁଲାର ଜାରି କରାଯାଇଛି। ସୁପ୍ରିମକୋର୍ଟ କରିଡରରେ ଏବଂ ଏହାର ପରିସର ମଧ୍ୟରେ ଥିବା ଲିଫ୍ଟରେ ବହୁବାର ବୁଲା କୁକୁରଙ୍କୁ ଦେଖିବାକୁ ମିଳୁଛି। ତେଣୁ ସୁପ୍ରିମକୋର୍ଟ ପରିସର ମଧ୍ୟରେ ଥିବା ଖୋଲା ସ୍ଥାନରେ ବଳକା ଖାଦ୍ୟ ଫିଙ୍ଗିବା କିମ୍ବା ଖୋଲା ପାତ୍ରରେ ଖାଦ୍ୟ ରଖିବା ଦ୍ୱାରା କୁକୁର କାମୁଡ଼ାର ବିପଦକୁ ଦୃଷ୍ଟିରେ ରଖି ଏହି ସର୍କୁଲାର ଜାରି କରାଯାଇଛି।

## ୩୫ ବର୍ଷ ପରେ ଫାଇଲ ଖୋଲିଲା

ଶ୍ରୀନଗର, ୧୨।୮

### କଶ୍ମୀରୀ ପଣ୍ଡିତ ମହିଳା ହତ୍ୟା ମାମଲା

୧୯୯୦ରେ କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଆତଙ୍କବାଦୀ ଅପହରଣ ପରେ ହତ୍ୟା କରିଥିଲେ। ଜମ୍ମୁ-କଶ୍ମୀର ପୋଲିସର ରାଜ୍ୟ ତଦନ୍ତକାରୀ ସଂସ୍ଥା (ଏସ୍ଆଇଏ) ୩୫ ବର୍ଷ ପରେ ଏହି ମାମଲାର ଫାଇଲ୍ ଖୋଲିଛି। ଏସ୍ଆଇଏ ଅଧିକାରୀମାନେ ଜେଲରେ ଥିବା ଜମ୍ମୁ-କଶ୍ମୀର ଲିବରେଶନ ଫ୍ରଣ୍ଟ (ଜେକେଏଲ୍ଏଫ୍) ଅଧ୍ୟକ୍ଷ ମହମ୍ମଦ ୟାଶିନ୍ ମଲିକଙ୍କ ବାସଭବନ ସମେତ ଶ୍ରୀନଗରର ୮ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ପୋଲିସ ରେକର୍ଡ ଅନୁଯାୟୀ ନର୍ସ ସରଳା ଭଟ୍ଟ(୨୭)ଙ୍କୁ ୧୯୯୦ ଏପ୍ରିଲରେ ଅପହରଣ କରିନିଆଯାଇଥିଲା। ପରଦିନ ତାଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା।

## କନ୍‌ଷ୍ଟିଚ୍ୟୁଶନ କ୍ଲବ୍ ନିର୍ବାଚନ: ରାଜୀବ ପ୍ରତାପ ରୁଡ଼ି ବିଜୟୀ

ନୂଆଦିଲ୍ଲୀ, ୧୨।୮

ଦିଲ୍ଲୀର ପ୍ରତିଷ୍ଠିତ କନ୍‌ଷ୍ଟିଚ୍ୟୁଶନ କ୍ଲବ ଅଫ୍ ଇଣ୍ଡିଆର ସମ୍ପାଦକ (ପ୍ରଶାସନ) ଭାବେ ଭାଜପା ନେତା ରାଜୀବ ପ୍ରତାପ ରୁଡ଼ି ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ସେ ଭାଜପାର ଅନ୍ୟତମ ନେତା ସଞ୍ଜୀବ ବାଲ୍ୟାନଙ୍କୁ ପରାଜିତ କରିଛନ୍ତି। ରାଜୀବ ବିହାରର ସରନ ନିର୍ବାଚନମଣ୍ଡଳୀରୁ ୭ ଥର ଏମ୍‌ପି ନିର୍ବାଚିତ ହୋଇଥିବା ବେଳେ ପୂର୍ବରୁ କେନ୍ଦ୍ରରେ ମନ୍ତ୍ରୀ ଥିଲେ। ସେ ଗତ ୨୫ ବର୍ଷ ହେଲା ନିର୍ଦ୍ୱନ୍ଦ୍ୱରେ କନ୍‌ଷ୍ଟିଚ୍ୟୁଶନ କ୍ଲବ୍ ଅଫ୍ ଇଣ୍ଡିଆର ସମ୍ପାଦକ ରହିଆସିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏହି ନିର୍ବାଚନରେ ଅମିତ ଶାହା, ଜେପି ନଡ୍ଡା, ପୀୟୂଷ ଗୋୟଲଙ୍କ ସମେତ ଅନେକ କେନ୍ଦ୍ରୀୟ ମନ୍ତ୍ରୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ କନ୍‌ଷ୍ଟିଚ୍ୟୁଶନ କ୍ଲବ ଅଫ୍ ଇଣ୍ଡିଆର ସଦସ୍ୟ ଥିବା ବହୁ ଏମ୍‌ପି ମତଦାନ କରିଛନ୍ତି। କ୍ଲବ୍‌ର ସମୁଦାୟ ୧,୨୯୫ ସଦସ୍ୟଙ୍କ ମଧ୍ୟରୁ ୫୪% ସଦସ୍ୟ ଏହି ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିଥିଲେ। ସନ୍ଧ୍ୟା ୫ଟାରେ ମତଦାନ ଶେଷ ହେବା ପରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ପ୍ରକାଶ ଯେ, ୧୯୪୭ରେ ସ୍ଥାପନ ହୋଇଥିବା କନ୍‌ଷ୍ଟିଚ୍ୟୁଶନ କ୍ଲବ ଅଫ୍ ଇଣ୍ଡିଆ ଏମ୍‌ପି ଏବଂ ପୂର୍ବତନ ଏମପିଙ୍କ ପାଇଁ ଏକ ସାମାଜିକ ଓ ରାଜନୈତିକ ମଞ୍ଚ ଭାବେ ପରିଚିତ।



ରାଜୀବ ପ୍ରତାପ ରୁଡ଼ି

## ଅଭିନେତ୍ରୀରୁ ସନ୍ନ୍ୟାସିନୀ

ମୁମ୍ବାଇ

ଟିଭି ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ନୂପୁର ଅଲଙ୍କାର ତାଙ୍କ କ୍ୟାରିଅରରେ ପ୍ରାୟ ୧୫୭ଟି ଭିନ୍ନ ଭିନ୍ନ ଟିଭି ଧାରାବାହିକରେ କାର୍ଯ୍ୟ କରିଛନ୍ତି। ଏହିସବୁ ଧାରାବାହିକରେ ସେ ବିଭିନ୍ନ ଚରିତ୍ର ମାଧ୍ୟମରେ ଅନେକବାର ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ତେବେ ସମ୍ପ୍ରତି ସେ ଅଭିନୟ ଜଗତରୁ ଦୂରେଇ ଯାଇ ଆଧ୍ୟାତ୍ମିକତାର ପଥ ଆପଣାଇଛନ୍ତି। ନୂପୁର ୨୦୨୨ ପରଠାରୁ ଅଭିନୟ ଜଗତରେ ନଜରକୁ ଆସି ନାହାନ୍ତି। ଗୁରୁ ଶମ୍ଭୁ ଶରଣ ଝାଙ୍କ ମାର୍ଗଦର୍ଶନରେ ସେ ସନ୍ନ୍ୟାସିନୀ ପାଲଟିଥିବା ନେଇ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ନୂପୁର କହିଛନ୍ତି। ସେ କହିଛନ୍ତି, ଆଧ୍ୟାତ୍ମିକତା ପ୍ରତି ପିଲାବେଳୁ ତାଙ୍କର ଆକର୍ଷଣ ରହିଥିଲା। ଅଭିନୟ କ୍ଷେତ୍ରରୁ ମୋହ ଭଙ୍ଗ ହେବା ପରେ ସେ ନିଜକୁ ଆଧ୍ୟାତ୍ମିକତା କ୍ଷେତ୍ରରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଜଣେ ସନ୍ନ୍ୟାସିନୀ ଭାବେ ସେ ନିଜ କର୍ତ୍ତବ୍ୟ କରୁଛନ୍ତି ଏବଂ ଅଭିନୟ ଜଗତକୁ ଆଦୌ ମିସ୍ କରୁନାହାନ୍ତି ବୋଲି ନୂପୁର କହିଛନ୍ତି।

ସନ୍ନ୍ୟାସିନୀ ଜୀବନ ବିତାଉଥିବା ନୂପୁର ଏବେ ଭିକ୍ଷା ମାଗି କ୍ଷୁଧା ମେଣ୍ଟାଉଥିବା ସହ ଭଗବାନ୍‌ଙ୍କ ଶରଣରେ ରହୁଛନ୍ତି। ଅଭିନୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେ ନିଜର ଲୋକପ୍ରିୟତା ଏବଂ ସଫଳତାକୁ ନେଇ ଅନେକ ସମୟ ଚିନ୍ତିତ ରହୁଥିଲେ, କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ଶାନ୍ତି ଅନୁଭବ କରୁଥିବା କହିଛନ୍ତି। ସେ ତଳେ ଶୋଉଛନ୍ତି ଏବଂ ଦିନକୁ ଥରେ ଭୋଜନ କରୁଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ସମ୍ମାନ ଜଣାଇ ସ୍ୱାମୀ ଅଲଙ୍କାର ଶ୍ରୀବାସ୍ତବ ମଧ୍ୟ ତାଙ୍କୁ ପାରିବାରିକ ବନ୍ଧନରୁ ମୁକ୍ତ କରିଦେଇଥିବା ନୂପୁର କହିଛନ୍ତି।



ନୂପୁର ଅଲଙ୍କାର

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ | Bhubaneswar, Wednesday, August 13/2025 | ପୃଷ୍ଠା-୧


# ନାଗରିକତ୍ୱର ପ୍ରମାଣ ନୁହେଁ ଆଧାର

## ନିର୍ବାଚନ କମିଶନଙ୍କ ଯୁକ୍ତିକୁ ମାନିନେଲେ ସୁପ୍ରିମକୋର୍ଟ




ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି)ଙ୍କ ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ ୧୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଜୁଲାଇ ୧୦ରେ ଅଦାଲତ ଏହାର ଶୁଣାଣି କରି ଇସିଙ୍କୁ ଆଧାର, ଭୋଟର ଆଇଡି ଏବଂ ରାଶନ କାର୍ଡକୁ ନାଗରିକତ୍ୱ ସପକ୍ଷରେ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜୁଲାଇ ୨୨ ତାରିଖରେ କମିଶନ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଯଥାର୍ଥ କହି ସମର୍ଥନ ଜଣାଇଛନ୍ତି। ଆଧାରକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରା ନ ଯିବା ନେଇ ଇସିଙ୍କ ଆଭିମୁଖ୍ୟ ଠିକ୍ ବୋଲି ଶୀର୍ଷ ଅଦାଲତ ମାନିନେଇଛନ୍ତି।

ନୂଆଦିଲ୍ଲୀ,୧୨।୮

ନାଗରିକତ୍ୱ ପ୍ରମାଣ ପାଇଁ ଆଧାରକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଆଭିମୁଖ୍ୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ସମର୍ଥନ ଜଣାଇଛନ୍ତି। ନାଗରିକତ୍ୱର ସ୍ୱତନ୍ତ୍ର ଯାଞ୍ଚ ହେବା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି। ବିହାରରେ ଭୋଟର ତାଲିକାର ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଖଲ ଅନେକ ପିଟିଶନ୍‌ର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ନାଗରିକତ୍ୱ ପ୍ରମାଣ ଭାବେ ଆଧାରକୁ ନିର୍ଣ୍ଣାୟକ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଇସିଙ୍କ ଯୁକ୍ତି ଠିକ୍। ଏହାକୁ ଯାଞ୍ଚ କରିବାକୁ ହେବ ବୋଲି ଆବେଦନକାରୀ ☞ ପୃଷ୍ଠା-୨

## ଓଡ଼ିଶାରେ ୨ ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠାକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଓଡ଼ିଶାରେ ୨ଟି ସମେତ ଦେଶରେ ମୋଟ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛି। ଅନ୍ୟ ୨ଟି ଚିପ୍ କାରଖାନା ପଞ୍ଜାବ ଓ ଆନ୍ଧ୍ରପ୍ରଦେଶରେ ପ୍ରତିଷ୍ଠା ହେବ ବୋଲି କ୍ୟାବିନେଟ୍ ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୩)

**ଆଜିର ସମ୍ପାଦକୀୟ**

**ବୁଲା କୁକୁର**

## ୩ ଦିନରେ ୪ ନାବାଳିକାଙ୍କୁ ବଳାତ୍କାର

- ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର, ଜେଲ ଗଲେ ପିଉସା
- ଘରେ ପଶି ନାବାଳିକାଙ୍କ ସହ ବର୍ବରତା, ଭିଣୋଇ ଗିରଫ

ରାଜନଗର/ପଟ୍ଟାମୁଣ୍ଡାଇ/କୁଜଙ୍ଗ,୧୨।୮(ଭାସ୍କର ରାଉତରାୟ/କଳ୍ପତରୁ ନାୟକ/ ମନୋଜ ପ୍ରଧାନ)

ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ରକ୍ଷାବନ୍ଧନ ଦିନ ଗାଁ ରାସ୍ତାରେ ଯାଉଥିବା ସମୟରେ ପିଉସା ଝୁମ୍ପୁରୁଳୁଣୀ ମୂର୍ତ୍ତି କିଣିଦେବା ବାହାନାରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ପରେ ଛାତ୍ରୀଙ୍କୁ ପିଉସା ଓ ଅନ୍ୟ ୪ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ ମୁହଁ ଖୋଲିଲେ ଏହାର ପରିଣାମ ଭୋଗିବ ବୋଲି ସେମାନେ ତାଙ୍କୁ ଧମକ ଦେଇଥିଲେ। ଅଗଷ୍ଟ ୯ରେ ଘଟିଥିବା ଏହି ବର୍ବର ଘଟଣା ସମ୍ପର୍କରେ ପୀଡ଼ିତା ସୋମବାର ରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ପିଉସାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୪ ଜଣଙ୍କୁ ଅଟକ ରଖିଛି। ସେହିପରି ସୋମବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ଝିଅଙ୍କ ମା'ବାପା ବଜାରକୁ ଯାଇଥିଲେ। ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ସମ୍ପର୍କୀୟ ଭିଣୋଇ ତାଙ୍କୁ ବଳାତ୍କାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

୩ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ୪ ଜଣ ନାବାଳିକାଙ୍କୁ ବଳାତ୍କାର କରାଗଲାଣି। ଅଗଷ୍ଟ ୯ ରକ୍ଷାବନ୍ଧନ ଦିନ ମୟୂରଭଞ୍ଜ ☞ ପୃଷ୍ଠା-୨







## ୧୪ରେ କଂଗ୍ରେସର 'ଭୋଟ୍ ଚୋର୍ ଗାଦି ଛୋଡ୍' ଶୋଭାଯାତ୍ରା

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା): ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ବିରୋଧରେ ଆଣିଥିବା ଭୋଟ ଚୋରି ଅଭିଯୋଗକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଆସନ୍ତା ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ସମସ୍ତ ଜିଲାରେ 'ଭୋଟ୍ ଚୋର୍ ଗାଦି ଛୋଡ୍' ମଶାଲ ଶୋଭାଯାତ୍ରା କରାଯିବ। ଏଥିରେ ବହୁ ସଂଖ୍ୟାରେ ସାମିଲ ହେବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଆମେରିକା ପ୍ରଡକ୍ଟକୁ ଓଡ଼ିଶାରେ ବ୍ୟାନ୍ କରିବା ଦାବିରେ ସ୍ୱଦେଶ ଜାଗରଣ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରସୁଲଗଡ଼ ଛକ, ସମୟ: ସକାଳ ୯ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚା କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ମଞ୍ଚ ଓଡ଼ିଶା ୟୁନିଟ୍ ପକ୍ଷରୁ ଆମେରିକାର ଟ୍ରମ୍ପ ସରକାରଙ୍କ ଭାରତ ଉପରେ ଟାରିଫ ଏବଂ ବହୁରାଷ୍ଟ୍ରୀୟ କର୍ପୋରେଟ ଲୁଣ୍ଠନ ବିରୋଧରେ 'ଦେଶବ୍ୟାପୀ କର୍ପୋରେଟ୍ ଭାରତ ଛାଡ ଆହ୍ୱାନ', ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଅଙ୍ଗୀକା ପକ୍ଷରୁ ଗୁରୁ ପୂଜନ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମେଘ ଉତ୍ସବ 'ଶ୍ରାବଣୀ', ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- 'ସମୟ' ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ:ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ୍(ଓଡ଼ିଶା ଭବନ),ୟୁନିଟ୍ ୩, ସମୟ:ଅପରାହ୍ନ ୪ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ଟା।
- ସାଇତା ସତ ଓ ବେହାଲ ବର୍ଷା ପରିବାର ପକ୍ଷରୁ ପୁସ୍ତକ ସାଇତା ସତ ଓ ରଚିତ ଗୀତ ବେହାଲ ବର୍ଷାର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୨୦।

### କଟକ

- କଂଗ୍ରେସ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ଦ୍ୱିତୀୟ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

### ପୁରୀ

- ପୁରୀ ଷ୍ଟେଶନ ଠାରେ ଫ୍ଲାଗିଂ ଅପ୍ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ରେଳ ଷ୍ଟେଶନ ପ୍ଲାଟଫର୍ମ ୮, ସମୟ: ସକାଳ ୬ଟା୧୫।
- ଟ୍ରେଡ୍ ୟୁନିୟନଗୁଡ଼ିକ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

### ବାଲେଶ୍ୱର

- ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେଶନ ଛକ ନିକଟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଦିଶା ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହର ଘର ତ୍ରିରଙ୍ଗା ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାଜପାର ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତିଭବନଠାରୁ ସିନେମାଛକ ପର୍ଯ୍ୟନ୍ତ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଖୋଟି ପ୍ରତିଯୋଗିତା, ସ୍ଥାନ: ଜିଲା ସ୍କୁଲ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମନ୍ଦିର ଛକ ନିକଟରୁ ହାତୀଆଗଣ୍ଡ ପର୍ଯ୍ୟନ୍ତ, ରେମୁଣା, ସମୟ: ଅପରାହ୍ନ ୩ଟା।

### ଭଦ୍ରକ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନୂଆନନ୍ଦ କଣ୍ଟିମଙ୍ଗଳା ପୀଠ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ଘଣ୍ଟେଶ୍ୱର, ସମୟ: ଅପରାହ୍ନ ୪ଟା।

### କେନ୍ଦୁଝର

- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୭ଟା।
- ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଆନନ୍ଦପୁର ଶିଶୁ ବିଦ୍ୟାମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପାଟଣା ବ୍ଲକ ମଲ୍ଲୀପୋଷି ଛକ,ସମୟ:ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ

- ଗୋପବନ୍ଧୁ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଖୁଣ୍ଟା ହାଟ ଛକ, ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସୀମାନ୍ତ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପରିସର, ଝାରପୋଖରିଆ, ସମୟ: ଅପରାହ୍ନ ୨ଟା।
- ଦୁର୍ଗାପୂଜା ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

### ବ୍ରହ୍ମପୁର

- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ୧୧ଟା।
- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ୧୧ଟା।

### କନ୍ଧମାଳ

- ସ୍ୱାଧୀନତା ଦିବସ ପରେଡର ଶେଷ ପୂର୍ବାଭ୍ୟାସ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ବାଲିଗୁଡ଼ା: ସମୟ: ସକାଳ ୮ ଟା।
- ଓଡ଼ିଶା ରାଜସ୍ୱ ଅମଲା ସଂଘର ସମୂହ ଛୁଟି ଓ ଧାରଣା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବାଲିଗୁଡ଼ା, ସମୟ: ସକାଳ ୮ ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ସାମୁହିକ ପରେଡ ଅଭ୍ୟାସ, ସ୍ଥାନ: ହେଲିପ୍ୟାଡ଼ ପଡ଼ିଆ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦.୩୦।
- ମନ୍ଦିର ସୁରକ୍ଷା ମଞ୍ଚ ଓ ଗ୍ରାମବାସୀଙ୍କ ତରଫରୁ ସର୍ବସାଧାରଣ ବୈଠକ, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୨ ଟା।

### ଗଜପତି

- ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସେଞ୍ଚୁରିଆନ ୟୁନିଭରସିଟି, ସମୟ: ପୂର୍ବାହ୍ନ ୧୦ଟା।

### ଢେଙ୍କାନାଳ

- ହରଘର ତ୍ରିରଙ୍ଗା-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସକାଳ ୮ଟା।

### ଅନୁଗୋଳ

- ଆଠମଲ୍ଲିକ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ଆଠମଲ୍ଲିକ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଆଠମଲ୍ଲିକ ଏନ୍‌ଏସି ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମାଣିକପଥରଠାରୁ ସ୍ମାର୍ଟ ପାର୍କର ରାସ୍ତା ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।

### ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ୧ ନମ୍ବର ୱାର୍ଡ, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସକାଳ ୭ଟା।
- ଛାତ୍ରୀଛାତ୍ରଙ୍କୁ ନେଇ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ: ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

### କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଣ୍ଟିଲୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର

- ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୩ୟ ଦିବସ, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ସକାଳ ୭ଟା(ପାରାୟଣ), ସନ୍ଧ୍ୟା ୭ଟା (ପ୍ରବଚନ)।
- ହର୍‌ଘର୍ ତ୍ରିରଙ୍ଗା, ଘର୍ ଘର୍ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ:ସକାଳ ୭ଟା ୩୦।
- ଭିତ୍ତିଭୂମି ବ୍ୟବସ୍ଥା ନ କରି ଅନ୍‌ଲାଇନ ଉପସ୍ଥାନକୁ ବିରୋଧ କରି ଶିକ୍ଷକଙ୍କ ଆନ୍ଦୋଳନ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା

- ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମୁଖ୍ୟ ସ୍ରୋତ ଲିଙ୍ଗ ଆନ୍ତର୍ଭୁକ୍ତିକରଣ ସମ୍ପର୍କିତ କର୍ମଶାଳା,
- ସ୍ଥାନ: କାମ୍ପ ମାଲିଗାଁ ଗ୍ରାମ ପଞ୍ଚାୟତ ସଭା ଗୃହ,ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

### ନବରଙ୍ଗପୁର

- ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ

- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁରଜ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ୱାନ ସମ୍ମିଳନୀ ଗୃହ, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ହର ଘର ତିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସଦର ମହକୁମା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ: ପାଣ୍ଡଲୁଙ୍ଗ ଓ ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା, ଅପରାହ୍ନ ୩ଟା।
- ୧୧ତମ କୃଷି ସେନସସ୍ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

### ମାଲକାନଗିରି

- ଜିଲା ସାମାଜିକ ସୁରାକ୍ଷା କଲ୍ୟାଣ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ବାଲିମେଳା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ସମ୍ବନ୍ଧୀୟ ବୈଠକ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ ଶୁଭାରମ୍ଭ, ସ୍ଥାନ : ସହୀଦ ସ୍ତମ୍ଭ ଛକ, ସମୟ ସକାଳ ୭ଟା।
- ଜିଲା ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା।

### ବଲାଙ୍ଗୀର

- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

### ବରଗଡ଼

- ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ: କଦଳୀପାଲି, ବରପାଲି, ସମୟ: ଅପରାହ୍ନ ୧ଟା।

### ରାଉରକେଲା

- ରାଉରକେଲା ରାଜସ୍ୱ ଅମଲା ସଂଘର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ପାନପୋଷ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ତ୍ରିଦିବସୀୟ ଜନ୍ମାଷ୍ଟମୀ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।

### ସୁନ୍ଦରଗଡ଼

- 'ବ୍ରହ୍ମା କୁମାରୀ' ପକ୍ଷରୁ ସଚେତନତା ଶିବିର, ସ୍ଥାନ: କିଞ୍ଜିରିକେଲା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶାତ୍ମବୋଧକ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ,ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା।

### କଳାହାଣ୍ଡି

- ନବନିର୍ମିତ ଚାଷୀ ବିଶ୍ରାମ କକ୍ଷ ଉଦ୍‌ଘାଟନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ଟେଣ୍ଟହାଉସ ଆଣ୍ଡ ସପ୍ଲାୟର୍ସ ଆସୋସିଏଶନର ବୈଠକ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ

- ହର ଘର ତ୍ରିରଙ୍ଗା ଯାତ୍ରା ଅବସରରେ ବାଇକ୍ ରାଲି, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା।

### ସୁବର୍ଣ୍ଣପୁର

- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭା ଘର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହମୁକ୍ତ ଗ୍ରାମପଞ୍ଚାୟତ ଉପରେ ତାଲିମ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ତୃତୀୟ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମବାସୀ ଓ ଅଭିଭାବକଙ୍କ ଧାରଣା ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଜଟଗଡ଼ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟ ଗେଟ୍ ସମ୍ମୁଖ, ସମୟ: ସକାଳ ୮ଟା।
- ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଗ୍ରୁପ-ବି ସେମିଫାଇନାଲ, ସ୍ଥାନ: ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଖଡିଆଳ, ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ୍ ବିଲ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ୩୦।
- କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ, ସ୍ଥାନ: ରାଜ ଦରବାର ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଅମଲା ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟଠାରୁ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

### ଝାରସୁଗୁଡ଼ା

- ବିଜୁ ପଟ୍ଟନାୟକ ସମାଜ କଲ୍ୟାଣ ସଂସ୍ଥା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦୋଡିହି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଜନୀତି, ଆଇନ ଅଦାଲତ ତଥା ସାଙ୍ଗଠନିକ କାର୍ଯ୍ୟର ଆଲୋଚନାରେ ସଫଳତା ପାଇବେ। କିନ୍ତୁ ଶିକ୍ଷା, ସନ୍ତାନ ଓ ସମ୍ପର୍କ କ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିପାରେ। ବନ୍ଧୁ ଓ ପରିବାର ଦିଗରୁ ସମୟଟି ବିଶେଷ ଅନୁକୂଳ ନୁହେଁ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ପାଇବାର ଆଶା କରାଯାଇପାରେ।

**ବୃଷ** ଆଜି କୌଣସି ଦୂରଭିସନ୍ଧି ରଖି ପାଖ ପଡ଼ୋଶୀ ମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଆଲୋଚନା କ୍ଷେତ୍ରରେ ବିତର୍କ ବୃଦ୍ଧି ପାଇବା କାରଣରୁ ସହମତି ନ ହୋଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆଜିର ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** ପାରିବାରିକ ଅସ୍ଥିରତାକୁ ନିୟନ୍ତ୍ରଣରେ ନ ରଖି ଅନ୍ୟକୁ ଦାୟୀକରି ସମାଲୋଚିତ ହେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ ନୂତନ କାମଟି ସମ୍ପନ୍ନ କରିପାରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ କୃତି ଓ କୃତିତ୍ୱରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**କର୍କଟ** ଲୁହା ଦେଖି ପାଣିଦେବା ନ୍ୟାୟରେ ମନକୁ ପାଇଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣାର କରିପାରିବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ପାଟିତୁଣ୍ଡ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହେବେ। କର୍ମାରମ୍ଭ, ବ୍ୟବସାୟ, ଦୂରଯାତ୍ରା ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟିହେବ।

**ସିଂହ** ଆଜି ଦୂରଯାତ୍ରା, ଶତ୍ରୁତାର ସମାଧାନ ଓ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ପରେ ଅନୁତାପ କରିବେ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ।

**କନ୍ୟା** ଆଜି ହସକାନ୍ଦର ତିଳତଣ୍ଡୁଳ ଛାଇ ଭଳି ମିଶ୍ରିତ ଅନୁଭୂତି ପାଇବେ। ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚକରି ମନସ୍ତାପ କରିପାରନ୍ତି। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। ବନ୍ଧୁଗହଣରେ ଆପଣଙ୍କ କାର୍ଯ୍ୟକଳାପ ଓ ଦକ୍ଷତାରୁ ପରୋକ୍ଷ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କିମ୍ବା ନା କରିପାରିବେନାହିଁ। ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧିହେବ, ମାତ୍ର ପରକ୍ଷଣରେ ସେ ହିଁ ଆପଣଙ୍କ କାମରେ ସହଯୋଗ କରିବେ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା** ନୂତନ କାମରେ ଆତ୍ମୀୟଙ୍କ ସହାୟତା ପାଇବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟଙ୍କ ବିରୋଧାଭାସର ସମ୍ମୁଖୀନ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ।

**ଧନୁ** କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ପିଲାଙ୍କ ଶିକ୍ଷାର ସଫଳତା ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ କାମରୁ ଖୁସି ରହିବେ। ଅନ୍ୟମନସ୍କ ଭାବରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ସାଧନ କରିପାରନ୍ତି।

**ମକର** ପରିସ୍ଥିତି ଅନୁକୂଳ ନ ଥିଲେ ମଧ୍ୟ ମନରେ ସାହସ ବାନ୍ଧି ଦୁରୂହ କାମରେ ମୁଣ୍ଡ ପୂରାଇପାରନ୍ତି। ଅଜଣା ବ୍ୟକ୍ତିଙ୍କଠାରୁ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜିର ଗ୍ରହ ସ୍ଥିତି ଅର୍ଥ, ଆଇନ ସହାୟତା, ସାଙ୍ଗଠନିକ ନେତୃତ୍ୱ ପ୍ରଦାନ କରିପାରେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଜିର କାମ ଓ କଥାରେ ସଂଯମ ରକ୍ଷା କରିବା ଭଲ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ମାଗିପାରନ୍ତି। କ୍ରୀଡ଼ା, ସଙ୍ଗୀତ ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମ ସମ୍ପନ୍ନ କରିବାର ଚେଷ୍ଟା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ପରିବାରର ଆବଶ୍ୟକତା ଉପଲବ୍ଧିକରି ଧାରକରଜ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଶଂସନୀୟ କାମକରି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

ଆଜି ଅଗଷ୍ଟ ୧୩ ତାରିଖ, ଭାଦ୍ରବ କୃଷ୍ଣପକ୍ଷର ରକ୍ଷା ପଞ୍ଚମୀ ବୁଧବାର। ଅଦ୍ୟ ଶ୍ରୀମନ୍ଦିରରେ ଏବଂ ଗୃହୀମାନଙ୍କର ରକ୍ଷା ପଞ୍ଚମୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଣ୍ଟାକର୍ଣ୍ଣ ପୂଜା, ବୁଧିବାମନ ଓଷା ଆରମ୍ଭ। ରାଶିନକ୍ଷତ୍ର-ଦିବା ଘ.୧୦।୩୨ ମି. ପର୍ଯ୍ୟନ୍ତ ଉତ୍ତରଭାଦ୍ରପଦ/ମୀନ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୩୦ ଗତେ, ଘ.୦୭।୧୧ ମଧ୍ୟେ, ଘ.୧୦।୧୬ ଗତେ, ଘ.୧୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୨୬ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ନାଗରିକତ୍ୱର ପ୍ରମାଣ...

ଆର୍‌ଜେଡି ନେତା ମନୋଜ ଝା'ଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ଜଷ୍ଟିସ୍ କାନ୍ତ କହିଥିଲେ। ତେବେ ଯାଞ୍ଚ୍ ପ୍ରକ୍ରିୟା କାର୍ଯ୍ୟକାରୀ କରିବା କ୍ଷମତା ଇସିଆଇଙ୍କର ରହିଛି କି ନାହିଁ, ତାହା ପ୍ରଥମ ପ୍ରଶ୍ନ। ଯଦି ଏହାର କ୍ଷମତା ନ ଥାଏ, ତେବେ ଏସବୁକୁ ବନ୍ଦ କରିବାକୁ ହେବ। କିନ୍ତୁ ଯଦି କ୍ଷମତା ଥାଏ, ତେବେ ଏହା ସମସ୍ୟା ହୋଇ ନ ପାରେ ବୋଲି ବିଚାରପତି କହିଛନ୍ତି।

ନିର୍ବାଚନ କମିଶନଙ୍କ ଅନୁଯାୟୀ, ୨୦୦୩ ଭୋଟର ତାଲିକାରେ ଯେଉଁମାନଙ୍କର ନାଁ ରହିଛି କିମ୍ବା ସେମାନଙ୍କ ମା'ବାପାଙ୍କ ନାଁ ଅଛି, ସେମାନଙ୍କୁ ନାଗରିକତ୍ୱ ପ୍ରମାଣ ପାଇଁ କୌଣସି ଦସ୍ତାବିଜ୍ ଦାଖଲ କରିବା ଆବଶ୍ୟକ ନାହିଁ। ତଦନୁଯାୟୀ ବିହାରର ୭.୯ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬.୫ କୋଟିଙ୍କୁ ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ ନାହିଁ। ତେଣୁ ଏସ୍‌ଆଇଆର୍ ବିବାଦ ଏକ ବିଶ୍ୱାସ ହ୍ରାସ ପ୍ରସଙ୍ଗ ଭଳି ଲାଗୁଥିବା ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଆର୍ ଯୋଗୁ କୋଟିଏ ଭୋଟର ମତଦାନ ଅଧିକାର ହରାଇବେ ବୋଲି ପିଟିଶନର ଦର୍ଶାଇଥିବାରୁ ଏହା ଉପରେ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ମୋଟ ୭.୯ କୋଟି ଭୋଟରଙ୍କ ମଧ୍ୟରୁ ୭.୨୪ କୋଟି କାଗଜପତ୍ର ଦାଖଲ କରିଛନ୍ତି। ତେଣୁ କୋଟିଏ ଭୋଟର ନିଖୋଜ ବା ମତାଧିକାରରୁ ବଞ୍ଚିତ ହେବା ଅଭିଯୋଗକୁ ସର୍ବୋଚ୍ଚ ଅଦାଲତ ଖଣ୍ଡନ କରିଛନ୍ତି। ଲୋକଙ୍କ ପାଖରେ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଥାଇ ମଧ୍ୟ ନିର୍ବାଚନ କମିଶନ ଏହାକୁ ଗ୍ରହଣ କରୁନାହାନ୍ତି ବୋଲି ସିବଲ କହିଥିଲେ। ଏହାର ଜବାବରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ବିହାରରେ ରହୁଥିବା ଯେଉଁ ଲୋକଙ୍କ ପାଖରେ ଦସ୍ତାବିଜ୍ ନାହିଁ, ସେମାନଙ୍କୁ ରାଜ୍ୟର ଭୋଟର ଭାବେ ବିଚାର କରାଯିବ କି? ସେମାନଙ୍କୁ କେତେକ ଦସ୍ତାବିଜ୍ ଦେଖାଇବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଓ ଅନ୍ୟ କାଗଜାତ ପାଇବାରେ ଲୋକେ ସମସ୍ୟାରେ ପଡୁଥିବା ସିବଲ କହିବାରୁ ଏହା ଉପରଠାଉରିଆ ମନ୍ତବ୍ୟ ବୋଲି ଖଣ୍ଡପୀଠ କହିବା ସହ ବିହାରରେ ଯଦି ଏମିତି ହୁଏ, ଦେଶର ଅନ୍ୟ ଭାଗରେ କ'ଣ ହେବ ବୋଲି ପ୍ରଶ୍ନ କରିଥିଲେ। ଏସ୍‌ଆଇଆର୍ ସମୟସୀମା ଏବଂ ୬୫ ଲକ୍ଷ ଭୋଟର ମୃତ କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ପଞ୍ଜୀକୃତ ହୋଇଥିବା ଘୋଷଣା କରାଯାଇଥିବାରୁ ଏହା ଉପରେ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘ୍‌ଭି ଏବଂ ପ୍ରଶାନ୍ତ ଭୂଷଣ ପ୍ରଶ୍ନ ଉଠାଇଥିଲେ।

## ୩ ଦିନରେ ୪...

ଜିଲା ଉଦଳାରେ ଜଣେ ନାବାଳିକା ଛାତ୍ରୀଙ୍କୁ ୩ ଅଭିଯୁକ୍ତ ଘରୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ତେବେ ଛାତ୍ରୀ ଜଣକ ସାହସିକତା ଦେଖାଇ ସେଠାରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଏହାର ୨ ଦିନ ପରେ ଅର୍ଥାତ୍ ୧୧ ତାରିଖରେ ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀ ଟିଉଶନରୁ ଫେରିବାବେଳେ ଜଣେ ଯୁବକ ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରାଜ୍ୟରେ ଛାତ୍ରୀ ଓ ମହିଳା ବିରୋଧୀ ଜଘନ୍ୟ ବର୍ବରତା ବଢ଼ିଚାଲିଥିବାବେଳେ ସଦ୍ୟ ଦୁଇ ଘଟଣା ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଉଥିବା ବିରୋଧୀଙ୍କୁ ସରକାରଙ୍କୁ ଘେରିବା ପାଇଁ ଆଉ ଏକ ଅସ୍ତ୍ର ଧରାଇଦେଇଛି।

ରାଜନଗର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ (୧୪) ଶନିବାର ରକ୍ଷାବନ୍ଧନ ଦିନ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏ ନେଇ ପୀଡିତା ସୋମବାର ରାତ୍ରି ୧୧ଟାରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରାତି ୨ଟାରେ ସମ୍ପୃକ୍ତ ପିଉସାଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ମଙ୍ଗଳବାର କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟାରିଆ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଥାନାରେ ପହଞ୍ଚି ବିଏନ୍‌ଏସ୍‌ଏସ୍ ଧାରା ୧୮୦ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି। ପରେ ପୀଡ଼ିତାଙ୍କ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯିବା ସହ ୫ ଜଣ ଅଟକ ଯୁବକଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରାଯାଇଛି। ପିଉସା ଚିତ୍ତରଞ୍ଜନ ମଲ୍ଲିକ ଓରଫ ହାପି (୨୯)ଙ୍କୁ ପୋଲିସ ଗିରଫ କରିଛି। ଥାନାରେ ତାଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୭୦(୨), ୧୧୫ (୨), ୩୫୧(୩) ୬ (ଏ) ପୋକ୍‌ସୋ ଆଇନ ଅନୁସାରେ ନଂ. ୨୬୬/୨୫ ରେ ମାମଲା ରୁଜୁ କରି କେନ୍ଦ୍ରାପଡ଼ା କୋର୍ଟକୁ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ବାରିମୂଳ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୀଡ଼ିତା ରାଖୀପୂର୍ଣ୍ଣିମା ଶନିବାର ଅପରାହ୍ନ ୫ଟାରେ ଗାଁରେ ବୁଲୁଥିବା ବେଳେ ପିଉସା ଚିତ୍ତରଞ୍ଜନ ପାଖ ଦୋକାନକୁ ଡାକିଥିଲେ। ସେଠାରୁ ପିଉସା ଝିଅାରୀଙ୍କୁ ବାଇକ୍‌ରେ ଧରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଓଉପଦାକୁ ଖୁଦୁରୁକୁଣୀ ମୂର୍ତ୍ତି କିଣିବାକୁ ବାହାରିଥିଲେ। ଓଉପଦା ନେବା ପରିବର୍ତ୍ତେ କୁଦୁପୁର ମଶାଣିକୁ ଥିବା ମାଟି ରାସ୍ତାରେ ତାଙ୍କୁ ନେଇଥିଲେ। ଝିଅାରୀ ଏପଟେ କୁଆଡ଼େ ଯାଉଛ ବୋଲି କହିଥିଲେ ମଧ୍ୟ ପିଉସା ମଶାଣି ନିକଟରେ ଥିବା ଏକ ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଯାଇଥିଲେ। ଝିଅାରୀଙ୍କ ବିରୋଧ ସତ୍ତ୍ୱେ କିଛି ନ ଶୁଣି ପିଉସା ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ ଜଣ ଯୁବକ ଆସି ତାଙ୍କୁ ଟଣାଓଟରା କରି ମାଡ଼ ମାରି ଗଣବଳାତ୍କାର କରିବା ସହ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଗଣବଳାତ୍କାର ପରେ ପିଉସା ଝିଅାରୀଙ୍କୁ ଗାଁ ମୁଣ୍ଡରେ ଏକା ଛାଡ଼ିଥିଲେ। ସାଙ୍ଗରେ ଗଲେ ସମସ୍ତେ ସନ୍ଦେହ କରିବେ କହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି।

ସେହିପରି ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମଙ୍ଗଳବାର ଭିଣୋଇଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଞ୍ଚଳର ନାବାଳିକାଙ୍କ ସମ୍ପର୍କୀୟ ଭିଣୋଇ କୁମର ଦଳାଇ (୨୮)। ଯୁକ୍ତ୨ ଛାତ୍ରୀ ଜଣକ ସୋମବାର ସନ୍ଧ୍ୟାରେ ଘରେ ଏକୁଟିଆ ଥିଲାବେଳେ ମା' ବାପା ବଜାରକୁ ଯାଇଥିଲେ। ଏହାର ସୁଯୋଗ ନେଇ କୁମର ନାବାଳିକାଙ୍କ ଘରେ ପଶି କବାଟ ବନ୍ଦ କରି ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସମ୍ପୃକ୍ତା ନାବାଳିକା ଚିତ୍କାର କରିବାରୁ କୁମର ତାଙ୍କ ପାଟିରେ ଗାମୁଛା ଭର୍ତ୍ତି କରି ହତ୍ୟା ଧମକ ଦେଇ ବଳାତ୍କାର କରିଥିଲେ। ଘର ପାଖରେ ରହୁଥିବା ପଡ଼ୋଶୀଙ୍କ ଝିଅ ପୀଡ଼ିତାଙ୍କ ଚିତ୍କାର ଶୁଣି ଘର ଚାଳ ଫାଙ୍କରେ ଦେଖିଥିଲେ। ସେତେବେଳେ କୁମର ନାବାଳିକାଙ୍କୁ ବଳାତ୍କାର କରୁଥିବା ଦେଖି ସେ ଖିଡ଼ିକିଦିଆହୋଇଥିବା କବାଟକୁ ଗୋଇଠା ମାରି ଫିଟାଇ ଦେଇଥିଲେ। ଫଳରେ କୁମର ସେଠାରୁ ଖସି ପଳାଇଥିଲେ। ପୀଡ଼ିତାଙ୍କ ମା' ବାପା ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୧୨୪/୨୫) ରୁଜୁ କରି ତଦନ୍ତ ଚଳାଇଛି।

## ଆଇନଶୃଙ୍ଖଳା ସ୍ଥିତି ସ୍ୱାଭାବିକ କରିବାକୁ ପଦକ୍ଷେପ ନିଅନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୧୨।୮ (ସୁନିତ୍ ମିଶ୍ର)

ରାଜନଗର ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ପରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ଆଣି ସରକାରଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି, ବଳାତ୍କାର ଓ ଗଣବଳାତ୍କାର ରାଜ୍ୟରେ ନିତିଦିନିଆ ଘଟଣା ପାଲଟିଲାଣି। ପବିତ୍ର ରାଖୀ ପୂର୍ଣ୍ଣିମାରେ ରାଜନଗର ଅଞ୍ଚଳର ଜଣେ ଦଳିତ ନାବାଳିକାଙ୍କୁ ତାଙ୍କ ପିଉସା ଓ ଅନ୍ୟ ୪ଜଣ ଦୁର୍ବୃତ୍ତ ଗଣବଳାତ୍କାର କରିବା ସହିତ ଭିଡିଓ ଉତ୍ତୋଳନ କରିଥିଲେ। ପୀଡ଼ିତା ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନ ଥିଲେ। ଦୁର୍ବୃତ୍ତମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ। ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ, ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଥିଲେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ। ସରକାର ଆଇନଶୃଙ୍ଖଳା ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଧ୍ରୁବ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ।**

ଭଗବାନ ଯାହା କରିପାରିବେ ତାହା ଅନ୍ୟ କେହି କରିପାରିବେ ନାହିଁ। ସେ ହିଁ ସଂସାରରେ ସର୍ବକ୍ଷମତାପନ୍ନ ହେବା ସହ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଚି କଲ୍ୟାଣ ମାଗି ଓଳିକି**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଳିଗି ମାଗିବା ଭଳି ବାଚଳତା ଜନ୍ମେ। ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡେନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବାଲେଶ୍ୱରରେ କଂଗ୍ରେସର ନାରୀ ନ୍ୟାୟ ଯାତ୍ରା ୨୨ରେ

**ଭୁବନେଶ୍ୱର,୧୨।୮(ରବିନାରାୟଣ ଜେନା):** ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ସମେତ ରାଜ୍ୟରେ ନାରୀ ନିର୍ଯାତନାର ଶିକାର ହୋଇଥିବା ସମସ୍ତଙ୍କ ପାଇଁ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୦ଟାରେ ବାଲେଶ୍ୱରରେ ପିସିସି ନାରୀ ନ୍ୟାୟ ପଦଯାତ୍ରା କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସିନେମାହଲ୍ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟାନ୍ୟ କଂଗ୍ରେସ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ବାହାରିବେ। ଉକ୍ତ ଶୋଭାଯାତ୍ରା ଫକୀରମୋହନ କଲେଜ, ଆଜିମାବାଦ, ସଦର ଥାନା ଛକ ଦେଇ ଗାନ୍ଧୀ ସ୍ମୃତିଭବନ ପ୍ରାଙ୍ଗଣରେ ପହଞ୍ଚିବ।




# ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ତତ୍ପର ହେଉ

## ■ ଆଇନଶୃଙ୍ଖଳା ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
## ■ ଗଠନ ହେବ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ରାଜ୍ୟର ଜନସାଧାରଣ ଯେପରି ସୁରକ୍ଷିତ ରହିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା ଅବସରରେ କହିଥିଲେ, ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟସହନଶୀଳ ନୀତି ଜାରି ରହିଛି। ଏହି ନୀତିକୁ ଆଧାରକରି ପୋଲିସ ସବୁ ସମୟରେ ଆକ୍ସନ ମୋଡ୍‌ରେ ରହୁ। ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୋଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଂ କରିବା ଆବଶ୍ୟକ। ବୈଠକରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋର୍‌ଦାର କରିବା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଟ୍ରାଫିକ୍ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପଡ଼ୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନ୍‌ସୁଗାର ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ଏବଂ କଡ଼ାକଡ଼ି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ରାଜ୍ୟରେ ନିଖୋଜ ମହିଳା ଓ ଶିଶୁଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଗତ ଏକ ବର୍ଷ ମଧ୍ୟରେ ୮,୦୩୫ ମହିଳା ଓ ୩,୩୦୬ ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି ବୋଲି ବୈଠକରୁ ଜଣାପଡ଼ିଛି। ପୋଲିସ ବିଭାଗରେ ଖାଲିରହୁଥିବା ପଦବୀଗୁଡ଼ିକ ଯଥାଶୀଘ୍ର ପୂରଣ କରାଯିବ। ବୈଠକରୁ ଜଣାପଡ଼ିଛି ଯେ, ରାଜ୍ୟରେ ପୋଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନକଲେ ଜଣାପଡ଼ିଛି ଯେ, ବିଗତ ଏକ ବର୍ଷ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି। ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରାଚାଲାଣ ଏବଂ ଜାମିନ୍‌ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ହେବ ୨ ସେମିକଣ୍ଡକ୍ଟର ୟୁନିଟ୍

## ପ୍ରଧାନମନ୍ତ୍ରୀ ଓ ଅଶ୍ୱିନୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨।୮ (ପି.ଟି./ରବିନାରାୟଣ ଜେନା)




ମୋହନ ଚରଣ ମାଝୀ


ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱରରେ ୨ଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ପ୍ରସ୍ତାବକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'X'ରେ କହିଛନ୍ତି, ଏହାଦ୍ୱାରା ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ରାଜ୍ୟରେ ନିବେଶ ବୃଦ୍ଧି ପାଇବ। ସମ୍ପ୍ରତି ଓଡ଼ିଶା ସରକାରଙ୍କ ସଂଶୋଧିତ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଏବଂ ଫାବ୍‌ଲେସ୍ ପଲିସି-୨୦୨୩କୁ ରାଜ୍ୟ କ୍ୟାବିନେଟ୍ ଜୁଲାଇ ୧୬ରେ ଅନୁମୋଦନ ଦେଇଥିଲା। ଏଥିଯୋଗୁ ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ନୂତନ ସମ୍ଭାବନା ଦେଖାଦେଇଛି। ତେବେ କେନ୍ଦ୍ରର ଏହି ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ଅନୁମୋଦନ ଦ୍ୱାରା ରାଜ୍ୟର ଶିଳ୍ପ ଓ ପ୍ରଯୁକ୍ତିଗତ ଅଗ୍ରଗତିରେ ଏକ ବଡ଼ ମାଇଲଖୁଣ୍ଟ ହେବ। କେନ୍ଦ୍ରର ଏହି ସହଭାଗିତାପୂର୍ଣ୍ଣ ପ୍ରୟାସ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ। ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସହିତ ଭାରତ ଦୃଷ୍ଟିକୋଣ ପ୍ରତି ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଭୁବନେଶ୍ୱରରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା

### ବର୍ଷକୁ ୯.୬ କୋଟି ଚିପ୍ ଉତ୍ପାଦନ ଲକ୍ଷ୍ୟ

୨,୦୬୬ କୋଟି ଟଙ୍କା ବ୍ୟୟରେ ଏକ ସିଲିକନ୍ କାର୍ବାଇଡ୍ ସେମିକଣ୍ଡକ୍ଟର କାରଖାନା ପ୍ରତିଷ୍ଠା ହେବ। ସିଲିକନ୍ କାର୍ବାଇଡ୍ ଅତ୍ୟନ୍ତ ମଜଭୁତ୍ ସାମଗ୍ରୀ, ଯାହା ଅତି ଉଚ୍ଚ ତାପମାତ୍ରାରେ ମଧ୍ୟ ଅପରିବର୍ତ୍ତିତ ରହିଥାଏ। ଏହାକୁ ମିଶାଇଲ୍, ସାଟେଲାଇଟ୍, ଟେଲିକମ୍ ଟାୱାର, ରକେଟ୍, ରେଳ ଇଞ୍ଜିନ ଆଦିରେ ବ୍ୟବହାର କରାଯାଇଥାଏ। ଭୁବନେଶ୍ୱରରେ ନିର୍ମାଣ ହେବାକୁଥିବା ପ୍ଲାଣ୍ଟରୁ ବର୍ଷକୁ ୯.୬ କୋଟି ଚିପ୍ ଉତ୍ପାଦନ ହେବ। ସେହିପରି ଆମେରିକାର ବୃହତ୍ ଚିପ୍ ଉତ୍ପାଦନକାରୀ ସଂସ୍ଥା ଇନ୍‌ଟେଲ୍ ସମର୍ଥିତ ୩ଡି ଗ୍ଲାସ୍ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଓଡ଼ିଶାରେ ସ୍ଥାପନ ହେବାକୁ ଯାଉଛି। ଏଥିରେ ୧,୯୪୩ କୋଟି ଟଙ୍କା ନିବେଶ ହେବ। ହେଟେରୋଜେନିଅସ୍ ଇଣ୍ଟିଗ୍ରେଶନ ପ୍ୟାକେଜିଂ ସଲ୍ୟୁଶନ୍ସ ପ୍ରା. ଲିଃ ଏହାକୁ ସ୍ଥାପନ କରିବାକୁ ଥିବାବେଳେ ବାର୍ଷିକ ଉତ୍ପାଦନ କ୍ଷମତା ୫ କୋଟି ୟୁନିଟ୍ ରହିବ। ଆମେରିକାର ଲକ୍‌ହିଡ୍ ମାର୍ଟିନ ମଧ୍ୟ ଏହି ପ୍ରୋଜେକ୍ଟକୁ ସହାୟତା କରିବ ବୋଲି ମନ୍ତ୍ରୀ କହିଛନ୍ତି। ଆନ୍ଧ୍ରପ୍ରଦେଶରେ ଆଡ୍‌ଭାନ୍ସଡ ସିଷ୍ଟମ୍ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜିଜ୍ ଦ୍ୱାରା ୪୬୮ କୋଟି ଟଙ୍କା ବ୍ୟୟରେ ଏକ ଚିପ୍ ପ୍ୟାକେଜିଂ ପ୍ଲାଣ୍ଟ ନିର୍ମାଣକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୯.୬ କୋଟି ୟୁନିଟ୍ ରହିବ। ସେହିପରି ପଞ୍ଜାବରେ ୧୧୭ କୋଟି ବ୍ୟୟରେ ସିଡିଆଇଏଲ୍ ଏକ ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୫.୮ କୋଟି ୟୁନିଟ୍ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ସେକ୍ଟରରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଫଳରେ ଗତ ୧୧ ବର୍ଷ ମଧ୍ୟରେ ଏହି ସେକ୍ଟର ୬ ଗୁଣ ଅଭିବୃଦ୍ଧି କରି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ଅଶ୍ୱିନୀ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ରପ୍ତାନି ୮ ଗୁଣ ବଢ଼ି ୩.୩ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ମୋବାଇଲ୍ ଉତ୍ପାଦନ ୨୮ ଗୁଣ ବୃଦ୍ଧି ପାଇ ୫.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ୪ଟି ଦେଶ ସିଙ୍ଗାପୁର, ମାଲେସିଆ, ଜାପାନ ଓ କୋରିଆ ସହ ମିଶି ସେପ୍ଟେମ୍ବର ୨ରୁ ୪ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜନ କରିବାକୁ ଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ଆଇଟି ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ରାଜଧାନୀର ପ୍ରମୁଖ ସ୍ଥାନରେ ହେବାକୁ ଥିବା ଏହି ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ଆଗାମୀ ଦିନରେ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ।

# ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମୋହନ ଭାଗବତ



ଭୁବନେଶ୍ୱର, ୧୨।୮(ସୁନିତ୍ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେ ତିନି ଦିନିଆ ଓଡ଼ିଶା ଗସ୍ତ ସାରି ଆସନ୍ତା ୧୫ରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା କହିଛନ୍ତି। ସୁମନ୍ତ କହିଛନ୍ତି, ଭାଗବତ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସୁଛନ୍ତି। ସେ ୧୩ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ। ୧୪ରେ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ସେଦିନ ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଭୁବନେଶ୍ୱର ଫେରି ଆସିବେ। ୧୫ରେ ଭାଗବତ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ କହିଛନ୍ତି।




# ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପ୍ରକ୍ରିୟା ବିଜେଡି ସରକାର ଆରମ୍ଭ କରିଥିଲେ

ଭୁବନେଶ୍ୱର, ୧୨।୮(ସୁନିତ୍ ମିଶ୍ର)

ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ ବିଜେଡି ସରକାର ପ୍ରକ୍ରିୟା ଆରମ୍ଭ କରିଥିଲେ ବୋଲି ମଙ୍ଗଳବାର ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟ ନେଇଥିବା ନିଷ୍ପତ୍ତିର ମୂଳଦୁଆ ବିଜେଡି ସରକାର ଅମଳରେ ହୋଇଥିଲା। ଏଥିସକାଶେ ନିବେଶକମାନଙ୍କୁ ଆକୃଷ୍ଟ କଲାଭଳି ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶାର ୨ୟ ସଂସ୍କରଣ ୨୦୨୨ ଡିସେମ୍ବରରେ ଗ୍ରହଣ କରାଯାଇଥିଲା। ୨୦୨୩ରେ ସେମିକଣ୍ଡକ୍ଟର ଓ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ପଲିସି ପ୍ରଣୟନ କରାଯାଇଥିଲା। ଲଗାତର ଅନ୍ତର୍ଜାତୀୟ ସ୍ତରରେ ବହୁ ନିବେଶକଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ଓଡ଼ିଶାକୁ ଏକ ଅତ୍ୟାଧୁନିକ ଇଲୋକ୍ଟ୍ରୋନିକ ଉତ୍ପାଦ କେନ୍ଦ୍ର ରୂପେ ଗଢ଼ିତୋଳିବା ପାଇଁ ଆବଶ୍ୟକ ଇକୋସିଷ୍ଟମ ପ୍ରତିଷ୍ଠା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୦୨୪ରେ ଅନ୍ୟ ରାଜ୍ୟରେ ସେମିକଣ୍ଡକ୍ଟର ସ୍ଥାପନ ପାଇଁ ଘୋଷଣା କରାଯାଇଥିଲାବେଳେ ବର୍ତ୍ତମାନ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

# ବିଷପିଇ ଆତ୍ମହତ୍ୟା କଲେ ଚାଷୀ

ସୋନପୁର/ ବିନିକା,୧୨।୮ (ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଚୌକାମାଲ ଗାଁର ଚାଷୀ ସୁରେନ୍ଦ୍ର ବିଶ୍ୱାଳ(୪୨) ବିଷ ପିଇ ଆତ୍ମହତ୍ୟ କରିଛନ୍ତି। ମାନସିକ ଦୁଶ୍ଚିନ୍ତା କିମ୍ବା ପାରିବାରିକ କଳହରୁ ସେ ଧାନଚାଷରେ ବ୍ୟବହୃତ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ଚକାମନ ବିଶ୍ୱାଳଙ୍କ ତିନିପୁଅ ଯୋଗୀନ୍ଦ୍ର(୪୫), ସୁରେନ୍ଦ୍ର ଓ ମିଥୁନ(୩୦)। ଚକାମନଙ୍କ ବାର୍ଦ୍ଧକ୍ୟ କାରଣରୁ ତାଙ୍କ ସାଢ଼େ ୪ ଏକର ଜମିକୁ ପୁଅମାନେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଚଳିତ ଖରିଫ ଋତୁରେ ସୁରେନ୍ଦ୍ର ଧାନ ଚାଷ କରିଥିଲେ। ସିଆଲି ଓ ଚୌକାମାଲ ମୌଜାରେ ଥିବା ପୈତୃକ ଜମି ଭାଗବଣ୍ଟାକୁ ନେଇ ସୁରେନ୍ଦ୍ରଙ୍କର ବଡ ଭାଇ ଯୋଗୀନ୍ଦ୍ରଙ୍କ ସହିତ ବିବାଦ ଥିଲା। ଏ ନେଇ ଲଛିପୁର ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସି ଭୋଜରାଜ ସାଙ୍କ ପରାମର୍ଶକ୍ରମେ ରବିବାର ୩ ଭାଇ ଥାନାକୁ ଆସି ଆପୋସ ସମାଧାନ କରିଥିଲେ। ଆଲୋଚନା ମାଧ୍ୟମରେ ଜମି ବିବାଦ ସମାଧାନ ହୋଇଥିବା ନେଇ ତିନି ଭାଇ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଥିଲେ। ତେବେ ଘରକୁ ଫେରିବା ପରେ ସୁରେନ୍ଦ୍ର ଚିନ୍ତାରେ ଥିଲେ। ସୋମବାର ସେ କୀଟନାଶକ ପିଇ ଦେଇଥିଲେ। ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ନେଇ ମଙ୍ଗଳବାର ଅପରାହ୍ନରେ ଲଛିପୁର ଥାନାକୁ ଆସିଥିଲେ। ଚାପରେ ପଡି ସମାଧାନ କାଗଜାତରେ ଦସ୍ତଖତ କରିବା ପରେ ସୁରେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ବସିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ, ଯାହାକୁ ପୋଲିସ ଖଣ୍ଡନ କରିଛି।


ସୁରେନ୍ଦ୍ର ବିଶ୍ୱାଳ



MARUTI SUZUKI AUTHORISED DEALERS: NARAYANI MOTORS: BHUBANESHWAR: RASULGARH: 9583022012 JAGATSINGHPUR: 7381720639 PURI: 9583022035. NIMAPARA: 7381094851. PARADEEP: 9583022034 PURI HIGHWAY PIPLI: 9583022009. TIRTOL: 7381000159. ODYSSEY MOTORS: ANGUL: 7752076136, 9776901481, PALLAHARA: 7873565435, 7873550132. TUSHI MOTORS: CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450. JYOTE MOTORS: BHUBANESWAR: LEWIS ROAD: 9776615038, NAYAPALLI: 7064470102. TAMANDO: 9583000807. KEONJHAR: 8599019854. NAYAGARH: 7381028519. BALUGAON: 8093154878. ANANDPUR: 9853015932. KENDRAPARA: 9776615048. PATTAMUNDAI: 9938500513. Gothapatna: 7064470142. Jatni: 7064470084. BARBIL: 9599019897. BALASORE: 9776003548. BHADRAK: 8093122361. BARIPADA: 9437102597. UDALA: 9437101594. RAIRANGPUR: 7064499142. JALESWAR: 9437101594. BASUDEVPUR: 9437101594. SORO: 9437101594. KARANJIA: 9437101594. SKY AUTOMOBILES: BHUBANESWAR: PATIA: 7381045356. DHENKANAL: 9776900005. NARSHINGPUR: 9776900005. KAMAKHYANAGAR: 9776900005. CUTTACK: 9776677771, 7381873818. JAJPUR: 9776900777. SALEPUR: 7440011601. CHANDIKHOL: 9776900777. TANGI: 9776645715.
Creative visualisation. Accessories and features shown may not be part of standard fitment and may vary according to variant. Images used are for illustration purposes only. Black glass on the vehicle is due to lighting effect. Colours shown may vary from actual body colours due to printing on paper. *3 Years or 100 000 km whichever is earlier. Extendable up to 1 60 000 km or 6 Years. **T&C apply.

# ବୁଲା କୁକୁର

ଭାରତରେ ବୁଲା କୁକୁରଙ୍କ ସଂଖ୍ୟା ୨୦୧୯ ପ୍ରାଣୀ ଗଣନା ତଥ୍ୟ ଅନୁଯାୟୀ ୬ କୋଟି। ୨୦୨୫ରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଥିବ। ଓଡ଼ିଶାରେ ଏହି କୁକୁରଙ୍କ ସଂଖ୍ୟା ପାଖାପଖି ୧୮ ଲକ୍ଷ ବୋଲି କୁହାଯାଉଛି, ଯାହା ଉତ୍ତର ପ୍ରଦେଶ ପରେ ଦ୍ୱିତୀୟ ସର୍ବାଧିକ। ବୁଲା କୁକୁର ଗାଁ ଗହଳିଠାରୁ ସହର ବଜାର ଗଳିକନ୍ଦି ଓ ରାସ୍ତା ଉପରେ ଯେଭଳି ବୁଲିଥାଆନ୍ତି ଏବଂ ସେମାନଙ୍କ ଯୋଗୁ ଯେତେ ପ୍ରକାର ଦୁର୍ଘଟଣା ଘଟିଥାଏ ତାହା ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥାଆନ୍ତି। ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କ ଉପଦ୍ରବ ଓ ଜଳାତଙ୍କ ରୋଗରେ ମୃତ୍ୟୁ ମାମଲାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନିଜ ଆଡୁ ୧୧ ଅଗଷ୍ଟ ୨୦୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳରେ ଥିବା ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ବିଭିନ୍ନ ଆବାସିକ ଅଞ୍ଚଳରୁ ଉଠାଇ ନେଇ ଆଶ୍ରୟସ୍ଥଳରେ ରଖିବାକୁ କୁହାଯାଇଛି। ଏଥିରେ କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ବାଧା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ପରେ ପ୍ରାଣୀପ୍ରେମୀ ସଙ୍ଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। କୁକୁରଙ୍କ ସ୍ୱାଧୀନତା ପାଇଁ ଲଢୁଥିବା ବ୍ୟକ୍ତି ବା ସଙ୍ଗଠନ ନିଶ୍ଚିତ ଉପରୋକ୍ତ ନିର୍ଦ୍ଦେଶକୁ ବିରୋଧ କରିବେ ଜାଣି ଖଣ୍ଡପୀଠ କହିଥିଲେ ଜଳାତଙ୍କ ରୋଗରେ ପ୍ରାଣ ହରାଇଥିବା ଲୋକଙ୍କ ଜୀବନକୁ ଫେରାଇ ଆଣିପାରିବେ କି ? ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ବିତର୍କକୁ ଜନ୍ମ ଦେଇଛି। ପ୍ରାଣୀପ୍ରେମୀ ଅଦାଲତଙ୍କ ରାୟକୁ ସମାଲୋଚନା କରିଥିବା ବେଳେ କୁକୁର ଉପଦ୍ରବକୁ ସିଧାସଳଖ ଅନୁଭବ କରୁଥିବା ବ୍ୟକ୍ତିବିଶେଷ ସ୍ୱାଗତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବଲାଙ୍ଗୀର ଜିଲାରେ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆଙ୍କ ସମେତ ଦୁଇ ଜଣ କୁକୁର କାମୁଡ଼ାରେ ପ୍ରାଣ ହରାଇବା ଅସଂଖ୍ୟ ଘଟଣା ମଧ୍ୟରୁ ଗୋଟିଏ। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତି ୧୦ ସେକେଣ୍ଡରେ ଜଣେ କୁକୁର କାମୁଡ଼ାର ଶିକାର ହେଉଛନ୍ତି। ବିଶ୍ୱରେ ଭାରତର ସବୁଠୁ ଅଧିକ ବୁଲା କୁକୁର ଥିବା ବେଳେ ଜଳାତଙ୍କ ରୋଗରେ ମଧ୍ୟ ସର୍ବାଧିକ ଭାରତୀୟଙ୍କ ମୃତ୍ୟୁ ଘଟୁଛି (ବିଶ୍ୱ ଜଳାତଙ୍କଜନିତ ମୃତ୍ୟୁର ୩୬ ପ୍ରତିଶତ)।

> କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।

ଏଭଳି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। କାରଣ ଏଥିରେ ବାସ୍ତବତାର ଘୋର ଅଭାବ ପରିଲକ୍ଷିତ ହେଉଛି। ମାତ୍ର ୮ ସପ୍ତାହ ମଧ୍ୟରେ ପାଖାପାଖି ୧୦ ଲକ୍ଷ କୁକୁରଙ୍କୁ ଦିଲ୍ଲୀ ବାହାରେ ଥଇଥାନ କରିବାକୁ ହେଲେ କେଉଁ ଆଶ୍ରୟସ୍ଥଳୀରେ ରଖାଯିବ କୋର୍ଟ କହିନାହାନ୍ତି। କୋର୍ଟଙ୍କୁ ମଧ ଜଣାଥାଇପାରେ ଏପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର୍‌ରେ ଗୋଟିଏ ବି ସରକାରୀ ଆଶ୍ରୟସ୍ଥଳୀ ନାହିଁ। ଏତେ ଅଧିକ ସଂଖ୍ୟକ କୁକୁରଙ୍କ ପାଇଁ କେତୋଟି ଓ କେତେ ବଡ଼ ଆଶ୍ରୟସ୍ଥଳୀର ଆବଶ୍ୟକତା ରହିବ, ତାହା ସକାଶେ ଜାଗା କେଉଁଠି ଚିହ୍ନଟ ହେବ, କେତେ ସମୟ ଭିତରେ ନିର୍ମାଣ କାର୍ଯ୍ୟ ସରିବ, କେତେ ସଂଖ୍ୟକ ଲୋକ ଆଶ୍ରୟସ୍ଥଳୀରେ ନିୟୋଜିତ ହେବେ, କେତେ ପ୍ରାଣୀ ଚିକିତ୍ସକ ଓ ଆମ୍ବୁଲାନ୍ସ ଦରକାର ପଡ଼ିବ ଏବଂ ଏସବୁ ସହ ଔଷଧ, ଟିକା, ଖାଦ୍ୟ ପାଇଁ କେତେ ଅର୍ଥ ଏକକାଳୀନ ଓ ନିୟମିତ ଭାବେ ଖର୍ଚ୍ଚ ହେବ ; ସେ ବିଷୟରେ କିଛି କୁହାଯାଇନାହିଁ। ଏସବୁ ଦିଗ ସ୍ପଷ୍ଟ ନ ହେଲେ ୮ ସପ୍ତାହ କ'ଣ ୮ ବର୍ଷରେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା କାଠିକର ପାଠ। ସାଧାରଣତଃ ରାସ୍ତା ଉପରେ ବୁଲୁଥିବା ଗୋରୁଙ୍କର ମାଲିକ ଅଛନ୍ତି। ମ୍ୟୁନିସିପାଲିଟି ସେଗୁଡ଼ିକୁ ରାସ୍ତାରୁ ହଟାଇପାରୁ ନାହିଁ। ସେଭଳି ସ୍ଥଳେ କୁକୁରଙ୍କୁ ଥଇଥାନ କରିବା କଷ୍ଟକର ବ୍ୟାପାର। ସବୁଠାରୁ ବଡ଼ କଥା ହେଲା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ଉପଯୁକ୍ତ ପଦ୍ଧତିରେ କରାଯିବା ଦରକାର। ସେଭଳି କୁକୁରଙ୍କ ଟ୍ୟାଗିଂ ହେଲେ ପ୍ରକ୍ରିୟା ଆହୁରି ସହଜ ହେବ। ଏଥିସହିତ ଜଳାତଙ୍କ ରୋଗ ନ ବ୍ୟାପିବା ସକାଶେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତେବେ ୨୦୨୪ର ଏକ ତଥ୍ୟରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୨୦୨୨-୨୩ରେ ୮ଟି ସହରରେ ୪,୬୦୫ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିଲା। ଆମ ରାଜ୍ୟରେ ୧୮ ଲକ୍ଷ କୁକୁର ମଧ୍ୟରୁ ଯଦି ଏହି ସୀମିତ ସଂଖ୍ୟାର ବନ୍ଧ୍ୟାକରଣକୁ ଦେଖାଯାଏ, ତେବେ ଟାର୍ଗେଟ ପୂରଣ କରିବା ଅସମ୍ଭବ ମନେହେଉଛି।

କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।

# ସମବାୟରେ ଦାରିଦ୍ର୍ୟ ଦୂରୀକରଣ



ପ୍ରତାପ ଚନ୍ଦ୍ର ସାମଲ

ଭାରତର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ସେହି ତୁଳନାରେ ସାଧାରଣ ଲୋକଙ୍କର ଆର୍ଥିକ ବିକାଶର ଆଶାତୀତ ଭାବେ ବୃଦ୍ଧି ନ ପାଇବାରୁ ଗରିବ ଲୋକମାନେ ବିଭିନ୍ନ ପ୍ରକାର ବେଉସାକୁ ଆପଣାଉଛନ୍ତି। ଛେଳି ପାଳନ ତନ୍ମଧ୍ୟରୁ ଅନ୍ୟତମ। ଛେଳି ପାଳନ ଗରିବ ଲୋକଙ୍କ ଆର୍ଥିକ ସହାୟତାର ଆଶାବାଡ଼ି। ଛେଳିର କ୍ଷୀର, ମାଂସ, ଚମଡ଼ା, ଗୋବର ପ୍ରଭୃତି ଲୋକେ ବ୍ୟବହାର କରନ୍ତି। ବିଶେଷକରି ଛେଳି କ୍ଷୀର ଭିଟାମିନ ସାରଯୁକ୍ତ, ଛେଳି କ୍ଷୀରରେ ଗାଈ କ୍ଷୀର ତୁଳନାରେ ବହୁତ କମ୍ ଚର୍ବିଥାଏ। ଏହା ମା' କ୍ଷୀର ସହିତ ସମାନ ଥିବାରୁ ଶିଶୁମାନଙ୍କ ଖାଦ୍ୟଭାବରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଶିଶୁର 'ଧର୍ମ ମା' ଭାବେ ଛେଳି ପରିଚିତ। ଛେଳି କ୍ଷୀର ଅତ୍ୟନ୍ତ ଭିଟାମିନ୍ ସାରଯୁକ୍ତ, ଜୀର୍ଣ୍ଣକାରକ ତଥା ଔଷଧୀୟ ଗୁଣକାରକ ହେତୁ ଜାତିର ପିତା ମହାତ୍ମା ଗାନ୍ଧୀ ଛେଳିକ୍ଷୀର ବ୍ୟବହାର କରୁଥିଲେ। ଛେଳିର ଗୋବର ଖତ ଅନ୍ୟାନ୍ୟ ଗୋ ମେଷାଦି ପ୍ରାଣୀର ଗୋବର ଖତ ତୁଳନାରେ ଅଧିକ ଶସ୍ୟ ଉତ୍ପାଦନକାରୀ।

ଅନେକ ଧନୀ ଲୋକ ସମାଜର ଗରିବଙ୍କୁ ଛେଳିପାଳନ ଭାଗକୁ ଲଗାଇ ଅଧେ ମୂଲ୍ୟ ପାଆନ୍ତି ଆଉ ଅଧେ ପାଳନକାରୀ ପାଆନ୍ତି। ଆଜିକାଲି ଗାଈକ୍ଷୀର ସହିତ ଛେଳିକ୍ଷୀର ମିଶି ପ୍ରକ୍ରିୟାକରଣ ଉପାୟରେ ଅଧିକ ବହଳିଆ ହେଉଥିବାରୁ ଏହାକୁ ପ୍ୟାକେଟ୍ କରାଯାଇ ବଜାରରେ ବିକ୍ରି କରାଯାଉଛି। ଫଳରେ ଏହାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି। ଆଗକାଳରେ ଯେଉଁ ମା' ମାନଙ୍କର କ୍ଷୀର ତା'ର ଶିଶୁପାଇଁ ଯଥେଷ୍ଟ ହେଉ ନ ଥିଲା ସେମାନେ ଛେଳି କ୍ଷୀରକୁ ଶିଶୁର ପାନୀୟ ଭାବେ ବ୍ୟବହାର କରୁଥିଲେ।

ଧନୀ ଲୋକଙ୍କ ଶୋଷଣରୁ ଗରିବଙ୍କୁ ମୁକ୍ତ କରାଇବା ପାଇଁ ୧୯୬୯ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବୃହତ୍ତମ ବେସରକାରୀ ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ ଘୋଷଣା କରି ବ୍ୟାଙ୍କ ଦ୍ୱାରା କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ଚୟନ କରିବା ସହିତ ସମବାୟ ବ୍ୟାଙ୍କ ଚାଷୀମାନଙ୍କୁ ଅତିରିକ୍ତ ଆର୍ଥିକ ଆୟ ବୃଦ୍ଧି ସକାଶେ ରିହାତି ଋଣ ସୂତ୍ରରେ ଛେଳିପଲ ଯୋଗାଇଥିଲେ। ଚାଷୀମାନେ ବିଲ କାମ କରୁଥିଲା ବେଳେ ସେମାନଙ୍କର ପିଲାମାନେ ଛେଳି ଚରାଇ କିଛି ଅର୍ଥ ଉପାର୍ଜନ କରି ପରିବାରର ଖର୍ଚ୍ଚ ତୁଲାଇବାକୁ ଭାଗୀଦାରି ହେଉଥିଲେ। ୧୯୮୦ ମସିହାରେ ସମାଜର ଭୂମିହୀନ ଓ ଅତି ଦରିଦ୍ରତମ ଲୋକମାନଙ୍କର ଦାରିଦ୍ର ଦୂରୀକରଣ କରିବା ପାଇଁ ସରକାର ବ୍ୟାଙ୍କମାନଙ୍କ ଜରିଆରେ ରିହାତି ଋଣସୂତ୍ରରେ ଛେଳିପଲ ଯୋଗାଇବା ଆରମ୍ଭ କରିଥିଲେ।



ଛେଳି ଖୁରାରେ ଅଧିକ ମୃତ୍ତିକା କ୍ଷୟ ହୋଇ ଜମିଗୁଡ଼ିକ ମରୁଭୂମି ହୋଇଯିବ ବୋଲି ପୁରୁଣା କଥା ଅଛି। ଯୋଜନା କମିଶନର ପୂର୍ବତନ ସଭ୍ୟ ଅର୍ଥନୀତିଜ୍ଞ ଡା. ହନୁମନ୍ତ ରାଓ କମିଟି ଏହା ଉପରେ ତର୍ଜମା କରି ଉକ୍ତ ତଥ୍ୟର ପ୍ରାମାଣିକ ଭିତ୍ତି ନ ଥିବାର ରିପୋର୍ଟ ପ୍ରଦାନ କରିବାରୁ ଦାରିଦ୍ର୍ୟ ଦୂରୀକରଣରେ ଛେଳି ପାଳନକୁ ସରକାର ତଥା ବ୍ୟାଙ୍କମାନେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଥିଲେ।

ବିଶେଷକରି ଗୋମେଷାଦି ପ୍ରାଣୀ ତୁଳନାରେ ଛେଳି ଶୁଷ୍କ ଜଳବାୟୁରେ ସୁରୁଖୁରୁରେ ଜୀବନଧାରଣ କରିପାରୁ ଥିବାରୁ ରାଜସ୍ଥାନରେ ଦରିଦ୍ର ଲୋକମାନେ ଛେଳି ପାଳନକୁ ପ୍ରଧାନ ସମ୍ବଳ ଭାବରେ ଆଦରି ନେଇଛନ୍ତି। ରାଜ୍ୟ ସରକାର ଏହି ଯୋଜନାକୁ ଫଳପ୍ରଦ କରିବା ପାଇଁ ରିହାତି ଋଣ ସୂତ୍ରରେ ଗରିବ ଲୋକଙ୍କୁ ପଲ ପଲ ଛେଳି ଋଣ ଯୋଗାଇ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବାରେ ବିଶେଷ ସାହାଯ୍ୟ କରୁଛନ୍ତି। ଛେଳି ରଖିବାରେ ଅନ୍ୟ ପ୍ରାଣୀ ତୁଳନାରେ ଛୋଟ ଗୁହାଳ ନିର୍ମାଣ ଓ କମ୍ ଚାରଣ କ୍ଷେତ୍ରର ଆବଶ୍ୟକ ହେତୁ ଗରିବ ଲୋକମାନେ ଛେଳି ପାଳନକୁ ଅଧିକ ପସନ୍ଦ କରୁଛନ୍ତି। ରାଜସ୍ଥାନର ମରୁଭୂମି ଛେଳିପାଳନ ପାଇଁ ଉପଯୁକ୍ତ ଓ ପ୍ରଶସ୍ତ କ୍ଷେତ୍ର ହୋଇଥିବାରୁ ଲୋକମାନଙ୍କର ଆଗ୍ରହ ଏଥିପ୍ରତି ବୃଦ୍ଧି ପାଉଛି। ମରୁଭୂମିରେ ଉଠିଥିବା କଣ୍ଟାଜାତ ଗଛର ପତ୍ରକୁ ଛେଳି ସହଜରେ ଖାଇପାରେ।

ଗରିବ ଲୋକମାନେ ଛେଳି ସମବାୟ ସମିତି ଗଠନ କରି ସମିତି ମାଧ୍ୟମରେ ବହୁସଂଖ୍ୟାରେ ଛେଳି ରଖିଲେ ମଧ୍ୟସ୍ଥଙ୍କ ଶୋଷଣରୁ ମୁକ୍ତ ହୋଇ ସମବାୟ ସମିତିମାନଙ୍କ ସହଯୋଗରେ ମାଂସ ଓ କ୍ଷୀର ବିକ୍ରିର ଦାୟିତ୍ୱ ନେବା ଦ୍ୱାରା ସଭ୍ୟମାନେ ବେଶି ମାତ୍ରାରେ ଉପକୃତ ହୋଇପାରୁଛନ୍ତି। ଛେଳି ପାଳନ ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇପାରିଛି। ବ୍ୟାଙ୍କମାନେ ସମବାୟ ସମିତିକୁ ପାଣ୍ଠି ଯୋଗାଇ ଠିକ୍ ସମୟରେ ଛେଳିଋଣ ନେଇଥିବା ଋଣୀମାନଙ୍କଠାରୁ ଠିକ୍ ସମୟରେ କିସ୍ତି ଆଦାୟ କରିପାରୁଛନ୍ତି। ଓଡ଼ିଶାରେ ବିସ୍ତୀର୍ଣ୍ଣ ପାହାଡ଼ିଆ ଅଞ୍ଚଳ ଥିବାରୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଲୋକମାନଙ୍କ ଦ୍ୱାରା ଛେଳି ପାଳନ ଲାଭଜନକ ହୋଇପାରିଛି। ଏ ପ୍ରକାର ସୁବିଧା ସାଧାରଣ ଲୋକମାନେ ନେବାପାଇଁ ସରକାରଙ୍କ ଦ୍ୱାରା ଅଧିକ ପ୍ରଚାର ଓ ପ୍ରସାର ହେବା ଆବଶ୍ୟକ।

ବିଶ୍ୱ ଦରବାରରେ ବିଭିନ୍ନ ଦେଶ ଗୃହପାଳିତ ଗୋମେଷାଦି ପଶୁ ସମ୍ପଦ ମଧ୍ୟରେ ଛେଳି ମାଂସ ଓ କ୍ଷୀର ଯୋଗାଇବାରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି। ପୃଥିବୀର ଗୋମେଷାଦି ମୋଟ ସଂଖ୍ୟାରୁ ଛେଳି ସଂଖ୍ୟା ଶତକଡ଼ା ୪୪ ଭାଗ। ବର୍ତ୍ତମାନ ପୃଥିବୀର ଛେଳି ସଂଖ୍ୟା ୧୨୦ କୋଟି ମଧ୍ୟରୁ ଭାରତରେ ଏମାନଙ୍କ ସଂଖ୍ୟା ୧୪ କୋଟି ୮୮ ଲକ୍ଷ ୪୭ ହଜାର। ସମଗ୍ର ଏସିଆ ମହାଦେଶରେ ପୃଥିବୀର ମୋଟ ଛେଳି ସଂଖ୍ୟାର ୬୦ ଭାଗ ଭାରତରେ ଦେଖିବାକୁ ମିଳେ। ଯାହାକି ଏହି ସଂଖ୍ୟା ୨୬ ଅକ୍ଟୋବର ୨୦୨୩ ସୁଦ୍ଧା ପ୍ରକାଶ କରାଯାଇଛି। ସମଗ୍ର ପୃଥିବୀରେ ଖାଦ୍ୟଭାବେ ଛେଳି ମାଂସ ବାର୍ଷିକ ୭୫ ଲକ୍ଷ ଟନ୍ ଓ କ୍ଷୀର ୨୦୦ ଲକ୍ଷ ଟନ୍ ଆବଶ୍ୟକ ହେଉଥିଲା ବେଳେ ଏସିଆ ମହାଦେଶର ଛେଳିମାନଙ୍କ ଦ୍ୱାରା ୩୮ ଲକ୍ଷ ଟନ୍ ମାଂସ ଓ ୮୦ ଲକ୍ଷ ଟନ୍ କ୍ଷୀର ମିଳିପାରୁଛି। ଭାରତରେ ମୋଟ ଗୋମେଷାଦି ସଂଖ୍ୟାରୁ ଶତକଡ଼ା ୩୦ ଭାଗ ହେଉଛି ଛେଳିସଂଖ୍ୟା। ସମୁଦାୟ ବାର୍ଷିକ କୃଷି ଓ ଆନୁଷଙ୍ଗିକ ଗୋମେଷାଦି ପାଳନରୁ ଛେଳିମାନେ କେବଳ ଶତକଡ଼ା ୧୯ ଭାଗ ଆର୍ଥିକ ଆୟ ଦେଉଛନ୍ତି। କୃଷି ଉତ୍ପାଦନ ୨୦୨୨-୨୩ ବର୍ଷ ମଧ୍ୟରେ ଶତକଡ଼ା ୫୭ ଭାଗକୁ ବୃଦ୍ଧି ପାଇଥିବା ସ୍ଥଳେ ଗୃହପାଳିତ ପଶୁସମ୍ପଦ ଶତକଡ଼ା ୩୭ ଭାଗକୁ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଗୋମେଷାଦି ପ୍ରାଣୀ ସମ୍ପଦରୁ ଅଧିକ ୬୦ ହଜାର କୋଟି ଟଙ୍କା ଆୟ ହୋଇପାରିବ ବୋଲି ଯୋଜନା ପ୍ରଣୟନ କରାଯାଇଛି। ଭାରତୀୟ ଅର୍ଥନୀତିରେ ଗତବର୍ଷ ଛେଳି ଦ୍ୱାରା ୧୦୦୦ କୋଟି ଟଙ୍କା ଆୟ କରାଯାଇପାରିଛି।

ଛେଳି ପାଳନରେ ଗ୍ରାମ୍ୟ ଅର୍ଥନୀତିର ବିକାଶ ତଥା ନିଯୁକ୍ତି ପରିସର ବୃଦ୍ଧିର ଗୁରୁତ୍ୱ ହେତୁ ଭାରତୀୟ କୃଷି ଗବେଷଣା ସଂସ୍ଥା, ଭାରତୀୟ ପଶୁ ଗବେଷଣା ସଂସ୍ଥା ଓ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥା ମିଶି ଛେଳିର ବଂଶବୃଦ୍ଧି ବିଶେଷକରି ଯମୁନା ପାରି ଓ ବାରବାରି ଜାତୀୟ ଦୁଇ ପ୍ରମୁଖ ଛେଳିର ବଂଶ ସୁରକ୍ଷା, ଛେଳିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଓ କ୍ଷୀର ପ୍ରକ୍ରିୟାକରଣରେ ଗବେଷଣା ଅବ୍ୟାହତ ରଖିଛନ୍ତି। ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ଏକ ଉପଯୁକ୍ତ ଯୋଜନା। ଓଡ଼ିଶା ସରକାର ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ଯୋଜନାକୁ ସୁଫଳ କରାଇପାରିଲେ ଅର୍ଥନୀତି ବିକାଶ ହୋଇପାରିବ। କାରଣ ଓଡ଼ିଶାର ସମବାୟ ବିଭାଗ ଏ ବିଷୟରେ ବିଶେଷ ଧ୍ୟାନ ଦେବେ ବୋଲି ଆଶା।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶେଷ ସାଥୀ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଜୀବନରେ ଶେଷ ସାଥୀ କିଏ ? ଏହାର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ। ବ୍ୟକ୍ତିଗତ ରୁଚି ଅନୁସାରେ ତାହାର ଉତ୍ତର ନିଶ୍ଚିତ ଭିନ୍ନ ହେବ। ତେବେ ମୁଖ୍ୟତଃ ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି ଅନୁରକ୍ତି ପ୍ରକଟ କରିବା ସ୍ୱାଭାବିକ। କେତେକ କ୍ଷେତ୍ରରେ ଏକାକୀ ରହୁଥିବା ପତି କିମ୍ବା ପତ୍ନୀଟିଏ ନିଜ ସନ୍ତାନକୁ ଜୀବନର ଶେଷ ଆଶ୍ରା ବୋଲି କହନ୍ତି। ଜୀବନର ଶେଷ ସମୟରେ ପୁଅ କାଳେ ବୃଦ୍ଧ ମାତାପିତାଙ୍କ ଆଶ୍ରା ହେବ ବୋଲି ଅନେକ ପିତାମାତା ଆଶାପ୍ରକଟ କରନ୍ତି। କିନ୍ତୁ ଆଜିକାଲିର ପରିସ୍ଥିତିରେ ପୁଅ ହୁଏତ ଏହାକୁ ଭୁଲ୍ ପ୍ରମାଣିତ କରୁଛି। ଅସହାୟ ଅବସ୍ଥାରେ ମାତାପିତାଙ୍କୁ ଛାଡ଼ି ନିଜର ସୁଖକର ଜୀବନ ଜିଇଁବାକୁ ପସନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ସମଗ୍ର ଭାରତୀୟ ପରିବାର ଆଜି ଆକ୍ରମାକ୍ରା। ସବୁଠି ସେଇ ଏକାପ୍ରକାର ଦୁଃଖର କୋହରାମ। ସବୁ ମାଆବାପାଙ୍କ ପାଟିରେ ଏକା ପ୍ରାୟ ଜୀବନ ସଙ୍ଗୀତ। ସେ ସଙ୍ଗୀତରେ କେବଳ କୋହ, ଦୁଃଖ ଏବଂ ଯାତନା ଭରପୂର। ତାକୁ ଯିଏ ଶୁଣିବ ସେ ବି ଲହରେଇ ଲହରେଇ କାନ୍ଦିବ। ଅଥଚ ସେ କାନ୍ଦର ସ୍ୱର କାହାକୁ ଶୁଭିବ ନାହିଁ। ବୟସ୍କବୟସ୍କାମାନେ ପରସ୍ପରକୁ ଭେଟିଲେ ଗୋଟିଏ ଚର୍ଚ୍ଚା ପୁଅଝିଅ କେମିତି ଅଛନ୍ତି, କୋଉଠି ଅଛନ୍ତି ଏବଂ ପଚରାପଚରି କରୁଛନ୍ତି ନା ନାହିଁ। ଉତ୍ତର ବି ସେଇ ଏକା ପ୍ରକାରର ଆସେ - 'ହଁ ! ଇଚ୍ଛା ହେଲେ ଫୋନ୍‌ଫାନ୍ କରନ୍ତି। ବର୍ଷେ ଦି ବର୍ଷରେ ଥରେ ମୁହଁ ଦେଖାଇବାକୁ ଆସନ୍ତି। କେବେକେବେ ଭିଡିଓ କଲ୍‌ରେ ମୁହଁ ଦେଖାଇ କୁଶଳ ଜିଜ୍ଞାସା କରନ୍ତି। ଆଉ କେହି କୁହନ୍ତି - "କ'ଣ କହିବି ଆଜ୍ଞା ! ବହୁ କଷ୍ଟରେ ପୁଅକୁ ବଡ଼ କଲି। ଚାକିରିବାକିରି କଲା। ବଡ଼ଘର ଝିଅକୁ ବାହାହେଲା। ଏବେ ବାପାମାଆ ତା' ପାଇଁ ପରଦେଶୀ।" ଏଭଳି ଆଉ କିଛି ଅସୁଖୀ ଉତ୍ତର ଶୁଣୁଥିବେ। ବାସ୍ତବିକ ସମାଜର ସ୍ଥିତି ବି ସେଇଆ। ଯନ୍ତ୍ରଣା ଭିତରେ ଚଳୁଛନ୍ତି ଆଜିର ବୟସ୍କ ମାଆବାପା। ଅବଶ୍ୟ ଅନେକଙ୍କ ନିକଟରେ ଚଳିବାକୁ କିଛି ଅଭାବ ନାହିଁ। ଚାକିରିରୁ ଅବସର ନେଇ ପେନ୍‌ସନ ପାଇ ବୁଢ଼ାବୁଢ଼ୀ ଘରେ ଚଳୁଛନ୍ତି। କିନ୍ତୁ ଜଣଙ୍କର ମୃତ୍ୟୁ ପରେ ଜୀବନ ଦୁର୍ବିଷହ ହୋଇପଡୁଛି। ଏକାକୀ ବଡ଼ ଘରେ ବଞ୍ଚିବା ସତରେ ଭାରି କଷ୍ଟ। ମନର କଥା କହିବାକୁ ଓ ଦୁଃଖ ଶୁଣିବାକୁ ପାଖରେ ଲୋକ ନାହାନ୍ତି। ନିଃସଙ୍ଗ ଜୀବନ ମଣିଷକୁ ଅସ୍ତବ୍ୟସ୍ତ କରୁଛି। ଏସବୁ ବଖାଣିବା ଭାରି କଷ୍ଟ ଓ ପୀଡ଼ାଦାୟକ।

କିନ୍ତୁ ଟିକେ ତଳେଇ ଦେଖିବା। ଆମ ସମାଜ ବାସ୍ତବରେ ସ୍ୱାର୍ଥପର ହୋଇଯାଇନି କି? ପୁଅ ନିଜ ସୁଖ ଚାହୁଁଛି। ମାଆବାପା ନିଜ ସୁଖ ପାଇଁ ପୁଅକୁ ଲୋଡୁଛନ୍ତି। ଏଭଳି ଅବସ୍ଥା ଭିତରେ ପରିବାର ବାଦେ ସମାଜରେ ଅନେକ ଅଛନ୍ତି ଯାହାକୁ ଆମେ କ୍ରମାଗତ ଭାବେ ଅଣଦେଖା କରିଆସୁଛୁ। କେବେ ପଚାରୁ ନ ଥିବା ଉଚ୍ଚ ଚାକିରି କରି ଥଇଥାନ ହୋଇଥିବା ପୁଅର ମାଆବାପାମାନେ ଅସଲରେ କରୁଛନ୍ତି କ'ଣ। ଏଇ ଦୁଃଖକୁ କ'ଣ ହରଣ କରିହେବନି। ନିଜ ହୃଦୟକୁ ଥରେ ଫେଡ଼ି ଦିଅ ଦେଖିବେ ଦୁଃଖ ବୋଲି ଯାହା ଛାତି ଭିତରେ ଜମାଟ ବାନ୍ଧିଛି ତାହା ନିମିଷକରେ ତରଳିଯିବ। ଯେଉଁ ଚିନ୍ତାରେ ଘାରି ହୋଇ ଅସମୟରେ ବହୁ ରୋଗକୁ ନିମନ୍ତ୍ରଣ କରୁଛନ୍ତି ତାହା ଉଭେଇଯିବ। କିନ୍ତୁ ଆମେ ସେପରି କରିପାରୁନୁ। ମୋଟା ଅଙ୍କର ପେନ୍‌ସନ ପାଉଥିବା ମଣିଷଟି ଯେତେବେଳେ ବଜାର ଯାଉଛି ତା'ର ଚରିତ୍ର ଧରାପଡୁଛି। ଦୂରଦୂରାନ୍ତରୁ ନିଜ ଉତ୍ପାଦିତ ଫସଲ ଧରି ଆସି ଫୁଟ୍‌ପାଥରେ ବସିଥିବା ଗରିବଗୁରୁବାଙ୍କ ସହ ଟଙ୍କେ ଦି ଟଙ୍କା ପାଇଁ ଯୁକ୍ତି କରୁଥିବେ। ଜବରଦସ୍ତି ଗୋଟେ ଲେମ୍ବୁ କି ଗୋଟେ ଫଳ ବିକ୍ରେତାଙ୍କ ପ୍ରତିରୋଧ ସତ୍ତ୍ୱେ ବ୍ୟାଗ୍‌ରେ ଭରୁଥିବେ। ଏଣେ ଘରେ ଖାଇବାକୁ ଲୋକ ନ ଥିବେ ବାହାରେ ବେପାରୀଙ୍କ ସହ ମୂଲଚାଲ କରୁଥିବେ। ପେନ୍‌ସନ ଗଣ୍ଡାକ ଦି ପ୍ରାଣୀ କୁଟୁମ୍ବକୁ ଢେର ହୋଇ ଯାହିତାହି ବଳୁଥିବ ଅଥଚ ଲୋଭ କମୁ ନ ଥିବ। ତାକୁ କେମିତି ସାଇତି ରଖିହେବ ସେଥିପାଇଁ ଯୋଜନା ଚାଲେଇଥିବେ। କାହାକୁ ହାତ ଟେକି ଦେବା, ବେଳ ଅବେଳରେ ହୃଦୟ ଖୋଲାକରି ସାହାଯ୍ୟ ଦେବାକୁ ତଥାପି ହେଉଥିବେ କେଡ଼େ କୁଣ୍ଠକୁଣ୍ଠ। ନିତି ସକାଳ ହେଲେ ଯେଉଁମାନଙ୍କୁ ନେଇ ଆପଣଙ୍କର ଦିନ ଆରମ୍ଭ ହୁଏ, ପୁଣି ଯାହାଙ୍କର ସହଚାର୍ଯ୍ୟରେ ଦିନଟି ଭଲରେ ଭଲରେ କଟି ଶାନ୍ତି ନିଦଟିଏ ହୁଏ, ସେଇ ମଣିଷମାନଙ୍କ ପ୍ରତି ଆମର ପ୍ରତିବେଦନ କ'ଣ। ସେମାନଙ୍କ ପ୍ରତି ଆମ ଆଭିମୁଖ୍ୟ କେମିତି ରହୁଛି ଥରେ ଚିନ୍ତା କରନ୍ତୁ। କେବେ ପଚାରୁ ନ ଥିବା ଦୂରରେ ଥିବା ନିଜର ମଣିଷ ଅଚିରେ ପର କରିଦେଉଛି। ତା' ପାଇଁ ଧନସମ୍ପତ୍ତି ସାଇତି ଝୁରି ଝୁରି ମଣିଷ ଆଖି ବୁଜୁଛି। ମରିବାର ତିନି ଚାରିଦିନ ପରେ କିଏ ଆସୁଛି ତ ପୁଣି କିଏ ଅନ୍‌ଲାଇନରେ ଭିଡିଓ କଲିଂ ଜରିଆରେ ମୁଖାଗ୍ନି ଦେଉଛି। ଆଉ ସେଇ ମଣିଷଙ୍କ ପାଇଁ ଭାରି ଚିନ୍ତା ଆମର। ଅଥଚ ପର ବୋଲି ଭାବୁଥିବା ଆମ ଚାରିପାଖର ମଣିଷ ସମୟ ଅସମୟରେ ଆସି ପାଖରେ ଛିଡ଼ାହୋଇ ଆମ ସୁଖଦୁଃଖର ସାଥୀ ହୋଇପାରୁଛି। ତଥାପି ସେଇମାନଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳିପାରୁନାହିଁ। ପର-ନିଜର ଭିତରେ ସମ୍ପର୍କକୁ ଖୋଜିଖୋଜି ମଲାଯାଏ ଗୋଟେ ଦ୍ୱିଧା କବଳିତ ଜୀବନକୁ ଧରି ବସୁଛୁ ପଛେ ମୋହରୁ ମୁକ୍ତି ପାଇପାରୁନାହୁଁ।



ଆଗକୁ ସମାଜର ବିକଳ ଚିତ୍ର ଆହୁରି କଦର୍ଯ୍ୟ ହେବ। ଗଲାବେଳେ ପାଖରେ ନିଜ ଲୋକ କେହି ନ ଥିବେ। ପର ବୋଲି ଭାବୁଥିବା ମଣିଷମାନେ ନିଜର ଭଳି ସବୁ ତୁଲାଇବେ। ଦୂରରେ ଥିବା ପୁତ୍ର ମୋହରୁ ମୁକ୍ତିର ବାଟ ଅବଶ୍ୟ ରହିଛି। ଆପଣ ସଞ୍ଚିଥିବା ସମ୍ପତ୍ତି କିଏ ଭୋଗ କରିବ ସତରେ ମରିବା ପରେ ଆପଣ ଜାଣିପାରିବେ କି? ଯଦି ନାହିଁ ତେବେ ମନକୁ ଥରେ ବଦଳାନ୍ତୁ। ହୃଦୟକୁ ଖୋଲି ଦିଅନ୍ତୁ। ଆମ ଚାରିପାଖର ମଣିଷମାନଙ୍କୁ ନିଜର ଭାବିବା ଆରମ୍ଭ କରନ୍ତୁ। ଭଲରେ ମନ୍ଦରେ ନିଜ ସାଧ୍ୟମତେ ସହଯୋଗ କରନ୍ତୁ। ଦେଖିବେ ଆପଣଙ୍କ ଶେଷ ଜୀବନ କେମିତି ବଦଳିଯିବ। କଳାଧଳାର ଦୁନିଆ ରଙ୍ଗିନ ରଙ୍ଗିନ ଲାଗିବ। ବଞ୍ଚିବାର ମୋହ ବଢ଼ିଯିବ। ଜୀବନ ପ୍ରତି ଲୋଭ ବଢ଼ିବ। ମଲା ପରେ କୋକେଇ ପାଇଁ ତଥାକଥିତ ପୁଅର କାନ୍ଧ ଅପେକ୍ଷା ଅନେକ ପୁଅଙ୍କ କାନ୍ଧ ଆଗେଇ ଆସିବ। ଆପଣଙ୍କ ଶେଷଯାତ୍ରା ଅନ୍ୟମାନଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଆଉ ସବୁଠାରୁ ବଡ଼ କଥା ଆପଣଙ୍କ ତିରୋଧାନ ପରେ ଆପଣଙ୍କ ଜୀବନ ସାଥୀର ଜୀବନ କାରୁଣ୍ୟମୟ ନ ହୋଇ ମଧୁମୟ ହେବ। ଆପଣ ଯଦି ବୟସ୍କ ମଣିଷ ଓ ସମ୍ପର୍କ ଖୋଜି ଖୋଜି ଦୁର୍ବିଷହ ଜୀବନ ଜିଉଁଛନ୍ତି ତେବେ ଜୀବନର ଶେଷ ସାଥୀଙ୍କୁ ଖୋଜିବାକୁ ଆଉ ବିଳମ୍ବ କାହିଁକି। ଆପଣଙ୍କ ଚାରିପାଖରେ ବହୁତ ଭଲ ମଣିଷ ଅଛନ୍ତି। ତାଙ୍କୁ ଆପଣାର କରିବାର ବେଳ ଆସିଯାଇଛି। ଏଣିକି ଆପଣଙ୍କର ନିଷ୍ପତ୍ତି!

**ଇନ୍ଦିରା ନଗର, ରାୟଗଡ଼ା**
**ମୋ:୯୪୩୭୯୦୯୬୭୧**

## ଏଇ ଭାରତରେ

ପ୍ରତିବର୍ଷ ଗୁଡ଼ି ମାଞ୍ଜା ସୂତାରେ ଅନେକ ହଜାର ପକ୍ଷୀ ଆହତ ହୋଇଥାନ୍ତି। ବିଶେଷକରି ସ୍ୱାଧୀନତା ଦିବସରେ ଦିଲ୍ଲୀରେ ସବୁଠୁ ବୋଇ ଗୁଡ଼ି ଉଡ଼ାଇବା ଦେଖାଯାଏ ଏବଂ ଏଥିରେ ମଧ୍ୟ ସର୍ବାଧିକ ପକ୍ଷୀ ଆହତ ହୋଇଥାନ୍ତି। ଏଭଳି ଆହତ ପକ୍ଷୀଙ୍କୁ ଉଦ୍ଧାର କରି ଦିଲ୍ଲୀର ୨ ଭାଇ ନଦିମ୍ ଶେଜାଦ ଓ ମହମ୍ମଦ ସାଉଦ ସେମାନଙ୍କର ଯତ୍ନ ନେଉଛନ୍ତି। ଦୁଇ ଦଶନ୍ଧିରୁ ଅଧିକ ହେଲା ଏମାନେ ୨୩,୦୦୦ରୁ ଊର୍ଦ୍ଧ୍ୱ ପକ୍ଷୀଙ୍କୁ ଉଦ୍ଧାର କରିସାରିଲେଣି। ଭେଟେରିନାରି ଡାକ୍ତରଙ୍କ ଦ୍ୱାରା ଆହତ ପକ୍ଷୀଙ୍କ ଚିକିତ୍ସା କରାଯାଉଛି। ପକ୍ଷୀମାନେ ଭଲ ହେବା ପରେ ସେମାନଙ୍କୁ ମୁକ୍ତ କରିଦିଆଯାଉଛି। ୨୦୦୩ରୁ ୨୦୧୦ ମଧ୍ୟରେ ସେମାନେ ନିଜସ୍ୱ ଉଦ୍ୟମରେ ଦିଲ୍ଲୀରୁ ବିଭିନ୍ନ ପ୍ରଜାତିର ୪୦୦ ପକ୍ଷୀ ଉଦ୍ଧାର କରିଥିଲେ। ପରେ 'ୱାଇଲ୍ଡଲାଇଫ୍' ଗଠନ କରି ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରିଥିଲେ। ସେବେଠାରୁ ଏଯାବତ୍ ୧୦୦ ପ୍ରଜାତିର ମୋଟ ୨୩,୦୦୦ରୁ ଊର୍ଦ୍ଧ୍ୱ ପକ୍ଷୀ ଉଦ୍ଧାର କରିସାରିଛନ୍ତି। ଯେକୌଣସି ବ୍ୟକ୍ତି କିମ୍ବା ଦିଲ୍ଲୀ ପୋଲିସ ଓ ଫାୟାର ସର୍ଭିସ୍ ପକ୍ଷରୁ କଲ୍ ପାଇଲାମାତ୍ରେ ଏନ୍‌ଜିଓର ସଦସ୍ୟ ସେଠାରେ ପହଞ୍ଚି ପକ୍ଷୀଙ୍କୁ ଉଦ୍ଧାର କରୁଛନ୍ତି। ଯେଉଁ ପକ୍ଷୀ ଚିକିତ୍ସିତ ପରେ ଉଡ଼ିବାକୁ ଅକ୍ଷମ, ସେମାନଙ୍କ ଲାଗି ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୭୬**

- ପ୍ରବଳ ବର୍ଷା ଲାଗିରହିବା ଫଳରେ ଅମୃତସର ସହରରେ ବହୁ କୋଠାବାଡ଼ି ଭାଙ୍ଗିଯିବା ସହ ୧୪ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଜମ୍ମୁ ଓ କଶ୍ମୀରର ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର।
- ପରୀକ୍ଷା ପଦ୍ଧତିର ସଂସ୍କାର ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ପକ୍ଷରୁ କେତେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| | 4 | 3 | 8 | | | | 9 | |
| 7 | 8 | | | 6 | | | | 4 |
| | | 8 | | | | 3 | 5 | |
| | | | | | | | | 7 |
| | | | | | 4 | | | |
| | 7 | | 9 | 1 | | 5 | | |
| 5 | 6 | | 3 | | | 4 | | |
| 9 | | | | 5 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 6 | 2 | 3 | 8 | 4 | 5 |
| 4 | 5 | 2 | 8 | 7 | 9 | 3 | 1 | 6 |
| 8 | 6 | 3 | 1 | 4 | 5 | 9 | 2 | 7 |
| 6 | 9 | 1 | 7 | 8 | 2 | 5 | 3 | 4 |
| 2 | 8 | 7 | 5 | 3 | 4 | 1 | 6 | 9 |
| 5 | 3 | 4 | 9 | 6 | 1 | 7 | 8 | 2 |
| 9 | 1 | 8 | 2 | 5 | 6 | 4 | 7 | 3 |
| 7 | 4 | 6 | 3 | 9 | 8 | 2 | 5 | 1 |
| 3 | 2 | 5 | 4 | 1 | 7 | 6 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରହସନ ନ ପାଲଟୁ

ମହାଶୟ,
ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ପୋଡ଼ି ହୋଇ ମୃତ୍ୟୁବରଣ ପରେ ସରକାର ନିର୍ଦ୍ଦେଶ ଦେଲେ କେହି ପେଟ୍ରୋଲ୍ ପମ୍ପରୁ ବୋତଲରେ ପେଟ୍ରୋଲ ବିକ୍ରି କରିପାରିବେ ନାହିଁ। ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଗତ ବର୍ଷର ଏକ ଉଦାହରଣ ଦେଉଛି। ଆରଟିଓଙ୍କ ନିର୍ଦ୍ଦେଶନାମା ପରେ ସବୁ ପେଟ୍ରୋଲ ପମ୍ପ ବ୍ୟାନର ଲେଖି ଟାଙ୍ଗିଲେ 'ନୋ ହେଲ୍‌ମେଟ୍, ନୋ ପେଟ୍ରୋଲ'। ଅର୍ଥାତ ହେଲ୍‌ମେଟ୍ ପିନ୍ଧି ନ ଆସିଲେ ପେଟ୍ରୋଲ ମିଳିବ ନାହିଁ। କିଛି ମାସ ଚାଲିବା ପରେ ଯଥା ପୂର୍ବଂ ତଥା ପର। ବିନା ହେଲ୍‌ମେଟ୍‌ରେ ଏବେ ବାଇକ୍‌ବାଲା ବିନ୍ଦାସରେ ପେଟ୍ରୋଲ ପକାଇ ଚାଲିଯାଉଛନ୍ତି। ତେଣୁ ଏ କ୍ଷେତ୍ରରେ ଯେପରି ତାହା ନ ହୁଏ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହିଛି ଝିଲ୍ଲୀନାଦେ ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବନ ମୂଲ୍ୟବାନ୍, ଧୈର୍ଯ୍ୟ ଜରୁରୀ

କିଶୋରୀଙ୍କ ମଧ୍ୟରେ ବଢ଼ିଚାଲିଛି ଆତ୍ମହତ୍ୟା ପ୍ରବଣତା। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାରେ ବିଫଳତା କିମ୍ବା ମନର ଭାବନାକୁ କାହା ପାଖରେ ପରିପ୍ରକାଶ ନ କରି ପାରିବା ଯୋଗୁ ସେମାନେ ନିଜକୁ ଅସହାୟ ମନେକରୁଛନ୍ତି। ଫଳରେ ଆତ୍ମହତ୍ୟା ବା ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଉଛନ୍ତି। ଗତ କିଛି ସପ୍ତାହ ମଧ୍ୟରେ ରାଜ୍ୟରେ ଘଟିଥିବା କେତେକ ଆତ୍ମାହୁତି ଘଟଣା ସମସ୍ତଙ୍କୁ ବିଚଳିତ କଲାଣି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେବା, ପୁରୀ ଜିଲା ବଳଙ୍ଗାରେ ନାବାଳିକା ଛାତ୍ରୀ ସମିଦା ଖାତୁନ୍ ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇବା, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଯୁକ୍ତ ୩ ଛାତ୍ରୀ ସଙ୍ଗୀତା ପରିଡ଼ା ଘରେ ଜାଳିହୋଇ ଜୀବନ ହାରିବା ଏବଂ ବରଗଡ଼ ଜିଲା ଗାଇସିଲେଟରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ରଶ୍ମି ସେଠ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଛି। ତେଣୁ ଏଭଳି ଅପ୍ରତ୍ୟାଶିତ ଘଟଣାକୁ କିଭଳି ରୋକାଯାଇ ପାରିବ ସେନେଇ ସବୁସ୍ତରରେ ଉଦ୍ୟମ କରାଯିବା ଉଚିତ। ଜୀବନ ମୂଲ୍ୟବାନ, ଏଥିପାଇଁ ଧୈର୍ଯ୍ୟ ଧରିବା ଜରୁରୀ। ତେଣୁ ନିଆଁକୁ ନ ଆଦରି ଜୀବନକୁ ଆଗକୁ ନେବା ପାଇଁ ଚିନ୍ତା କରିବାର ସମୟ ଆସିଛି। ଏଥିପାଇଁ ପିଲାମାନଙ୍କୁ ଉଭୟ ଘରେ ଏବଂ ଶିକ୍ଷାନୁଷ୍ଠାନରେ ମାନସିକ ସହାୟତା ତଥା କାଉନ୍‌ସେଲିଂକୁ ପ୍ରଭାବଶାଳୀ କରିବା ଜରୁରୀ ହୋଇପଡ଼ିଛି।

### ଆୟୋଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ



ପିଲାଙ୍କ ଭିତରେ ଧୈର୍ଯ୍ୟ ଓ ସହିବାର ଶକ୍ତି ଦିନକୁ ଦିନ କମିକମି ଯାଉଛି। ପିଲାମାନେ ଯଦି କୌଣସି ଭୁଲ୍ କରୁଛନ୍ତି, ସେମାନେ ଘରେ କି ସାଙ୍ଗ ସାଥୀଙ୍କ ପାଖରେ ପ୍ରକାଶ କରୁ ନାହାନ୍ତି। ସମସ୍ୟାର ସମାଧାନ ବାହାର କରିବା ପରିବର୍ତ୍ତେ ସେମାନେ ଆତ୍ମହତ୍ୟା କରିବାକୁ ବାହାରି ପଡୁଛନ୍ତି। ଏନେଇ ସ୍କୁଲ ଓ କଲେଜଗୁଡ଼ିକରେ ଶିଶୁଙ୍କ ମାନସିକ ବିକାଶ ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ସୋସିଆଲ ମିଡିଆ ହେଉ କି ଟେଲିଭିଜନରେ ଶିଶୁମାନଙ୍କ ଅଘଟଣ ଜନିତ ଘଟଣାକୁ ବାରମ୍ବାର ନ ଦେଖାଇ ସଚେତନମୂଳକ କାର୍ଯ୍ୟକ୍ରମ ଦେଖାନ୍ତୁ। ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଆଇନ କରିଛନ୍ତି। ଆୟୋଗ ପକ୍ଷରୁ ମଧ୍ୟ ଶିଶୁଙ୍କ ସୁରକ୍ଷା ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ।

- ବବିତା ପାତ୍ର, ଅଧ୍ୟକ୍ଷା, ଓଏସ୍‌ସିପିସିଆର୍

### ପିଲାଙ୍କୁ ମା'ବାପା ଅଧିକ ସମୟ ଦିଅନ୍ତୁ



ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ପରିବାର ଲୋକଙ୍କ ସମେତ ସମାଜର ଦାୟିତ୍ୱ ରହିଛି। ବର୍ତ୍ତମାନ ସମୟରେ ଏକକ ପରିବାର ଯୋଗୁ ପିଲାମାନେ ଏକୁଟିଆ ହୋଇଯାଉଛନ୍ତି। ମା'ବାପା ଦିନ ସାରା କାମ କରିବାକୁ ଯିବାରୁ ତାଙ୍କ ପାଖରେ ଛୁଆ ପାଇଁ ସମୟ ରହୁନି। ଯଦ୍ୱାରା କୌଣସି ଲୋକ କିମ୍ବା ପରିବାର ଲୋକ କିଛି ସେ ଏହାକୁ ସହ୍ୟ କରିପାରୁ ନାହିଁ। ଆତ୍ମହତ୍ୟା ଭଳି ଚିନ୍ତା କରିବାର ମୁଖ୍ୟ ମାଧ୍ୟମ ମୋବାଇଲ ଫୋନ୍ ଓ ପାରିବାରିକ ସମସ୍ୟା। ଏନେଇ ରାଜ୍ୟ ସରକାର ବ୍ଲକ ଓ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରାନ୍ତୁ। ମହିଳା ଓ ଶିଶୁଙ୍କୁ କିପରି ସୁରକ୍ଷା ମିଳିବ ସେଥିପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ।

- ମିନତି ବେହେରା, ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ ମହିଳା ଆୟୋଗ

### ପିଲାଙ୍କ ସହ ପରିବାର ଲୋକେ ସାଙ୍ଗ ଭଳି ମିଶନ୍ତୁ

କଲେଜ ହେଉ କି ସ୍କୁଲ ପଢ଼ିବା ସମୟରେ ପିଲାମାନେ ବିଭିନ୍ନ ପ୍ରକାର ଭୁଲ୍ ପଦକ୍ଷେପ ନେଉଛନ୍ତି। ପିଲାମାନେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ତାକୁ ଘରେ ବିଶେଷ ଧ୍ୟାନ ଦେଉନାହାନ୍ତି। ଫଳରେ ଏହା ତାଙ୍କ ମନକୁ ବିଚଳିତ କରି ପକାଉଛି। ସେଥିପାଇଁ ସେମାନେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପରିବାର ଲୋକମାନେ ପିଲାଙ୍କ ସହିତ ସାଙ୍ଗ ଭଳିଆ ମିଶି ତାଙ୍କ ଭିତରେ ଥିବା ଭୟ ଓ ସମସ୍ୟାକୁ ଶୁଣିବାକୁ ଚେଷ୍ଟା କରନ୍ତୁ।



- ସୋନାଲିସା ସାହୁ, ଛାତ୍ରୀ, ଭୁବନେଶ୍ୱର

### ପିଲାଙ୍କ ଭିତରେ ଧୈର୍ଯ୍ୟଶକ୍ତିର ଅଭାବ



ରାଜ୍ୟରେ କିଛି ଦିନ ହେବ କେବଳ ଆତ୍ମାହୁତି ଓ ଆତ୍ମହତ୍ୟା ଭଳି ଘଟଣା ଶୁଣିବାକୁ ମିଳୁଛି। ପିଲାମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତା'ର ସମାଧାନ ବାହାର କରିବା ପରିବର୍ତ୍ତେ ଏଭଳି ଚରମ ନିଷ୍ପତ୍ତି ନେଇଯାଉଛନ୍ତି। ପରିବାର ଲୋକ ହୁଅନ୍ତୁ କି ବାହାର ଲୋକ ଯଦି କିଛି କହୁଛନ୍ତି, ଏମାନେ ତାକୁ ନେଗେଟିଭ ଭାବେ ଗ୍ରହଣ କରି ନେଉଛନ୍ତି। ପିଲାଙ୍କ ଭିତରେ ଧୈର୍ଯ୍ୟ ଶକ୍ତି ନ ଥିବାରୁ ସେମାନେ ଏଭଳି ଭୁଲ୍ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି।

- ପ୍ରିୟା ଜେନା, ଛାତ୍ରୀ , ଭୁବନେଶ୍ୱର

### ଆତ୍ମହତ୍ୟା ଭୁଲ୍ ପଦକ୍ଷେପ



ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ। ବରଂ ଆହୁରି ଅଧିକ ସମସ୍ୟା ସୃଷ୍ଟି କରେ। ଏଭଳି ଚରମ ନିଷ୍ପତ୍ତି ସମାଜ ଉପରେ କୁପ୍ରଭାବ ପକାଉଛି। ଜଣେ ଛାତ୍ରୀ ଯେତେବେଳେ ସବୁଆଡୁ ଭରସା ଶୂନ୍ୟ ଓ ଚାପଗ୍ରସ୍ତ ହୋଇଯାଆନ୍ତି, ସେତେବେଳେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି। ଏଥିପାଇଁ ସମସ୍ତେ ଦାୟୀ। ପରିବାର ଲୋକ ଓ ସାଙ୍ଗମାନେ ଯଦି ତାଙ୍କ ମାନସିକ ସ୍ଥିତି ଜାଣି ବୁଝାଶୁଝା କରନ୍ତେ କିମ୍ବା ତାଙ୍କୁ ଚାପମୁକ୍ତ କରିପାରନ୍ତେ, ତା'ହେଲେ ଆତ୍ମହତ୍ୟା ରୋକାଯାଇପାରନ୍ତା। ମା' ବାପା ସାଙ୍ଗ ଭଳି ପିଲାମାନଙ୍କ ସମସ୍ୟା ବୁଝିବା ଆବଶ୍ୟକ। ତେବେ ଜୀବନରେ ଯେକୌଣସି ସମସ୍ୟା ଆସିଲେ ତାହାକୁ ସାମ୍ନା କରିବା ଦରକାର। ସମାଧାନ ପାଇଁ ରାସ୍ତା ବାହାର କରିବା କିମ୍ବା ନିଜ ଲୋକଙ୍କୁ ଜଣାଇଲେ ସମାଧାନର ରାସ୍ତା ବାହାରିବ। ଏହା ନ କରି ଆତ୍ମହତ୍ୟା କରିବା ଭୁଲ୍ ପଦକ୍ଷେପ।

- ସନ୍ତୋଷୀ ସାହୁ, ଯୁକ୍ତ ୩ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀ, ଭଦ୍ରକ ମହିଳା ମହାବିଦ୍ୟାଳୟ

### ସହନଶୀଳ ଶକ୍ତି ଅଭାବରୁ ଆତ୍ମହତ୍ୟା ବଢୁଛି



ମାରିବା ଓ ମରିବା ଉଭୟେ ଗୋଟିଏ ଜିନିଷ। ଏହା ମଣିଷର ଆଦିମ ପ୍ରବୃତ୍ତି। ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ଏହାକୁ ନିୟନ୍ତ୍ରଣ କରିବା ଦରକାର। ଯାହା ନିଜ ପାଇଁ ଲଜ୍ଜାବୋଧ, କାହା ଆଗରେ କହିହେଉନି ତାହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଏହାକୁ ସହି ନ ପାରି ଯେ କେହି ଆତ୍ମହତ୍ୟା କରୁଛି। ଓଡ଼ିଶାରେ ନିକଟରେ ଘଟିଯାଇଥିବା କେତେକ ଆତ୍ମହତ୍ୟା ଏହାର ଉଦାହରଣ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ପ୍ରସାର ଯୋଗୁ କିଭଳି ଆତ୍ମହତ୍ୟା କରିବେ ତାହା ଶିଖୁଛନ୍ତି। ସହନଶୀଳତାର ଅଭାବ ଯୋଗୁ ଏଭଳି ଘଟଣା ଘଟୁଛି। ଯେଉଁମାନେ ଉଦାସ ମନ ନେଇ ବଞ୍ଚୁଥିବେ ସେମାନେ କାହାକୁ କିଛି କହିପାରିବେନି। ତେଣୁ ସରକାର ୧୪୪୧୬ ଟେଲି ମାନସ ନଂ. ୨୪ ଘଣ୍ଟା ପ୍ରଚଳନ କରିଛନ୍ତି। ସେଥିରେ କ୍ୱାଲିଫାଏଡ ସାଇକୋଲୋଜିଷ୍ଟ ବସିଥାନ୍ତି। ତାହାକୁ ଫୋନ କଲେ ଭଲ ପରାମର୍ଶ ମିଳିବ। ମଣିଷ ଆତ୍ମହତ୍ୟା ଭଳି ପ୍ରବୃତ୍ତିରୁ ନିଜକୁ କ୍ଷାନ୍ତ କରିପାରିବ।

- ଡା. ବିଭୁକଲ୍ୟାଣ ସାହୁ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ

### ଭାଙ୍ଗି ନ ପଡ଼ି ଦୃଢ଼ ହୁଅନ୍ତୁ



ଆତ୍ମହତ୍ୟା କେବଳ ସମାଧାନର ବାଟ ନୁହେଁ। ଝିଅମାନେ ସାଧାରଣତଃ ସରଳ ବିଶ୍ୱାସୀ। ସେମାନେ ଅନେକଙ୍କ ମନଲୋଭା କଥାକୁ ପରଖିପାରନ୍ତି ନାହିଁ। ସେଥିପାଇଁ ସେମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେଥିରେ ଭାଙ୍ଗି ନ ପଡି ଦୃଢ଼ ହୁଅନ୍ତୁ। ସମାଧାନର ବାଟ ନିଜେ ବାହାର କରନ୍ତୁ। ନଚେତ୍ ନିଜ ପରିବାର ଓ ଆତ୍ମୀୟଙ୍କ ସହଯୋଗ ଲୋଡନ୍ତୁ। ଏଥିରେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହାଦ୍ୱାରା ଆମେ ଭୁଲ୍ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିପାରିବା।

- ଆସ୍ମି ଆଶିଷା ମହାନ୍ତି, ଯୁକ୍ତ ୩ କଳା ପ୍ରଥମ ବର୍ଷ ଛାତ୍ରୀ, ବ୍ୟାସନଗର ସ୍ୱୟଂଶାସିତ କଲେଜ, ଯାଜପୁର ରୋଡ୍, ଯାଜପୁର

### ଆତ୍ମହତ୍ୟା ସମାଧାନର ବାଟ ନୁହେଁ



ଆତ୍ମହତ୍ୟା କୌଣସି ସମସ୍ୟା ସମାଧାନର ବାଟ ନୁହେଁ। ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ମାର୍ଗ ବାହାର କରିବାର ସାହସ ରଖିବା ଦରକାର। ଯୌଥ ପରିବାର ବିଘଟନ ପରେ ବର୍ତ୍ତମାନର ଏକାନ୍ନବର୍ତ୍ତୀ ପରିବାରରେ ଭାବର ଆଦାନପ୍ରଦାନ ଓ ସହନଶୀଳତାର ଘୋର ଅଭାବ ପରିଲକ୍ଷିତ ହେଉଛି। ପୁଣି ବିଦ୍ୟାଳୟ କି କଲେଜସ୍ତରରେ ପୂର୍ବଭଳି ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଦୃଷ୍ଟିଗୋଚର ହେଉନାହିଁ। ଏପରିସ୍ଥଳେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଯୁବପିଢ଼ିଙ୍କ ମାନସିକ ଚାପ ବୃଦ୍ଧିପାଉଛି। ତେଣୁ ସ୍କୁଲ ଏବଂ କଲେଜସ୍ତରରେ ସକାରାତ୍ମକ ଚିନ୍ତାଧାରାର ବିକାଶ ନେଇ ଶିକ୍ଷାଦାନ ଓ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି।

- ସିଦ୍ଧିଶ୍ରୀ ବକ୍ସି, ଯୁକ୍ତ୩ ପ୍ରଥମ ବର୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର

### ମନର କଥାକୁ ଅନ୍ୟକୁ ପରିପ୍ରକାଶ କରିବା ଆବଶ୍ୟକ



ଆତ୍ମହତ୍ୟା କରୁଥିବା ଛାତ୍ରୀଛାତ୍ରଙ୍କ ପ୍ରାୟ ୯୦ ପ୍ରତିଶତ କୌଣସି ନା କୌଣସି ମାନସିକ ଚାପ ରହିଥାଏ। ଏପରି ସମସ୍ୟା କେବଳ ଅଧିକ ଆଶା କରିବା ଦ୍ୱାରା ହୋଇଥାଏ। ୧୪ ବର୍ଷରୁ କମ୍ ବୟସର ପିଲା ଆତ୍ମହତ୍ୟା କରିଥାଏ, ଯେତେବେଳେ ସେ ତାଙ୍କ ମା'ବାପାଙ୍କୁ ହରାଇଥାଏ। ହେଲେ ଏବେ ଲୋକେ ପାଶ୍ଚାତ୍ୟ ସଭ୍ୟତାକୁ ବହୁ ଆପଣାଇଛନ୍ତି। ଲୋକେ ଏବେ ଅନ୍ୟଠୁ ଦୂରେଇ ରହିବାକୁ ପସନ୍ଦ କରି ମୁଖ୍ୟତଃ ସାମାଜିକ ଗଣମାଧ୍ୟମକୁ ଆପଣାଉଛନ୍ତି, ଯାହାକି ଆତ୍ମହତ୍ୟାର ଅନ୍ୟ ଏକ କାରଣ। ସେହିପରି ଅଭିଭାବକଙ୍କ ଚାପ, ପ୍ରେମ ସମ୍ପର୍କ, ବନ୍ଧୁତା ଓ ନିଶା ସେବନ ଯୋଗୁ ମଧ୍ୟ ନାନା ସମସ୍ୟା ସୃଷ୍ଟି ହେଉଛି, ଯାହାଦ୍ୱାରା ଛାତ୍ରୀଛାତ୍ର ଓ ଯୁବପିଢ଼ିମାନେ ନିଜ ମନର କଥାକୁ ପରିପ୍ରକାଶ ନ କରି ପାରି ଏହି ଆତ୍ମହତ୍ୟା ବାଟକୁ ଆପଣାଇଥାନ୍ତି। ଏହାକୁ ରୋକିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ଓ ମଣିଷମାନେ ଯେବେ କୌଣସି ବ୍ୟକ୍ତି ବିଚଳିତ ହେଉଥିବା ଅନୁଭବ କରିବେ ସେ ସମୟରେ କିଛି ସମୟ ତାଙ୍କୁ ଦେବା ସହ ଦୁଇ ପଦ କଥା ଶୁଣିବା ଏବଂ ଡାକ୍ତର ପରାମର୍ଶ କରି କାଉନ୍‌ସେଲିଂ କରିବା ଦ୍ୱାରା ଏହାକୁ ରୋକା ଯାଇପାରିବ।

- ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଭାଗ, କଟକ

### ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ



ଆଜିକାଲି ପ୍ରାୟତଃ ଛାତ୍ରୀଛାତ୍ର ନିଜ ଅଭିଭାବକଙ୍କ ସହ ନିଜ ସମସ୍ୟା ନେଇ ଆଲୋଚନା କରୁନାହାନ୍ତି। ଯାହାଦ୍ୱାରା ମାନସିକ ଚାପ ବଢ଼ିଥାଏ। ଏହାକୁ ଏଡାଇବା ପାଇଁ ଅଧିକରୁ ଅଧିକ ସାଙ୍ଗ ବନାଇବା ସହ ନିଜ ପରିବାର ଲୋକଙ୍କ ସହ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରୀଛାତ୍ର ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ।

- ଡା. ଈପ୍ସିତା ମହାରଣା, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଦ୍ୱିତୀୟ ବର୍ଷ ଛାତ୍ରୀ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Experienced ELECTRICAL SITE ENGINEERS with AutoCad Skills for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
Contact Person
Abinash Rautaray : 63713 82526

See Career Appointment on every Wednesday & Saturday

WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs. 3.5-4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR / GOPALPUR
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

ROHAN AUTORIDERS HIRING
(Authorised Hero MotoCorp Dealer)
Open Roles :
- Frontline Supervisor
- Floor Supervisor
- Billing Executive
- Technicians / Mechanics
- Insurance Executive
- Sales Executives
Candidates are preferred to have existing experience in two wheeler segment.
Bhubaneswar 8018370072
rohandubey231@gmail.com

SRI JAYADEV COLLEGE OF EDUCATION AND TECHNOLOGY, NAHARKANTA, KHURDA
WALK-IN-INTERVIEW
A Walk-in-Interview will be held on 16.08.2025 at 10 A.M. for the Guest Lecturers in Sanskrit. Candidates having a good academic record and 55% of marks at P.G. Level may appear for the post along with all original certificates.
Principal

# ଅଙ୍ଗଦାନ ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି

### ଆଜି ବିଶ୍ୱ ଅଙ୍ଗଦାନ ଦିବସ



ଅଙ୍ଗଦାନ ଏକ ମହାନ୍ କାମ। ଏହି ଧାରାରେ କେତେକ ନିଜକୁ ସାମିଲ କରିସାରିଛନ୍ତି। ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ଏ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇଥାଏ। ଏହାର ଆବଶ୍ୟକତା ବିଷୟରେ ସମସ୍ତେ ଅବଗତହେବା ନିହାତି ଦରକାର। ଆଜିକାଲି ଦୁର୍ଘଟଣା ଯେଉଁଭଳି ବଢ଼ିଚାଲିଛି ସେହି ଅନୁସାରେ କେତେଜଣ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଅଙ୍ଗଦାନର ଆବଶ୍ୟକତା ରହିଛି। ମୃତ୍ୟୁ ସତ୍ୟ- ଏକଥାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ହେଲେ ଅଙ୍ଗଦାନ ଦ୍ୱାରା ହୁଏତ ଜଣେ ଗୁରୁତର ରୋଗୀ ଆରୋଗ୍ୟ ଲାଭ କରିପାରେ। ଜଣେ ଜୀବିତ ବ୍ୟକ୍ତି ନିଜର ହୃତ୍‌ପିଣ୍ଡ, ଆଖି, କିଡ୍‌ନୀ, ଲିଭର, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍, ଇଣ୍ଟେଷ୍ଟାଇନ୍ ଭଳି ଅଙ୍ଗଦାନକରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇ ପାରିବେ। ଆଇନ ଅନୁସାରେ ଯଦି ଜଣେ ଅଙ୍ଗଦାନ କରିବାକୁ ଚାହାନ୍ତି ତାହା ତାଙ୍କର ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥାଏ। କିନ୍ତୁ ଏହା ପୂର୍ବରୁ ବ୍ରେନ୍ ଡେଥ୍ ହେବା ଦରକାର। ୧୯୫୪ ମସିହାରେ ଡା. ନି ଜୋଶେଫ ଇ. ମୁରୟେଙ୍କ ଦ୍ୱାରା ପ୍ରଥମ ଥର ପାଇଁ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ କରାଯାଇପାରିଥିଲା। ହେଲେ ଜଣେ ଅଙ୍ଗଦାନ କରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ଦରକାର। ଏଚ୍‌ଆଇଭି, କ୍ୟାନ୍‌ସର ଭଳି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ନିଷ୍ପତ୍ତି ନେବା ପରେ ସେହି ଅଙ୍ଗ ପ୍ରତିରୋପଣ ପାଇଁ କେତେ ଠିକ୍ ଅଛି ତାହାକୁ ଡାକ୍ତରମାନେ ତନ୍ନତନ୍ନକରି ତର୍ଜମା କରିଥାଆନ୍ତି।

# ଅନ୍ତର୍ଜାତୀୟ ବାମହାତୀ ଦିବସ



ବାମହାତୀ ବ୍ୟକ୍ତିଙ୍କ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଜଣାଇବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ ପାଳନ କରାଯାଏ ବାମହାତୀ ଦିବସ। ୧୯୭୬ ମସିହାରେ ବାମହାତୀ କ୍ଲବର ପ୍ରତିଷ୍ଠାତା ଡିନ୍ ଆର୍. କ୍ୟାମ୍ପବେଲ ପ୍ରଥରେ ଏହି ଦିବସ ପାଳନ କରିଥିଲେ। ଏହି ଦିବସଟି ମୁଖ୍ୟତଃ ବାମହାତୀ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଏବଂ ଅଭିଜ୍ଞତା ବିଷୟରେ ସଚେତନତା ସୃଷ୍ଟି ପାଇଁ ଆରମ୍ଭ କରାଯାଇଥିଲା। ତଥ୍ୟ ଅନୁଯାୟୀ, ବିଶ୍ୱ ଜନସଂଖ୍ୟାର ୭ରୁ ୧୦ ପ୍ରତିଶତ ବାମହାତୀ ବ୍ୟକ୍ତି। ଅପରପକ୍ଷେ ବିଭିନ୍ନ ଗଣମାଧ୍ୟମ ଏବଂ ବାଣିଜ୍ୟିକ ସଂଘ ଏହି ଦିବସକୁ ସ୍ୱୀକୃତି ଦେବା ପାଇଁ ସଫଳ ବାମହାତୀ ବ୍ୟକ୍ତିଙ୍କର ଏକକାଳୀନ ପୋଷ୍ଟ ଏବଂ ସଂକଳନ କରିଛନ୍ତି। ତେବେ ଏଠାରେ କେତେଜଣ ବିଶିଷ୍ଟ ବାମହାତୀଙ୍କ ବିଷୟରେ ସୂଚିତ କରାଯାଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ, କ୍ୟାଥୋଲିକ୍ ସନ୍ଥ ମଦର ଟେରେସା, ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ, ଦିବଂଗତ ବିଶିଷ୍ଟ ଶିଳ୍ପପତି ରତନ ଟାଟା, କ୍ରିକେଟର ସଚିନ ତେନ୍ଦୁଲକର, ବିଶିଷ୍ଟ ଉଦ୍ୟୋଗୀ ତଥା ମେଟା ସିଇଓ ମାର୍କ ଜୁକରବର୍ଗ, ହଲିଉଡ୍ ଅଭିନେତା ଚାର୍ଲି ଚାପ୍‌ଲିନ, ଅଭିନେତା ରଜନୀକାନ୍ତ, ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି, ଗାୟିକା ଆଶା ଭୋଁସ୍‌ଲେ, ପପ୍‌ଷ୍ଟାର ମାଇକେଲ ଜ୍ୟାକ୍‌ସନ, ଟେନିସ୍ ଖେଳାଳି ମାର୍ଟିନା ନାଭ୍ରାଟିଲୋଭାଙ୍କ ଭଳି ବହୁ ବ୍ୟକ୍ତିତ୍ୱ ଏହି ବାମହାତୀ ତାଲିକାରେ ସାମିଲ ଅଛନ୍ତି।

ରାଜ୍ୟ ଖବର

# ୧୦ ହଜାର ଆଦିବାସୀ ଭାଷା ଶିକ୍ଷକ ନିଯୁକ୍ତ ହେବେ

ଭୁବନେଶ୍ୱର,୧୨।୮(ସୁଚିସ୍ମିତା ସାହୁ)

ରାଜ୍ୟରେ ଆଦିବାସୀ ଭାଷାକୁ ଅବହେଳା କରାଯାଉଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଡ୍ରପ୍ ଆଉଟ୍ ହାର ବଢୁଛି। ଆଦିବାସୀ ପିଲାମାନେ ନିଜ ଭାଷାର ଶିକ୍ଷକ ପାଉ ନ ଥିବାବେଳେ ଅନ୍ୟ ଭାଷା ବୁଝିବାରେ ସମସ୍ୟା ସୃଷ୍ଟି ହେଉଛି। ବିଭାଗ ପକ୍ଷରୁ ଏହି ସମସ୍ୟା ଦୂର କରାଯିବା ସହ ଆଦିବାସୀ ଛାତ୍ରୀଛାତ୍ରଙ୍କୁ କିଭଳି ଶିକ୍ଷା ପ୍ରତି ଉତ୍ସାହିତ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ୧୦ହଜାର ବହୁମୁଖୀ ଭାଷାଗତ ଶିକ୍ଷକ (ଏମ୍‌ଏଲ୍‌ଇ) ନିଯୁକ୍ତି କରାଯିବାକୁ ସ୍ଥିର ହୋଇଛି। ଏନେଇ ସରକାରଙ୍କୁ ଏକ ପ୍ରସ୍ତାବରେ ସୁପାରିସ କରାଯାଇଛି। ଏହି ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିଲେ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ନିକଟରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ସମସ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ସମୁଦାୟ ଜନସଂଖ୍ୟାର ୨୨.୧୩ ପ୍ରତିଶତ ଆଦିବାସୀ ବର୍ଗର ରହିଛନ୍ତି। ରାଜ୍ୟରେ ୬୨ ପ୍ରକାର ଆଦିବାସୀ ମାତୃଭାଷା ରହିଥିବାବେଳେ ୨୮ଟି ଭାଷାରେ ସେମାନେ ସଂଘବଦ୍ଧ ଅଛନ୍ତି। ଭାଷାଗତ ପ୍ରତିବନ୍ଧକ ରହିଥିବାରୁ ପିଲାମାନେ ଠିକଣା ଭାବେ ଶିକ୍ଷା ପାଇପାରୁନାହାନ୍ତି। ଫଳରେ ଡ୍ରପ୍‌ଆଉଟ ହାର ବଢୁଛି। ଜାତୀୟ ଶିକ୍ଷା ନୀତି-୨୦୨୦ରେ ବହୁମୁଖୀ ଭାଷା ଶିକ୍ଷକ ପ୍ରଣୟନ କରିବାର ବ୍ୟବସ୍ଥା ରହିଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଦେବାକୁ ପଡ଼ିବ। ସମ୍ପ୍ରତି ରାଜ୍ୟର ୧୭ଟି ଜିଲାରେ ୨୧ପ୍ରକାର ଆଦିବାସୀ ଭାଷାରେ ଶିକ୍ଷାଦାନ କରାଯାଉଛି। ୧୩୧୭ଟି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୩,୧୮୮ଜଣ ଏମ୍‌ଏଲ୍‌ଇ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ରାଜ୍ୟରେ ସମ୍ପ୍ରସାରଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତୁତି ଚାଲିଛି। ମାତ୍ର ପରବର୍ତ୍ତୀ ସମୟରେ ଅଧିକ ଏମ୍‌ଏଲ୍‌ଇ ଶିକ୍ଷକ ପର୍ଯ୍ୟାୟକ୍ରମେ ନିଯୁକ୍ତ କରାଯିବା ଲାଗି ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି।

OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, DUMKA
3rd CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D, PR 355582 Road (25-26)_D & PR 358355 Road (25-26)D
NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73
CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 23.09.2025 at 10.30 A.M in place of 08.09.2025 Up to 12.00 Noon. |
| 5 | Date of Publication of Tender on website | 19.08.2025 at 10.30 A.M in place of 12.08.2025 |
| 6 | Pre Bid Meeting | 25.08.2025 at 10.30 A.M in place of 18.08.2025 at 11.00 A.M |

Other terms and conditions shall remain unchanged.
PR 359406 Road (25-26)_D
Executive Engineer
Road Construction Department,
Road Division, Dumka

FAKIR MOHAN UNIVERSITY
Vyasa Vihar, Nuapadhi, Balasore-756089
ADMISSION ANNOUNCEMENT : 2025-26
PGDCA COURSE
No : FMU/PGC-I-45/2025/1147 Dt.12.08.2025
In continuation to this Office Notification No. FMU/PGC/I-45/2025/949 dt.02.07.2025, the last date of submission of Application Forms for PGDCA is extended up to 30.08.2025. Desirous students may download the application form available in the website www.fmuniversity.nic.in and apply by the above dates with required fees & other documents.
Sd./- Chairman, P.G. Council

Govt. of Jharkhand, Energy Department
Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002. Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com
e-Procurement Notice
Tender reference no.: 11/JREDA/SPP/ES/25-26 Dated: 11.08.2025

| | | |
|---|---|---|
| 1 | Name of the work | Request for Proposal (RFP) for Design, Engineering, Procurement & Supply, Construction, Commissioning and Comprehensive Operation & Maintenance of Cumulative 05 MW (AC) Grid Connected Ground Mounted Solar Power Plant, for a period of 25 years on Government Land at East Singhbhum District of Jharkhand. |
| 2 | Estimated Cost | Rs. 43.93 Crores (inclusive of GST) |
| 3 | Time of completion | 12 (Twelve) Months |
| 4 | Date of publication of NIT on website: http:// jharkhandtenders.gov.in | 18.08.2025 (Monday) |
| 5 | Date & time of Pre-bid meeting | 25.08.2025 (Monday)at 1.00 P.M. |
| 6 | Last date & time for receipt of online bids | 10.09.2025 (Wednesday)up to 05:00 PM |
| 7 | Submission of Bid fee and EMD through Online Via SBI Payment Gateway of Jharkhand Tenders. | 10.09.2025 (Wednesday)up to 05:00 PM |
| 8 | Technical Bid Opening Date | 12.09.2025 (Friday) at 3.00 P.M. |
| 9 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 10 | Contact no. of procurement officer | 0651-2491167/68/61/7903935514 |
| 11 | Helpline no. of e-procurement | 0651-2491167/68/61 |

Any corrigendum/addendum can be seen on website: http:// jharkhand tenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com
PR.NO.359402 Energy(25-26):D
Sd/-
Director, JREDA, Ranchi

## ୨ ଦୋକାନରୁ ଚୋରି, ୪ ଅଟକ

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା): ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ଥିବା ରଘୁନାଥପୁର ଗ୍ରାମର ସୁରେଶ ରାଉତଙ୍କ ଶୌଚାଳୟ ଓ ବାହୁଡା ରାଉତଙ୍କ ହୋଟେଲରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୦ ରାତିରେ ନନ୍ଦନକାନନ ଛକ ଜଗନ୍ନାଥ ମନ୍ଦିର କବାଟର ତାଲା କଟର ମେସିନରେ କାଟି ମନ୍ଦିର ଭିତରେ ପଶି ଦାନବାକ୍ସ ତାଲା ଭାଙ୍ଗି ଟଙ୍କା ଚୋରି ହୋଇଥିଲା। ୨୪ଘଣ୍ଟା ନ ପୂରୁଣୁ ସୋମବାର ରାତିରେ ଉପରୋକ୍ତ ଘଟଣା ଘଟିଛି। ନନ୍ଦନକାନନ ଥାନା ପୋଲିସ ସ୍ଥାନୀୟ ଅଞ୍ଚଳର ୪ଜଣଙ୍କୁ ଅଟକ ରଖି ପଚାରାଉଚରା କରୁଛି।

### ସଂକ୍ଷେପରେ

## କେନାଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ବାଲିଅନ୍ତା,୧୨।୮ ( ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ଗ୍ରାମର ସଦାଶିବ ମୂଳ ସାହି ନିକଟ ନିମାପଡ଼ା ଶାଖା କେନାଲରେ ମଙ୍ଗଳବାର ଅପରାହ୍ନରେ ବୁଡି ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ କାକରୁଦ୍ରପୁରର କୈଳାସ ହାତୀ (୭୫)। ସୂଚନାଯୋଗ୍ୟ, କୈଳାସ ଅପରାହ୍ନରେ ଘର ନିକଟରେ ଥିବା କେନାଲ କୂଳକୁ କୌଣସି କାର୍ଯ୍ୟପାଇଁ ଯାଇଥିଲେ। ଏତିକିବେଳେ ତାଙ୍କ ଗୋଡ଼ ଖସିଯାଇ ପ୍ରଖର ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ପରେ ପରିବାର ଲୋକ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇ ଖୋଜା ଖୋଜି କରି ଥିଲେ ମଧ୍ୟ କୈଳାସଙ୍କ ପତ୍ତା ମିଳିନଥିଲା। ପରେ ରାତି ପ୍ରାୟ ୧୦ଟାରେ ତାଙ୍କ ମୃତଦେହ ବାଲିପାଟଣା ଥାନା ଅଧୀନ ବାରିଲୋ ଗ୍ରାମର ଏକ ବ୍ରିଜ ନିକଟ କେନାଲରେ ଭାସୁଥିବାର ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି କୈଳାସଙ୍କ ମୃତଦେହକୁ ପାଣି ଭିତରୁ ଉପରକୁ ଆଣିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

ବାରଙ୍ଗ, ୧୨।୮(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ କୁଆଖାଇ ସେତୁ ଉପରେ ମଙ୍ଗଳବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ ହୋଇଛି। ସେ ହେଉଛନ୍ତି ସ୍ଥାନୀୟ ବେଲଗଛିଆ ଗ୍ରାମ ପଞ୍ଚାୟତର ଗୋଠପୁର ଗ୍ରାମର ଆକାଶ ମାଝିଙ୍କ ପୁଅ ସାହିଲ ମାଝି (୨୨) ଓରଫ ପାପା। ଘଟଣାରୁ ପ୍ରକାଶ ଯେ, ଭୋର ସମୟରେ ସାହିଲ କଟକରୁ ସ୍କୁଟି(ନମ୍ବର.ଓଡି୦୫ଜେ୩୪୬୫)ରେ ଘରକୁ ଫେରୁଥିଲେ। କାଠଯୋଡି ସେତୁ ଉପରେ ପହଞ୍ଚିଥିବା ବେଳେ ଏକ ଅଜଣା ଗାଡ଼ି ସାହିଲଙ୍କୁ ପଛପଟୁ ଧକ୍କା ଦେଇଥଲା। ଧକ୍କାଦେବା ପରେ ଅଜଣା ଗାଡ଼ିଟି ଘଟଣା ସ୍ଥଳରୁ ପଳାଇଯାଇଥିଲା। ସାହିଲ ଗୁରୁତର ଆହତ ହୋଇ ତଳେ ପଡ଼ିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ବାରଙ୍ଗ ଥାନାକୁ ସୂଚନା ଦେଇଥିଲେ। ସେହି ସମୟରେ ଜୋନ୍ ୪ ଏସିପି ଶଶିକାନ୍ତ ରାଉତ ସେହି ବାଟ ଦେଇ ଯାଉଥିଲେ। ରାସ୍ତାରେ ଗହଳି ଦେଖିବାରୁ ଘଟଣାସ୍ଥଳରେ ଅଟକି ଆହତ ସାହିଲଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଡ଼ାକ୍ତର ସାହିଲଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ପରିବାର ଲୋକେ ବାରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୪୧୯/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## କମ୍ପାନୀ ପାର୍ଟନରଶିପ୍ ଆଳରେ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଠକେଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୨।୮(ସତ୍ୟଜିତ୍ ରାଉତ)

କମ୍ପାନୀ ପାର୍ଟନରଶିପ୍ ଆଳରେ ଦେଢ଼କୋଟି ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ବଡ଼ଗଡ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବିଜେବି ନଗରରେ ରହୁଥିବା ନୟାପଲ୍ଲୀର ଅବିନାଶ ସାହୁ ଓରଫ ବୁଲୁ (୪୫)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ସୁମନ ସ୍ୱାଇଁଙ୍କ ଏତଲାରେ ପୋଲିସ ସୋମବାର ମାମଲା (ନଂ. ୪୪୬/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି। ପୋଲିସ ସୂଚନା ଅନୁଯାୟୀ, ଲ୍ୟାଣ୍ଡସ୍କେପ୍ ଭେଞ୍ଚର୍ସ ପ୍ରାଇଭଟ୍ ଲିଃ କମ୍ପାନୀର ସବୁ କାର୍ଯ୍ୟ ଅବିନାଶ ବୁଝୁଥିବାବେଳେ ତାଙ୍କ ସ୍ତ୍ରୀ ଶିଲ୍ପା ମିଶ୍ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ମଧ୍ୟସ୍ଥି ଯତିନ ସାହୁଙ୍କ ଜରିଆରେ ସୁମନ ୨୦୨୨ ଫେବୃଆରୀ ୨ରେ କମ୍ପାନୀ ସହିତ ଚୁକ୍ତି କରିଥିଲେ। ସୁମନ ଅତିରିକ୍ତ ନିର୍ଦ୍ଦେଶକ ଏବଂ ୨୦% ଅଂଶୀଦାର ଥିଲେ। ସୁମନ ପ୍ରତିମାସରେ ୭.୫୦ ଲକ୍ଷ ପାଇବାର ପ୍ରତିଶ୍ରୁତିରେ ୧.୫୦ କୋଟି ଟଙ୍କା କମ୍ପାନୀରେ ନିବେଶ କରିଥିଲେ। ଏଥିସହ କମ୍ପାନୀ ଲାଭର ୨୦ ପ୍ରତିଶତ ମଧ୍ୟ ପାଇବେ ବୋଲି ଚୁକ୍ତି ହୋଇଥିଲା। ହେଲେ ସୁମନଙ୍କୁ କୌଣସି ଦେୟ ଦିଆଯାଇ ନ ଥିଲା ଓ ତାଙ୍କ ଦାୟିତ୍ୱ ମଧ୍ୟ ପ୍ରତ୍ୟାହାର କରାଯାଇଥିଲା। ଚୁକ୍ତିନାମାବେଳେ ଯତିନ ସୁମନଙ୍କ ଠାରୁ ୫ ଲକ୍ଷ ଟଙ୍କା ନେଇଥିଲେ। କମ୍ପାନୀ ଏମ୍‌ଡି ଶିଳ୍ପାଙ୍କ ସ୍ୱାକ୍ଷରିତ ୭୫ ଲକ୍ଷ ଟଙ୍କା ଲେଖାଏର ଦୁଇଟି ଚେକ୍‌କୁ ପୋଲିସ ଜବତ କରି ଅଧିକ ତଦନ୍ତ କରୁଛି।

# ‘ସରକାର ଗ୍ରାମୀଣ ଉଦ୍ୟୋଗକୁ ସଶକ୍ତ କରୁଛନ୍ତି’

## ଓସ୍ଏମ୍ଇ ପାଳିଲା ୪୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୮(ଅନୁରାଧା ମହାରଣା)


ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଗୋକୁଳାନନ୍ଦ ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଗଠନ (ଓସ୍ଏମ୍ଇ)ର ୪୦ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ-୨୦୨୫ ପାଳିତ ହୋଇଯାଇଛି। ଏହି ସମ୍ମିଳନୀକୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ଏମ୍ଏସ୍ଏମ୍ଇ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିଳ୍ପ ଓ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଏବଂ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ଏମ୍ଏସ୍ଏମ୍ଇ-ଡିଏଫ୍‌ଓ, ଯୁଗ୍ମ ନିର୍ଦ୍ଦେଶକ ତଥା ଏଚ୍‌ଓ୍ୱ, ଆଇଇଡିଏସ୍ ପି.କେ. ଗୁପ୍ତା ଉପସ୍ଥିତ ଥିଲେ। ଓସ୍ଏମ୍ଇ ଅଧ୍ୟକ୍ଷ ଗୌରୀଶଙ୍କର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ପ୍ରାକୃତିକ ଏବଂ ମାନବ ସମ୍ବଳରେ ସମୃଦ୍ଧ ଓଡ଼ିଶା ସୁଯୋଗରେ ପରିପୂର୍ଣ୍ଣ। ସମ୍ପ୍ରତି ସରକାର ମହିଳାଙ୍କୁ ସଶକ୍ତ କରୁଛନ୍ତି ଏବଂ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛନ୍ତି। ଏହି କ୍ଷେତ୍ରଗୁଡ଼ିକରେ ଏମ୍ଏସ୍ଏମ୍ଇ ଗୁଡ଼ିକର ବିକାଶ ଅନ୍ତର୍ଭୁକ୍ତ ଅଭିବୃଦ୍ଧିର ଚାବିକାଠି। ଆମ ଯୁବପିଢ଼ିଙ୍କୁ ପରିପୂର୍ଣ୍ଣତା ସହିତ ବୃତ୍ତି ନୀତି ଅନୁସରଣ କରିବା ପାଇଁ ଦକ୍ଷ ଓ ମାର୍ଗଦର୍ଶିତ ହେବା ଆବଶ୍ୟକ। ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଫଳ ଉଦ୍ୟୋଗୀ ଏବଂ ସରକାରୀ ଅଧିକାରୀମାନଙ୍କୁ ସମ୍ମାନିତ କରିବା ସହ ଓସ୍‌ମେ ପୁରସ୍କାର -୨୦୨୫ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସେମିନାର ‘ଖାଦ୍ୟ ପ୍ରକ୍ରିୟାକରଣ ଏମ୍ଏସ୍ଏମ୍ଇ କ୍ଲଷ୍ଟରରେ ମୂଲ୍ୟ ବୃଦ୍ଧି ପାଇଁ ସିଏଫ୍‌ସିର ମହତ୍ତ୍ୱ’ ଶୀର୍ଷକ ଏହି ଆଲୋଚନାଚକ୍ରରେ ଶିଳ୍ପ ନିର୍ଦ୍ଦେଶକ ତଥା ଓଏସ୍ଆଇସିର ପରିଚାଳନା ନିର୍ଦ୍ଦେଶକ ଅବୋଲି ସୁନୀଲ ନରଭାଣେ ଯୋଗଦେଇ ଆଧୁନିକ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ ନିରାପତ୍ତା, ପ୍ୟାକେଜିଂ ଉଦ୍ଭାବନ, ବଜାର ସଂଯୋଗ ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏମ୍ଏସ୍ଏମ୍ଇଗୁଡ଼ିକୁ ସହାୟତା ପାଇଁ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟରୁ ୫୦୦ରୁ ଅଧିକ ଏମ୍ଏସ୍ଏମ୍ଇ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ।

# ଇଣ୍ଡିଆନ୍ ବ୍ୟାଙ୍କର ୧୧୯ତମ ପ୍ରତିଷ୍ଠା ଦିବସ


ଇଣ୍ଡିଆନ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଅବସରରେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ଭୁବନେଶ୍ୱର,୧୨।୮(ଅନୁରାଧା ମହାରଣା)

ଇଣ୍ଡିଆନ୍ ବ୍ୟାଙ୍କର ୧୧୯ତମ ପ୍ରତିଷ୍ଠା ଦିବସ ଅବସରରେ ଏହାର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଏଫ୍‌ଜିଏମ୍ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ରଣଞ୍ଜୟ ସିଂ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର, ଆଞ୍ଚଳିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ତଥା ଆଇସି ମୁଖ୍ୟ ସବ୍ୟସାଚୀ ରାୟ, ଉପଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସଙ୍କ ସମେତ ଏଫ୍‌ଜିଏମ୍ କାର୍ଯ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। କ୍ୟାପିଟାଲ ହସ୍ପିଟାଲ ସହାୟତାରେ ପ୍ରାୟ ୩୦ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ।

# ପୂର୍ବତଟ ରେଳପଥର ସ୍ୱଚ୍ଛତା ଅଭିଯାନ



ପୂର୍ବତଟ ରେଳପଥ ପକ୍ଷରୁ ଆୟୋଜିତ ବାଇକ୍ ଶୋଭାଯାତ୍ରା।

ଭୁବନେଶ୍ୱର,୧୨।୮(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମୁଖ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ନେଇଥିଲେ। ମହାପ୍ରବନ୍ଧକ ବ୍ୟକ୍ତିଗତ ଭାବେ ସ୍ୱଚ୍ଛତା, ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ନେଇ ପଦକ୍ଷେପଗୁଡ଼ିକର ସମୀକ୍ଷା କରିବା ସହ ମତାମତ ଏବଂ ପରାମର୍ଶ ସଂଗ୍ରହ ପାଇଁ ରେଳ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଫୁଙ୍କୱାଲ ଇ-ଆବର୍ଜନା ସଫା କରିବା, କାଗଜ ଓ ଫାଇଲ୍ ବ୍ୟବହାର ହ୍ରାସ କରିବା, ଡେସ୍କଟପ୍ ଓ ଇ-ଅଫିସ ଫାଇଲ ସଫା କରିବା ଏବଂ ଅଫିସ୍ ପ୍ରିଣ୍ଟର ବ୍ୟବହାରକୁ ଯୁକ୍ତିଯୁକ୍ତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ବିଭାଗଗୁଡ଼ିକୁ ପରିବେଶ ସଂରକ୍ଷଣ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେ ଅଧିକାରୀମାନଙ୍କୁ ସ୍ୱଚ୍ଛତା ଅଭିଯାନକୁ ବଜାୟ ରଖିବା, ବର୍ଜ୍ୟବସ୍ତୁ ପୃଥକୀକରଣକୁ ବୃଦ୍ଧି କରିବା ଏବଂ ବର୍ଜ୍ୟବସ୍ତୁର ଉପଯୁକ୍ତ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମଗ୍ର ରେଳ ନେଟୱର୍କରେ ସ୍ୱଚ୍ଛତା, ଡିଜିଟାଲ ଦକ୍ଷତା ଏବଂ ପରିବେଶକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ଲକ୍ଷ୍ୟ ଥିଲା।

## ମେଣ୍ଢାଶାଳରେ ଝୁଲଣ ଯାତ୍ରା ଉଦ୍‌ଯାପିତ

ବାରଙ୍ଗ,୧୨।୮(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳର ଆରାଧ୍ୟ ଶ୍ରୀଶ୍ରୀ ଭାଗବତ ବାସୁଦେବ ଠାକୁରଙ୍କ ଝୁଲଣ ଯାତ୍ରା ଓ ବାଦୀପାଲା ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଗଷ୍ଟ ୫ରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ଗାୟକ ଯୁବଭାସ୍କର ଜ୍ଞାନପ୍ରିୟ କାନୁନ୍‌ଗୋ ଓ ପାରିଜାତ ତ୍ରିନାଥ ପଣ୍ଡାଙ୍କୁ ନେଇ ବାଦୀପାଲା ଅନୁଷ୍ଠିତ ହୋଇଥିଲା। ପାଲା ଦେଖିବାପାଇଁ ଶତାଧିକ ଲୋକଙ୍କ ଭିଡ ରହିଥିଲା। ଯାତ୍ରାକୁ ମନ୍ଦିର କମିଟି କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଉଭୟ ପକ୍ଷର ୩ ଗିରଫ

### ଭରତପୁର ବୋମାମାଡ଼ ଘଟଣା

ଭୁବନେଶ୍ୱର,୧୨।୮(ସତ୍ୟଜିତ୍ ରାଉତ)


ଗିରଫ ୩ ଅଭିଯୁକ୍ତ।

ଭରତପୁର ଥାନା ଅନ୍ତର୍ଗତ ଭୂଦାନ ଅଞ୍ଚଳରେ ବୋମାମାଡ଼ ସହ ବାଇକ ଭଙ୍ଗାରୁଜା ଜଳାପୋଡ଼ା ଘଟଣାରେ ମଙ୍ଗଳବାର ପୋଲିସ ଉଭୟ ଗୋଷ୍ଠୀର ୩ଜଣଙ୍କୁ ଗିରଫ କରିଛି। ଭୂଦାନ ଅଞ୍ଚଳରେ ଏକ ସରକାରୀ ଜମି ଜବରଦଖଲକୁ କେନ୍ଦ୍ର କରି ଭରତପୁର ଓ ଅନ୍ଧାରୁଆ ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ଶତ୍ରୁତା ରବିବାର ଉଗ୍ରରୂପ ନେଇଥିଲା। ଭରତପୁର ଗୋଷ୍ଠୀର ଜଣେ ଓ ଅନ୍ଧାରୁଆ ଗୋଷ୍ଠୀର ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭରତପୁର ଗୋଷ୍ଠୀର ଅଭିଯୁକ୍ତ ହେଲେ ପଣ୍ଡାକୁଦିଆ ବସ୍ତିର ପ୍ରଫୁଲ୍ଲ ଦାସ ଓରଫ କାବୁଲି (୩୫) ଓ ଅନ୍ୟ ଗୋଷ୍ଠୀର ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆର ଅମୀୟ ପ୍ରସାଦ ଛୋଟରାୟ ଓରଫ ଶିବୁନା (୩୬) ଓ କନ୍ଧମାଳ ଜିଲା ବାଲିଗୁଡାର ବିଜୟ କୁମାର ନାୟକ (୫୦)। ଏହି ଘଟଣାରେ ପୃଥକ ମାମଲା (ନଂ. ୪୫୧/୨୦୨୫ ଏବଂ ୪୫୨/୨୦୨୫) ରୁଜୁ କରିଛି।

## ୨୧ ସୁଦ୍ଧା କ୍ୟାଡର ରୁଲ୍ ସ୍ୱୀକୃତି ନ ମିଳିଲେ ଅନଶନ

ଭୁବନେଶ୍ୱର,୧୨।୮(ସୁଚିସ୍ମିତା ସାହୁ)

ହାଇସ୍କୁଲ ଶିକ୍ଷକଙ୍କ ନିମନ୍ତେ ନୂତନ ଡ୍ରାଫ୍ଟ କ୍ୟାଡର ରୁଲ ଚୂଡ଼ାନ୍ତ ହୋଇସାରିଥିଲେ ସୁଦ୍ଧା ଏଯାବତ କାର୍ଯ୍ୟକାରୀ ହୋଇନାହିଁ। ଯଦ୍ୱାରା ରାଜ୍ୟରେ ହଜାର ହଜାର ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଉପଯୁକ୍ତ କ୍ୟାଡ଼ର ଅଭାବରୁ ପଦୋନ୍ନତି, ବଦଳି ଆଦି ଅନେକ ସୁବିଧା ପାଇପାରୁ ନାହାନ୍ତି। ଯଦି ଆସନ୍ତା ୨୧ ତାରିଖ ସୁଦ୍ଧା କ୍ୟାଡର ରୁଲ୍ ସ୍ୱୀକୃତି ନ ମିଳେ ତେବେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ମଙ୍ଗଳବାର ବୁଦ୍ଧ ମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହିନ୍ଦୀ ଶିକ୍ଷକ ସଂଘ ଓ ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ (ଉସ୍ପା) ପକ୍ଷରୁ ଚେତାବନୀ ଦିଆଯାଇଛି। ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ତ୍ରିପାଠୀ ଏବଂ ହିନ୍ଦୀ ଶିକ୍ଷକ ସଂଘ ସଭାପତି ଡ. ତବାରକ ଅଲୀ ସୁମନ କହିଛନ୍ତି, ମେ’ ୭ରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଦୁଇମାସ ଭିତରେ କ୍ୟାଡର ଫାଇଲକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରାଯାଇଥିଲା। ନଚେତ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଥିଲା। ୩ ମାସରୁ ଅଧିକ ସମୟ ଅତିକ୍ରାନ୍ତ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆମେ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛୁ।

# ଆଇଆର୍‌ଏଫ୍‌ସି - ଏଏସ୍‌ଆର୍‌ଏଲ୍ ମଧ୍ୟରେ ଋଣ ଚୁକ୍ତିନାମା

ଭୁବନେଶ୍ୱର,୧୨।୮(ଅନୁରାଧା ମହାରଣା)

ଅନୁଗୋଳ (ବୁଢାପଙ୍କ) ଏବଂ ସୁକିନ୍ଦା (ବାଘୁଆପାଳ) ମଧ୍ୟରେ ନବନିର୍ମିତ ରେଳଲାଇନକୁ ଅର୍ଥ ପୁନଃପ୍ରଦାନ ପାଇଁ ଅନୁଗୋଳ ସୁକିନ୍ଦା ରେଳପଥ ଲିମିଟେଡ (ଏଏସ୍‌ଆର୍‌ଏଲ୍) ଏବଂ ଭାରତୀୟ ରେଳପଥ ଅର୍ଥ ନିଗମ (ଆଇଆର୍‌ଏଫ୍‌ସି) ମଧ୍ୟରେ ୨୪୭୩ କୋଟି ଟଙ୍କାର ଏକ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ଆଇଆର୍ ଏଫ୍‌ସି କାର୍ଯ୍ୟାଳୟରେ ଏଏସ୍ ଆର୍‌ଏଲ ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ଏବଂ ଆଇଆର୍‌ଏଫ୍‌ସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପା କୋଚ୍‌ନିସ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ୧୧୩.୪ କିଲୋମିଟର ବିଶିଷ୍ଟ ଅନୁଗୋଳ ସୁକିନ୍ଦା ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ରେଳ ବିକାଶ ନିଗମ ଲିମିଟେଡ (ଆର୍‌ଭିଏନ୍‌ଏଲ୍), କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ସିଏନ୍‌ସିଓଆର୍), ଓଡ଼ିଶା ସରକାର ଏବଂ ଏକ ଘରୋଇ କମ୍ପାନୀ ଦ୍ୱାରା ଏଏସ୍‌ଆର୍‌ଏଲ୍ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନର (ଏସ୍‌ପିଭି) ଗଠନ କରାଯାଇଛି। ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ କରିଡର, ଯାହା ରାଜ୍ୟର ଦୁଇଟି ଶିଳ୍ପ ଓ ଖଣି ଅଞ୍ଚଳ ମଧ୍ୟରେ କୋଇଲା, ଲୁହା ପଥର, ଇସ୍ପାତ ଏବଂ ଅନ୍ୟାନ୍ୟ କଞ୍ଚାମାଲ ପରିବହନକୁ ସହଜ କରିବା ସହ ରେଳ ଭିଡ଼ ହ୍ରାସ କରିବାରେ ସାହାଯ୍ୟ କରିଛି। ଏହି ନୂତନ ଲାଇନ ନିର୍ମାଣ ପାଇଁ ଏଏସ୍‌ଆର୍‌ଏଲ୍ ପୂର୍ବରୁ ପାଞ୍ଚଟି ରାଷ୍ଟ୍ରୀୟକୃତ ବ୍ୟାଙ୍କର ଏକ ସଂଘରୁ ଋଣ ନେଇଥିଲା, ଯେଉଁଥିରେ କାନାରା ବ୍ୟାଙ୍କ ମୁଖ୍ୟ ବ୍ୟାଙ୍କ ଥିଲା। ଲାଇନଟି ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି। ଏଥିସହ ଆଇଆର୍‌ଏଫ୍‌ସି ଋଣ ଉପରେ ଉତ୍ତମ ସୁଧ ପ୍ରଦାନ କରିଛି। ପ୍ରଥମଥର ପାଇଁ ଆଇଆର୍‌ଏଫ୍‌ସି ଏକ ରେଳ ଲାଇନ ନିର୍ମାଣ ପାଇଁ ଋଣ ପ୍ରଦାନ କରୁଛି। ଆଇଆର୍‌ଏଫ୍‌ସିର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ଦୁବେ ଏଏସ୍‌ଆର୍‌ଏଲ୍‌କୁ ଏହି ଋଣ ସୁବିଧା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଋଣ ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ, ଆଇଆର୍‌ଏଫ୍‌ସିର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫ୍‌ଓ) ଏସ୍.କେ. ଗୋଏଲ, ଏଏସ୍‌ଆର୍‌ଏଲ୍‌ର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫ୍‌ଓ) ପ୍ରଫୁଲ୍ଲ ରାଉତ ଏବଂ ଏଏସ୍‌ଆର୍‌ଏଲ୍‌ର କମ୍ପାନୀ ସଚିବ ଉପସ୍ଥିତ ଥିଲେ।

## ସ୍ୱର୍ଗତ ଲୋକନାଥ ତ୍ରିପାଠୀଙ୍କ ଜୟନ୍ତୀ ଉତ୍ସବ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୧୨।୮(ସୌମ୍ୟରଞ୍ଜନ ରାଉତ)

ସେବତୀ ଲୋକନାଥ ସାହିତ୍ୟ ସେବା ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ସାଧକ ସ୍ୱର୍ଗତ ଲୋକନାଥ ତ୍ରିପାଠୀଙ୍କ ୯୯ତମ ଜୟନ୍ତୀ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଅତିଥି ଭାବେ ନିକୁଞ୍ଜ କିଶୋର ପଣ୍ଡା, ଅଧ୍ୟାପିକା ଡ. ପ୍ରତିଭା ମହାରଥୀ, ତ୍ରିନାଥ ପ୍ରସାଦ ତ୍ରିପାଠୀ, ବିଜୟ କୁମାର ଦାଶ, ମଞ୍ଜୁଳା ତ୍ରିପାଠୀ, ଡ. ତ୍ରୈଲୋକ୍ୟନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବୟିତ୍ରୀ ଓ କବିଙ୍କୁ ନେଇ କବିତା ପାଠ ଆସର ଅନୁଷ୍ଠିତ ହୋଇଥିଲା। ପରେ ତରୁଣବାଳା ମହାପାତ୍ର ଓ ସୌଦାମିନୀ ତ୍ରିପାଠୀ ବେଦପାଠ କରିଥିଲେ। ସମ୍ମିଳିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯିବା ସହ କୁମାରୀ ବଂଶିକା ମହାପାତ୍ରଙ୍କ ଦ୍ୱାରା ଭକ୍ତିନୃତ୍ୟ ପରିବେଷଣ ହୋଇଥିଲା।

## ବନ୍ୟାଞ୍ଚଳରେ ସୋଆ ଏନ୍‌ଏସ୍‌ଏସ୍‌ର ରିଲିଫ୍ ପ୍ରଦାନ



ରିଲିଫ୍ ପ୍ରଦାନ ଅବସରରେ ସୋଆ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ।

ଭୁବନେଶ୍ୱର,୧୨।୮(ଅନୁରାଧା ମହାରଣା)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବନ୍ୟା ପ୍ରପୀଡ଼ିତ କେନ୍ଦ୍ରାପଡ଼ା ଜିଲାର ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ତରେଇପାଟଣା, ସିଦ୍ଧବାଲି ଓ ବାଲୁରିଆ ଆଦି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଏବଂ ସମ୍ ନର୍ସିଂ କଲେଜର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚୁଡ଼ା, ଗୁଡ଼, ଦିଆସିଲି, ମହମବତି, ସାନିଟାରି ପ୍ୟାଡ୍, ମଶାଧୂପ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୋଆ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ’ର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅମ୍ବରୀଶ ମଙ୍ଗରାଜ ଏବଂ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କର୍ମଚାରୀ ରାଜଶେଖର ବେହେରା ପରିଚାଳନା କରିଥିଲେ। ଉପଦେଷ୍ଟା ପ୍ରଫେସର ନଚିକେତା ଖମାରୀ ଶର୍ମା ଓ ପ୍ରୋଗ୍ରାମ୍ ସଂଯୋଜକ ଡ. କମଳ ଲୋଚନ ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ନନ୍ଦନକାନନ ପାଳିଲା ବିଶ୍ୱ ହସ୍ତୀ ଦିବସ

## ପୁରସ୍କୃତ ହେଲେ ମାହୁନ୍ତ ଓ କୃତୀ ଛାତ୍ରୀଛାତ୍ର

ବାରଙ୍ଗ,୧୨।୮(ଲିଙ୍ଗରାଜ ରାଉତ)



ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ନନ୍ଦନକାନନ ଅଧିକାରୀ ଏବଂ ଅନ୍ୟମାନେ।

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ହାତୀମାନଙ୍କ ସୁରକ୍ଷା, ହାତୀ ମଣିଷ ଲଢେଇକୁ ରୋକିବା, ସେମାନଙ୍କ ବଂଶ ବୃଦ୍ଧି ହେବା, ଜଙ୍ଗଲର ସୁରକ୍ଷା କରିବା ଆଦି ବିଷୟକୁ ନେଇ ସଚେତନ ବାର୍ତ୍ତା ମାଧ୍ୟମରେ ହସ୍ତୀ ଦିବସ ପାଳନର ଆଭିମୁଖ୍ୟ ରଖାଯାଇଛି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିସହ ସମସ୍ତ ମାହୁନ୍ତ ଓ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳୁ ଉଦ୍ୟାନରେ ଥିବା ୨ବଡହାତୀ ବାସନ୍ତୀ ଓ ହୀରା, ୨ସାନ ହାତୀ ଆଶା ଓ ଲିଶାକୁ ଭଲଭାବରେ ଗାଧୋଇ ମାହୁନ୍ତମାନେ ହାତୀଶାଳ ବାହାର ଖୋଲା ସ୍ଥାନକୁ ଆଣିଥିଲେ। ସେଠାରେ ହାତୀମାନଙ୍କ ପାଇଁ ବିଭିନ୍ନ ଫଳମୂଳ ସେଓ, କଦଳୀ, ଆଖୁ, ତରଭୁଜ ଆଦି ସୁସ୍ୱାଦୁ ଖାଦ୍ୟ ରଖାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ସିସିଏଫ୍ ବିକାଶ ରଞ୍ଜନ ଦାସ ଯୋଗଦେଇ ହାତୀମାନଙ୍କୁ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଦେଇଥିଲେ। ପରେ ଅନ୍ୟମାନେ ହାତୀମାନଙ୍କୁ ଖାଇବାକୁ ଦେଇଥିଲେ। ଏହାସହ ପର୍ଯ୍ୟଟକମାନଙ୍କ ପାଇଁ ଏକ ସିଗ୍‌ନେଚର କ୍ୟାମ୍ପ କରାଯାଇ ଥିଲା। ଏଥିସହ କରାଯାଇଥିବା ସେଲ୍ଫି ପଏଣ୍ଟରେ ପର୍ଯ୍ୟଟକମାନେ ବେଶ୍ ମଜା ଉଠାଇଥିଲେ। ସେହିଭଳି ଚନ୍ଦକା ଗୋଡ଼ିବାରୀ କୁମାରଖୁଣ୍ଟି ହାତୀଶାଳରେ ଥିବା ୮ଟି ପୋଷା ହାତୀଙ୍କୁ ନେଇ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି।

# ରେଳ ଲାଇନରୁ ଅଜଣା ମୃତଦେହ ଜବତ

ଟାଙ୍ଗୀ,୧୨।୮(ରଘୁନାଥ ସାହୁ)

ଖୋର୍ଦ୍ଧା ରୋଡ୍ ରେଲୱେ ଡିଭିଜନ ଅନ୍ତର୍ଗତ କାଲୁପଡ଼ାଘାଟ ରେଳଷ୍ଟେଶନ ନିକଟ ମୁଣ୍ଡାଳ ରେଳ ଫାଟକଠାରେ ରେଳ ଲାଇନରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ଖବର ପାଇ ରେଲୱେ ପୋଲିସ ପହଞ୍ଚି ବ୍ରହ୍ମପୁର-ଭୁବନେଶ୍ୱର ଅପଲାଇନରୁ ମୃତଦେହ ଜବତ କରିଛି। ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳର ଚାଷୀମାନେ କ୍ଷେତକୁ ଯିବା ସମୟରେ ମୁଣ୍ଡାଳ ରେଳ ଫାଟକ ନିକଟରେ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତହେଦ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ରେଲୱେ ପୋଲିସ ସୂତ୍ରରୁ ପ୍ରକାଶ।

# ରାସ୍ତା ମଝିରେ ଜଳିଗଲା ୧୦୮ ଆମ୍ବୁଲାନ୍ସ

ବାଣପୁର,୧୨।୮(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଆୟତପୁର-ଦେଓଗାଁ ରୋଡ୍‌ରେ ସୋମବାର ରାତି ୩ଟାରେ ରାସ୍ତା ମଝିରେ ଏକ ୧୦୮ ଆମ୍ବୁଲାନ୍ସ ଜଳିଯାଇଛି। ଏହି ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ବାଣପୁରର ପଲଟନ ପଡ଼ିଆ ନିକଟରୁ ଏକ ଅସୁସ୍ଥ ବ୍ୟକ୍ତିଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ରାତି ୨ଟା ୧୫ ମିନିଟରେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଖବର ପାଇ ଏକ ଆମ୍ବୁଲାନ୍ସ ଗମ୍ଭାରୀମୁଣ୍ଡା ସିଏଚ୍‌ସିରୁ ବାଣପୁର ଆସୁଥିବା ବେଳେ ବାଟରେ ରୋଗୀ ଜଣକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚାଲିଯାଇଥିବା ଖବର ପାଇ ଆମ୍ବୁଲାନ୍ସ କୋଳଥ ଛକଠାରୁ ଫେରୁଥିଲା। ରାତି ୩ଟାରେ ଆୟତପୁର-ଦେଓଗାଁ ମଝିରେ ହଠାତ୍ ଆମ୍ବୁଲାନ୍ସରୁ ପୋଡ଼ା ଗନ୍ଧ ଆସିଥିଲା। ଏହାପରେ ଡ୍ରାଇଭର, ଆଟେଣ୍ଡାଣ୍ଟ ଓ ଫାର୍ମାସିଷ୍ଟ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ଗାଡ଼ିର ବ୍ୟାଟେରୀ ବାକ୍ସ ନିକଟରେ ଶର୍ଟ ସର୍କିଟରୁ ପଛ ଭାଗ ହୁହୁ ହୋଇ ଜଳୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସେମାନେ ତାଙ୍କ ପାଖରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ତେଣୁ ସେମାନେ ଜୀବନ ବିକଳରେ ଦୂରକୁ ଚାଲିଯାଇ ଦମକଳ ବିଭାଗକୁ ଖବର ଦେଇଥିଲେ। ସେହି ସମୟରେ ପୁଣି ଏକ ବଡ଼ ବିସ୍ଫୋରଣ ଘଟି ଜଳନ୍ତା ଆମ୍ବୁଲାନ୍ସ ଖଣ୍ଡ ଖଣ୍ଡ ହୋଇ ପ୍ରାୟ ୧୫୦ ମିଟର ଦୂର ପର୍ଯ୍ୟନ୍ତ ଏହାର ବିଭିନ୍ନ ଲୁହା ଖଣ୍ଡମାନ ଛିଟିକି ପଡ଼ିଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିବାବେଳେ ଆମ୍ବୁଲାନ୍ସ ସମ୍ପୂର୍ଣ୍ଣ ଜଳିଯାଇଛି। ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସର ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ଜଳିଯାଇଥିବା ଆମ୍ବୁଲାନ୍ସକୁ ରାସ୍ତାରୁ ହଟାଇଥିଲେ।


ଜଳିଯାଇଥିବା ୧୦୮ ଆମ୍ବୁଲାନ୍ସ।

## ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ

# ବ୍ଲକସ୍ତରୀୟ ଜାତୀୟ କୃମିନାଶ ଦିବସ ଉଦ୍‌ଘାଟିତ

**କୃମି ସଂକ୍ରମିତ ହେଲେ ପିଲାମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶରେ କ୍ଷତି ଘଟିବ**


ଜଣେ ଛାତ୍ରୀଙ୍କୁ କୃମି ନାଶକ ଔଷଧ ଦିଆଯାଉଛି।

ବେଗୁନିଆ,୧୨।୮(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜାତୀୟ କୃମିନାଶ ଦିବସ ଉଦ୍‌ଘାଟିତ ହୋଇଯାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସମାରୋହକୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ଦେବାଶିଷ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଏବିଇଓ ନଳିନୀପ୍ରଭା ଦେବୀ ଉପସ୍ଥିତ ଥିଲେ। କୃମି ରୋଗର ସଂକ୍ରମଣ ଓ ପ୍ରତିକାର ସମ୍ପର୍କରେ ଡାକ୍ତର ପଣ୍ଡା ପରାମର୍ଶ ଦେଇଥିଲେ। ସାଧାରଣତଃ ଅପରିଷ୍କାର ହାତରେ ଖାଇବା ଓ ଅପରିଷ୍କାର ବସ୍ତ୍ର ପିନ୍ଧିବା ଦ୍ୱାରା ପିଲାମାନଙ୍କ ଶରୀରର କୃମି ରୋଗ ଦେଖାଦେଇଥାଏ। ଶିଶୁଙ୍କଠାରୁ ଆରମ୍ଭ କରି ବାଳିକା, ବାଳକମାନଙ୍କ ଶରୀରରେ ସଂକ୍ରମିତ ହେଲେ ରକ୍ତ ହୀନତା, ଦୃଷ୍ଟି ହୀନତା ଜନିତ ରୋଗ ଦେଖାଯାଏ। ଅପରପକ୍ଷରେ ଶରୀରକୁ ଦୁର୍ବଳ କରିବା ଦ୍ୱାରା ମାନସିକ ଓ ଶାରିରୀକ ବିକାଶରେ କ୍ଷତି ଘଟାଇଥାଏ ବୋଲି ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ପ୍ରଭାସିନୀ ପଣ୍ଡା ନାନା ପରାମର୍ଶ ଦେଇଥିଲେ। ଡଃ ପଣ୍ଡା ସର୍ବ ପ୍ରଥମେ ପିଲାମାନଙ୍କୁ ବଟିକା ଖୁଆଇ ଶୁଭାରମ୍ଭ କରିଥିଲେ। ଏହି ରୋଗର ପ୍ରତିଷେଧକ ପାଇଁ ପିଲାମାନଙ୍କୁ ସିରପ ଓ ବଟିକା ବଣ୍ଟନ କରାଯାଇଥିଲା। ବ୍ଲକର ସମୁଦାୟ ୧୪୧ଟି ସରକାରୀ ବିଦ୍ୟାଳୟ, ଯୁକ୍ତ୨ ବିଦ୍ୟାଳୟ ସହିତ ୨୬ଟି ବେସରକାରୀ ଶିକ୍ଷାନୁଷ୍ଠାନ, ୨୩୬ଟି ଅଙ୍ଗନୱାଡି କେନ୍ଦ୍ରରେ ୧ବର୍ଷରୁ ଅଧିକ ଏବଂ ୧୯ବର୍ଷରୁ କମ ବୟସର ଛାତ୍ରୀଛାତ୍ରଙ୍କୁ ଏହି ବଟିକା ଏବଂ ସିରପ ବଣ୍ଟନ କରାଯାଇଛି। ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୯ରେ ସମସ୍ତଙ୍କୁ ବଣ୍ଟନ କରାଯିବ ବୋଲି ପିଏଚଇଓ ପଣ୍ଡା ସୂଚନା ଦେଇଥିଲେ।

# କନିଷ୍ଠ ଶିକ୍ଷକ ସଂଘର ବିକ୍ଷୋଭ, ଦାବିପତ୍ର

ଖୋର୍ଦ୍ଧା,୧୨।୮(ପ୍ରଭାତ ପ୍ରାଣିଗ୍ରାହୀ)

## ସ୍କିମାଟିକ୍ ନିଯୁକ୍ତି ଉଚ୍ଛେଦ ପ୍ରସ୍ତାବ ପ୍ରସଙ୍ଗ

ନିୟମିତ ଶିକ୍ଷକ ଦାବିରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ନିଯୁକ୍ତ ପ୍ରକ୍ରିୟାକୁ ହଟାଯିବ। ସ୍କିମାଟିକ୍ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନିୟମିତ କରାଯିବ। ସ୍କୁଲରେ ୨୦୩୬ ସୁଦ୍ଧା ୪୪ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ଗତ ୨ ତାରିଖରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ସୁପାରିସ କରାଯିବା ସହ ଚିଠି ମଧ୍ୟ ପ୍ରକାଶ କରାଯାଇଥିଲା। ହେଲେ ଏହାର ୫ ଦିନ ପରେ ଉକ୍ତ ଚିଠିକୁ ବିଭାଗ ପ୍ରତ୍ୟାହାର କରିଛି। ଏହି ଚିଠି ପ୍ରତ୍ୟାହାରକୁ କନିଷ୍ଠ ଶିକ୍ଷକ ସଂଘ ତୀବ୍ର ବିରୋଧ କରିଛି। ସରକାର ଗଣ ଶିକ୍ଷା ବିଭାଗର ପୂର୍ବ ପ୍ରସ୍ତାବକୁ ଗ୍ରହଣ କରି ପଦକ୍ଷେପ ନ ନେଲେ ଆଗାମୀ ଦିନରେ କନିଷ୍ଠ ଶିକ୍ଷକମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଖୋର୍ଦ୍ଧା ପ୍ରାଥମିକ ଶିକ୍ଷକ ସଂଘ ଏହାକୁ ଦୃଢ଼ ସମର୍ଥନ କରିଛି। ସରକାର ପୁନର୍ବାର ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ସରକାର ଯଦି ଟାଳଟୁଳ ନୀତି ଅବଲମ୍ବନ କରନ୍ତି ରାଜ୍ୟ ସାରା ସମସ୍ତ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ । ସେଥିପାଇଁ ଯାହା କ୍ଷତି ହେବ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରିଥିବା କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ।

# ଗୀତା ପାଠ, ନୀତିବାଣୀ ଆବୃତ୍ତି କଲେ ଛାତ୍ରୀଛାତ୍ର


ସଂସ୍କୃତ ସପ୍ତାହ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

ଖୋର୍ଦ୍ଧା,୧୨।୮(ପ୍ରଭାତ ପାଣିଗ୍ରାହୀ)

## ସଂସ୍କୃତ ସପ୍ତାହ ଉଦ୍‌ଯାପିତ

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟରେ ଗତ ୬ ତାରିଖରୁ ଚାଲିଥିବା ସଂସ୍କୃତ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହବ୍ୟାପୀ ପିଲାଙ୍କ ମଧ୍ୟରେ ପ୍ରାର୍ଥନା ସମୟରେ ସଂସ୍କୃତ ନୀତିବାଣୀ ଅର୍ଥ ସହିତ ଆବୃତ୍ତି, ସଂସ୍କୃତି ଜ୍ଞାନ ପ୍ରଶ୍ନୋତ୍ତର କରାଯାଇଥିଲା। ପିଲାଙ୍କ ମଧ୍ୟରେ ସଂସ୍କୃତ ସମ୍ଭାଷଣ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଗୀତା କଣ୍ଠ ପାଠ, ସଂସ୍କୃତ ଗୀତ, ବକ୍ତୃତା ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ସଂସ୍କୃତ ପ୍ରଦର୍ଶନୀ ମଧ୍ୟ କରାଯାଇଥିଲା।

ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଅଞ୍ଜନ କୁମାର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷା ଏବଂ ଆମ ସଂସ୍କୃତିର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ଦାଶ ବିଜ୍ଞାନ ଓ ସଂସ୍କୃତ ଭାଷା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତିତ୍ୱ ଭାଷଣରେ ପ୍ରଧାନଶିକ୍ଷକ ସେନାପତି କହିଲେ ସଂସ୍କୃତ ହେଉଛି ପ୍ରାଚୀନ ଭାଷା। ସମସ୍ତ ଭାଷାର ଜନନୀ। ଏହାର ଇତିହାସ ଓ ବର୍ତ୍ତମାନ ବିଜ୍ଞାନ ସହ ତାହାର ଯୋଗସୂତ୍ର ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଭୂପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଜଗନ୍ନାଥ ରାଉତ, ଏମ୍‌ଡି ଖତିବୁଦ୍ଦିନ, ଦିଲୀପ କୁମାର ନାୟକ, ଚିନ୍ମୟ ମାର୍ଥା, ଦୀପକ ଛୋଟରାୟ, ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର, ନିବେଦିତା ଛୁଆଳସିଂ, ଅନୁପମା ସାହୁ, ରୋଜାଲିନ ରାଉତରାୟ, ବିଷ୍ଣୁପ୍ରିୟା ସାହୁ, ଇଫତ ଜାହାନ, ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା, ସୀମାରାଣୀ ବେହେରା, ପ୍ରୀୟଦର୍ଶିନୀ ସାହୁ, ସୌଦାମିନି ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ସ୍ନିଗ୍ଧାମୟୀ ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୧୨।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କୁହୁଡ଼ି ଜନତା ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପୁଷ୍ପଲତା ଦେଈ ଗତ ଜୁଲାଇରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଟୁକୁନା ପ୍ରଧାନଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର, ବିଶେଷ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ, ମୁଖ୍ୟବକ୍ତା ବାଲୁଗାଁ କଲେଜ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ପଣ୍ଡିତ ବାଳକୃଷ୍ଣ ମିଶ୍ର, ଅଶୋକ କୁମାର ବେହେରା, ରଶ୍ମିତା ଜେନା, ସ୍ୱାତୀ ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ଉତ୍ତମ କୁମାର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜନତା ଡିଗ୍ରୀ କଲେଜ ଶିକ୍ଷା ବିଭାଗ ପକ୍ଷରୁ 'ଅଭିନନ୍ଦନିକା' ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅତିଥି ପରିଚୟ ଦେଇଥିଲେ ଅଧ୍ୟାପକ ସୁରେନ୍ଦ୍ର କୁମାର ସ୍ୱାଇଁ ଓ ଅଧ୍ୟାପିକା ସୋନାଲି ଶ୍ରୀଚନ୍ଦନ। ଅଧ୍ୟାପିକା ପୁଷ୍ପଲତା ଦେଈଙ୍କ କର୍ତ୍ତବ୍ୟନିଷ୍ଠା, ନିଷ୍ଠାପର ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ସ୍ନେହ, କର୍ମଚାରୀଙ୍କ ପ୍ରତି ଥିବା ଉତ୍ତମ ସମ୍ପର୍କ ଓ ଉଚ୍ଚକୋଟୀର ବ୍ୟବହାର ଉପରେ ମତବ୍ୟକ୍ତ କରିଥିଲେ। ତାଙ୍କର ଶାନ୍ତ, ସରଳ ସ୍ୱଭାବ ଓ ପାଠପଢ଼ା ଶୈଳୀ ନିଆରା ଥିଲା ବୋଲି ଛାତ୍ରୀଛାତ୍ରମାନେ କହିଥିଲେ।


ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ଏସ୍‌ବିଆଇର ତାଳଗଛ ରୋପଣ ଅଭିଯାନ



ତାଳଗଛ ରୋପଣ ଅଭିଯାନରେ ସାମିଲ ଗ୍ରାମବାସୀ।

କୃଷ୍ଣପ୍ରସାଦ,୧୨।୮(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ବଜ୍ରପାତ ଏକ ପ୍ରାକୃତିକ ଦୁର୍ଘଟଣା, ଯାହାକୁ ଏଡ଼ାଇବା ପାଇଁ ତାଳଗଛ ବଜ୍ର କବଚ ପାଲଟିଛି। ତେଣୁ ଓଡ଼ିଶାରେ ୭୫ହଜାର ତାଳଗଛ ଲଗାଇବା ପାଇଁ ଏସ୍‌ବିଆଇ ବିଶାଳ ପ୍ଲାଣ୍ଟେଶନ୍ ଡ୍ରାଇଭ୍ ଆରମ୍ଭ କରିଛି। ଏଥିରେ ନେଟ୍ ଜିରୋ ପ୍ଲାନେଟ୍ ଫାଉଣ୍ଡେଶନର ଗ୍ରୀନ୍ ଓଡ଼ିଶା ମିଶନ୍ ସହଯୋଗ କରିଛି। ୨୦୩୦ ପର୍ଯ୍ୟନ୍ତ ଓଡ଼ିଶାରେ ୧କୋଟି ଗଛ ଲଗାଇବାକୁ ଏହି ୨ସଂସ୍ଥା ଲକ୍ଷ୍ୟ ରଖିଛି। ଏହି ଅବସରରେ ସୋମବାର ୫ହଜାର ତାଳଗଛ ଅରଖକୁଦା ଏବଂ ପିରିଜିପୁର ଗ୍ରାମପଞ୍ଚାୟତରେ ଲଗାଯାଇଛି। ଭାବକୁଣ୍ଡଳେଶ୍ୱର ମନ୍ଦିର ନିକଟରୁ ଚିଲିକା ହ୍ରଦ ପାର୍ଶ୍ୱ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଗାହୋଇଛି। ଏହି ପ୍ଲାଣ୍ଟେଶନ୍ ଚିଲିକା ହ୍ରଦର ଆଭ୍ୟନ୍ତରୀଣ ସଡ଼କକୁ କ୍ଷୟ ଓ ବାତ୍ୟାରୁ ସୁରକ୍ଷା ଦେବାକୁ ପ୍ରାକୃତିକ ବାରିକେଡ୍ ଭାବେ କାମ କରିବ ବୋଲି ନେଟ ଜିରୋ ପ୍ଲାନେଟ ଫାଉଣ୍ଡେଶନ ସଂସ୍ଥାପକ ହିମାଂଶୁ ଶେଖର ନାୟକ କହିଛନ୍ତି। ଷ୍ଟେଟ ବ୍ୟାଙ୍କ ସାତପଡ଼ା ଶାଖା ପରିଚାଳକ ସୁବ୍ରତ କୁମାର ମହାପାତ୍ର କହିଲେ, ତାଳଗଛ ମଣିଷ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରିଥାଏ। ବଜ୍ରପାତରୁ ଘରକୁ ରକ୍ଷା କରିବା ସହ ମୃତ୍ତିକା ସଂରକ୍ଷଣ କରେ। ଏଥିପାଇଁ ଜନସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ଉପସ୍ଥିତ ଲୋକଙ୍କୁ କହିଥିଲେ।

# ବର୍ଷା ପାଇଁ ଗିରିଗୋବର୍ଦ୍ଧନ ପୂଜା

ବୋଲଗଡ଼,୧୨।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ କୋଶଳାଶୁଣୀ ଜଙ୍ଗଲ ମଧ୍ୟରେ ଥିବା ପାହାଡ଼ ଉପର ଗିରିଗୋବର୍ଦ୍ଧନ ପୀଠରେ ନିକଟସ୍ଥ ଠଣାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା ହୋମ ଓ ନାମ କୀର୍ତ୍ତନ ସହ ପୂଜାର୍ଚ୍ଚନା ମାଧ୍ୟମରେ ବର୍ଷାକୁ ଆବାହନ କରାଯାଇଛି। ବର୍ତ୍ତମାନ ସ୍ଥିତିରେ ବର୍ଷା ଅଭାବ କାରଣରୁ ଧାନ ଚାଷ ପ୍ରଭାବିତ ହେବାରେ ଲାଗିଛି। ତୁରନ୍ତ ବର୍ଷା ନ ହେଲେ ତଳି ଶୁଖିଯିବା ସମ୍ଭାବନା ରହିଛି। ତେବେ ଲୋକଶ୍ରୁତି ଅନୁଯାୟୀ ଏହି ପୀଠରେ ଗିରିଧାରୀ ଶ୍ରୀ କଳାକୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ କଳାଧଳା ଖିରି ପ୍ରସ୍ତୁତ କରି ଭୋଗ ଅର୍ପଣ କଲେ ଇନ୍ଦ୍ର ଦେବ କ୍ରୋଧାନ୍ୱିତ ହୋଇ ଚାରି ମେଘ ପଠାଇ ପୂଜାରେ ବିଘ୍ନ ଉପୁଜାଇବାକୁ ବର୍ଷା କରାନ୍ତି। ଏହି ପରମ୍ପରାକୁ ଆଧାର କରି ଠଣାପଲ୍ଲୀ ଓ ଅନ୍ୟ ଗ୍ରାମବାସୀ ଏହି ପୀଠରେ ବର୍ଷା ହେବା ପାଇଁ କାହିଁ କେଉଁ କାଳରୁ ପୂଜା କରି ଆସୁଛନ୍ତି। ଅପରପକ୍ଷରେ ବିଜ୍ଞାନ ଅନୁଯାୟୀ ଜଙ୍ଗଲ ଅଞ୍ଚଳରେ ବର୍ଷା ଅଧିକ ପରିମାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଏହି କୋଶଳାଶୁଣି ଜଙ୍ଗଲ ସମ୍ପଦ ସଂରକ୍ଷଣ ପାଇଁ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ପୂଜାରେ ପୁରୋହିତ ରତ୍ନାକର ମହାପାତ୍ର ହୋମ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଗ୍ରାମବାସୀ କଳାଧଳା ଖିରି ଭୋଗ ପ୍ରସ୍ତୁତ କରିଥିଲେ। ଭାଗୀରଥି ଦାଶ ଭାଗବତ ପାଠ ଓ ଜଗନ୍ନାଥ ଦାସ, ଚନ୍ଦ୍ରକାନ୍ତ ପ୍ରଧାନ , ଅର୍ଜୁନ ମହାପାତ୍ର, ଲକ୍ଷ୍ମୀଧର ସାହୁ, ଆନନ୍ଦ ହୋତା, ହରିହର ସାହୁ, ରତ୍ନାକର ପ୍ରଧାନ ପ୍ରମୁଖ ନାମ କୀର୍ତ୍ତନ କରିଥିଲେ।


ଠଣାପଲ୍ଲୀ ଗ୍ରାମବାସୀ ଗିରିଗୋବର୍ଦ୍ଧନ ପୂଜା କରୁଛନ୍ତି।

# ସ୍ୱାଧୀନତା ଦିବସ ଅଭ୍ୟାସ ପରେଡ୍, ସାଂସ୍କୃତିକ ଦଳ ଚୟନ

ଖୋର୍ଦ୍ଧା,୧୨।୮(ପ୍ରଭାତ ପାଣିଗ୍ରାହୀ)

ଚଳିତ ଥର ଦେଶ ପାଳିବ ସ୍ୱାଧୀନତାର ୭୯ତମ ଦିବସ। ଏନେଇ ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ସରକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ଜାତୀୟ ପତାକା ଉଡ଼ିବ। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଅଭ୍ୟାସ ପରେଡ ଏବଂ ସାଂସ୍କୃତିକ ଦଳ ଚୟନ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଭ୍ୟାସ ପରେଡର ଥିଲା ଦ୍ୱିତୀୟ ଦିନ। ରିଜର୍ଭ ଇନ୍ସପେକ୍ଟର ସତ୍ୟକାନ୍ତ ମନୋରଞ୍ଜନ ଜେନା ପରେଡ ପରିଚାଳନା କରିଥିଲେ। ଏହି ଅଭ୍ୟାସ ପରେଡରେ ଆଇଟିବିପି, ଏପିଆର, ଗୃହରକ୍ଷୀ ବାହିନୀ, ପୋଲିସ ବ୍ୟାଣ୍ଡ ପାର୍ଟି ସମେତ ବିଭିନ୍ନ ମହାବିଦ୍ୟାଳୟ, ହାଇସ୍କୁଲସ୍ତରୀୟ ଏନ୍‌ସିସି, ଭାରତ ସ୍କାଉଟ ଆଣ୍ଡ ଗାଇଡସ, ୟୁଥ ରେଡକ୍ରସ, ବିଦ୍ୟାଳୟସ୍ତରୀୟ ସିଭିଲିଆନକୁ ମିଶାଇ ଚଳିତ ବର୍ଷ ୫୪ଦଳ ଅଂଶଗ୍ରହଣ କରିଛନ୍ତି। ବୁଧବାର ସକାଳ ୮ଟାରେ ଶେଷ ପରେଡ ଅଭ୍ୟାସ ହେବ। ସେହିପରି ଜିଲାସ୍ତରୀୟ ସମାରୋହରେ ଯୋଗଦେବାକୁ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ ଚୟନ କରାଯାଇଛି। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କବିରାଜ ପ୍ରଧାନ, ସାଂସ୍କୃତିକ ଦଳ ଚୟନ କମିଟି ବିଚାରକ ମଣ୍ଡଳୀ ବିରଞ୍ଚି ସାହୁ, ସ୍ମରଣିକା ପ୍ରିୟଦର୍ଶିନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ରେବତୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



# ଆମ ସ୍କୁଲ ଯିବା କାର୍ଯ୍ୟକ୍ରମ ଯୋଜନାର କ୍ଲଷ୍ଟରସ୍ତରୀୟ ବୈଠକ

ବାଣପୁର,୧୨।୮(ଦିଲୀପ କୁମାର ସ୍ୱାଇଁ)

ସମଗ୍ର ଶିକ୍ଷା ଅଭିଯାନର 'ଆମ ସ୍କୁଲ ଯିବା' କାର୍ଯ୍ୟକ୍ରମ ଯୋଜନାରେ ନାଚୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବସନ୍ତ ଶବରଙ୍କ ସଂଯୋଜନା ତଥା ସିଆର୍‌ସିସି ମଧୁସୂଦନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିକ୍ଷା ବୈଠକରେ ନିମନ୍ତ୍ରିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ, ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଲାଇ, ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ ଯୋଗଦେଇଥିଲେ। ଏଥିରେ ସଲପଡିହ ସରକାରୀ ଉନ୍ନୀତ ହାଇସ୍କୁଲ, ବାପୁଜୀ ଆଶ୍ରମ ହାଇସ୍କୁଲ ସମେତ ଗୋରଡ଼ାଝରୀ, ନାଚୁଣୀ, ଆମ୍‌ଝର, ଲୋକିପୁର ତଥା ଆଖପାଖ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଏସ୍‌ଏମ୍‌ସି ଅଧ୍ୟକ୍ଷ, ଶିକ୍ଷା କମିଟି ସଭ୍ୟାସଭ୍ୟ, ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶବର କ୍ଲଷ୍ଟରସ୍ତରୀୟ କମିଟିର ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟଙ୍କୁ ଶପଥପାଠ କରାଇବା ସହିତ କାର୍ଯ୍ୟକ୍ରମର ବିବରଣୀପାଠ କରିଥିଲେ। ଏହି ଅବସରରେ କମିଟିର ସଦସ୍ୟ ଭାବେ ନାଚୁଣୀ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଯଥା ପ୍ରଦୀପ ସୁବୁଦ୍ଧି, ନମିତା ଦେବୀ, ମନୋଜ ପ୍ରଧାନ, ପ୍ରଦୀପ ମହାରଣା, ସୁବାଷ ତ୍ରିପାଠୀ, ସଙ୍ଗୀତା ଆଚାର୍ଯ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସହିତ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ସବିତା ଦେଈ ଯୋଗଦେଇ ଏହି ଆଲୋଚନାରେ ନିଜର ବକ୍ତବ୍ୟ ରଖିଥିଲେ।

ସୂଚନାଯୋଗ୍ୟ, ଚାଇଲ୍ଡ ଟ୍ରାକିଂ ସର୍ଭେ (ସିଟିଏସ୍) ମାଧ୍ୟମରେ ନାଚୁଣୀ କ୍ଲଷ୍ଟରରେ ୩୧ଜଣ ପିଲା ବିଦ୍ୟାଳୟ ଅଧାରୁ ଛାଡ଼ିଛନ୍ତି ବୋଲି ଚିହ୍ନଟ ହୋଇଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା। ଉକ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ କିପରି ଫେରାଇ ଆଣି ସରକାରଙ୍କ ଶିକ୍ଷାନୀତିର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାରେ ସାମିଲ କରାଯାଇପାରିବ ଏବଂ ସେମାନଙ୍କ ପାଖରେ ମୌଳିକ ଶିକ୍ଷା ପହଞ୍ଚାଇ ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରାଯିବ, ସେ ନେଇ ସିଆର୍‌ସିସି ମଧୁସୂଦନ ଭୋଇ ଆଲୋକପାତ କରିଥିଲେ। ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ ନିଜର ବକ୍ତବ୍ୟରେ ଶିକ୍ଷା କ୍ଷେତ୍ରରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା, ନୈତିକ ଦାୟିତ୍ୱ ଓ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ।

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୮।୨୦୨୫

| | |
|---|---|
| ୩,୭୫,୭୬୫ ଟଙ୍କା | |
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୨୮.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ସନାତନ ଧର୍ମର ସୁରକ୍ଷା ଆମର ସଂକଳ୍ପ

ପୁରୀ,୧୨।୮(ଅଜିତ୍ କୁମାର ମହାନ୍ତି)

ସନାତନ ଧର୍ମର ସୁରକ୍ଷା ଆମର ସଂକଳ୍ପ ହେଉ ବୋଲି ଋଷିକେଶର ସନ୍ଥ ନିର୍ବାଣ ସିଦ୍ଧାର୍ଥ ମୁନି କହିଛନ୍ତି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ଯୋଗଦେଇ ସନାତନ ଧର୍ମ ଏବେ ସଙ୍କଟରେ ବୋଲି କହିଛନ୍ତି। ଏଭଳି ପରିସ୍ଥିତିରେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ନିମନ୍ତେ, ସନାତନ ଧର୍ମର ସୁରକ୍ଷା, ବିକାଶ ଓ ଜନ କଲ୍ୟାଣକାରୀ ସେବା ପାଇଁ ସମସ୍ତ ସାଧୁସନ୍ଥ ଓ ଜନଗଣ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ଅନୁଷ୍ଠାନର ରାଜ୍ୟ ସଭାପତି ବଦ୍ରିମିଶ୍ରଙ୍କ ଅଧ୍ୟକ୍ଷତା ଓ ସୁନାବେଶ ଭଜନ ସମାରୋହ ସମିତିର ସମ୍ପାଦକ ମନୋଜ ଦାସମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହନ୍ତ ଶ୍ରୀନିବାସ ଦାସ ମହାରାଜ ଯୋଗଦେଇ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଭାଗବତ, ଭଗବତ ଗୀତା ଓ ନାମ ସଂକୀର୍ତ୍ତନ ଏକମାତ୍ର ମାର୍ଗ ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧ ବକୁଳ ମଠର ସନ୍ଥ ପ୍ରେମାନନ୍ଦ ଦାସ ମହାରାଜ, ଯୁବ ଦଇତାପତି ସୋମନାଥ ଦାସ ମହାପାତ୍ର, ନିଳାଦ୍ରୀ ମହାନ୍ତି, ଦେବାଶିଷ ଦାସ ମହାପାତ୍ର, ହରିହର ସେନାପତି ଓ ଡା. ଜଗତଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବୃଦ୍ଧାଙ୍କ ବେକରୁ ଚେନ ଲୁଟିନେଲେ ଦୁର୍ବୃତ୍ତ

କୋଣାର୍କ,୧୨।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ଜୁଣେଇ ଗ୍ରାମର ଜଣେ ବୃଦ୍ଧାଙ୍କ ବେକରୁ ମଙ୍ଗଳବାର ୨ଜଣ ଦୁର୍ବୃତ୍ତ ସୁନାଚେନ ଲୁଟିନେଇଥିବା ବୃଦ୍ଧାଙ୍କ ପୁଅ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କୋଣାର୍କ ଥାନା ଅଧୀନସ୍ଥ ଜୁଣେଇ ଗ୍ରାମର ରାଧାମଣୀ ପାତ୍ର (୭୦) ଦାଣ୍ଡ ପିଣ୍ଡାରେ ବସିଥିଲେ। ଏହି ସମୟରେ ୨ ଦୁର୍ବୃତ୍ତ ବାଇକରେ ଆସି ସମ୍ପୃକ୍ତ ବୃଦ୍ଧା ଜଣଙ୍କୁ ବାବୁଲା ପାତ୍ରଙ୍କ ଘର କୋଉଠି ବୋଲି ପଚାରିବା ସହ ସମ୍ପୃକ୍ତ ବୃଦ୍ଧା ଜଣଙ୍କ କିଛି କହିବା ପୂର୍ବରୁ ତାଙ୍କ ବେକରେ ଥିବା ସୁନାଚେନ ଛିଣ୍ଡାଇ ଜୁଣେଇ ହାଟ ଅଭିମୁଖେ ଖସି ପଳାଇଥିଲେ। ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣେ ହେଲ୍‌ମେଟ ପରିଧାନ କରିଥିବା ବେଳେ ଅନ୍ୟଜଣେ ହେଲମେଟ ପରିଧାନ କରି ନ ଥିବା ବୃଦ୍ଧା ରାଧାମଣୀ ପ୍ରକାଶ କରିଛନ୍ତି। ବୃଦ୍ଧା ରାଧାମଣୀ ପାଟିକରି ଡାକିବା ପରେ ପରିବାର ସଦସ୍ୟ ଓ ଗାଁ ଲୋକ ରୁଣ୍ଡ ହୋଇ ଦୁର୍ବୃତ୍ତଙ୍କୁ ଖୋଜାଖୋଜି କରିବା ପରେ ସେମାନଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ବୃଦ୍ଧାଙ୍କ ପୁଅ ପରେଶ ପାତ୍ର କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

# ବିଧାୟକ, ସମିତି ଅଧ୍ୟକ୍ଷଙ୍କ ବିବାଦରୁ ବିକାଶ କାର୍ଯ୍ୟ ଠପ୍

- ସତ୍ୟବାଦୀ ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର
- ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ଖର୍ଚ୍ଚ ହୋଇପାରୁନି ଟଙ୍କା

ସାକ୍ଷୀଗୋପାଳ,୧୨।୮(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ବିଡିଓ ଦେବାଶିଷ ନାୟକଙ୍କୁ ଦାବିପତ୍ର ଦେଉଛନ୍ତି ଭାଜପା ପ୍ରତିନିଧି ମଣ୍ଡଳୀ।

ସତ୍ୟବାଦୀରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଫେଲ୍। ସରକାର ପରିବର୍ତ୍ତନ ଠାରୁ ଏ ପର୍ଯ୍ୟନ୍ତ ସତ୍ୟବାଦୀ ବ୍ଲକରେ ଗୋଟିଏ ବି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିନି। ଏହାର ପ୍ରତିବାଦରେ ମଙ୍ଗଳବାର ସତ୍ୟବାଦୀ ଭାଜପା ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକଙ୍କୁ ଭେଟି ଏକ ଦାବିପତ୍ର ଦେବା ସହ ଏହାର କାରଣ ପଚାରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ, ସମିତି ସଭ୍ୟ ସମ୍ପଦ ପରିଡ଼ା, ସାରଙ୍ଗଯୋଡ଼ି ସରପଞ୍ଚ ଜ୍ୟୋତିର୍ମୟୀ ରଥ, ଶୁକଳ ସରପଞ୍ଚ ଲଳିତ ମୋହନ ସେନାପତି, ପେଣ୍ଠପଡା ସରପଞ୍ଚ ଚିନ୍ମୟ ରାଉତ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସତ୍ୟବାଦୀ ବ୍ଲକରେ ୨୪ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ମାଧ୍ୟମରେ ଚଳିତ ଆର୍ଥିକ ବର୍ଷରେ ୨ କୋଟି ୭୦ ଲକ୍ଷ ଟଙ୍କା ଅନୁଦାନ ଆସିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଟଙ୍କାଟିଏ ବି ଖର୍ଚ୍ଚ ହୋଇପାରି ନାହିଁ। ଗ୍ରାମ ସଭାଗୁଡ଼ିକରେ ଆସିଥିବା ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ସମିତି ବୈଠକରେ ଦୃଢ଼ୀକରଣ ହୋଇସାରିଛି। ଜିଲାର ବିଭିନ୍ନ ବ୍ଲକ ରେ ଏହି ଯୋଜନାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହେଉଛି, ଏଠାରେ କଣ ପାଇଁ ହେଉନାହିଁ ବୋଲି ପ୍ରତିନିଧି ମଣ୍ଡଳୀରେ ଥିବା ସଦସ୍ୟମାନେ ବିଡିଓ ନାୟକଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ବିଡିଓ ନାୟକ କହିଛନ୍ତି, ସମିତି ବୈଠକରେ ସଦସ୍ୟଙ୍କ ଅସହଯୋଗ ରହୁଛି, ଆଗକୁ ସହଯୋଗ ରହିଲେ ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟ ଭଲ ସେ ହୋଇପାରିବ। ଖୁବଶୀଘ୍ର ମଧ୍ୟ ଏହି ସମସ୍ୟାର ସମାଧାନ ହେବ। ଅନ୍ୟପଟେ ସତ୍ୟବାଦୀରେ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ମଧ୍ୟରେ ବିଭିନ୍ନ ସମୟରେ ହେଉଥିବା ବିବାଦ ଯୋଗୁ ସତ୍ୟବାଦୀରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ ବୋଲି ସାମାଜିକ କର୍ମୀ ଗୋବିନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ସତ୍ୟବାଦୀରେ ଆଗକୁ କୌଣସି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସାମାଜିକ କର୍ମୀ ପ୍ରକାଶ କରିଛନ୍ତି।

# କାମ କରାଇଦେଉନି ନୂଆ ସଫ୍ଟୱେର

କାକଟପୁର/ଅସ୍ତରଙ୍ଗ,୧୨।୮(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ନୂଆ ସଫ୍ଟୱେର ଅପଗ୍ରେଡେଶନ ପାଇଁ ସାରା ଦେଶରେ ଡାକସେବା ଧିମା ହୋଇଛି। ଏଥିପାଇଁ କିଛି ଦିନ ହେବ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସାରାଦେଶରେ ଡାକଘରେ ନୂଆ ସଫ୍ଟୱେର ଅପଗ୍ରେଡେଶନ କରାଯାଉଛି। ଏଥିପାଇଁ ପୁରୀ ଜିଲା କାକଟପୁର ଓ ଅସ୍ତରଙ୍ଗ ଉପଡାକ ଘରେ କିଛିଦିନ ଡାକ କାର୍ଯ୍ୟ ମନ୍ଥର ହୋଇଯାଇଛି। ଫଳରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପିଏମ କିସାନ, ସୁଭଦ୍ରା ଯୋଜନା, ସୁକନ୍ୟା, ସ୍ପିଡ୍‌ପୋଷ୍ଟ, ପାର୍ସଲ ରେଜିଷ୍ଟ୍ରି ପୋଷ୍ଟ, ଏସ୍‌ବି, ଆର୍‌ଡି, ସେଭିଂ ଆକାଉଣ୍ଟ, ଚିଠିପତ୍ର ପ୍ରେରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ଫଳରେ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସେହିପରି ସର୍ଭର କାମ କରୁ ନ ଥିବାରୁ ଅନେକ

**ବାରମ୍ବାର ଲିଙ୍କ୍ ଫେଲ୍ ଯୋଗୁ ଟ୍ରାଞ୍ଜାକ୍ସନରେ ଅସୁବିଧା**

ସମୟରେ ଲିଙ୍କ୍ ଫେଲ ଯୋଗୁ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗମାନେ ଭତ୍ତା ପାଇବାରେ ଅସୁବିଧା ଭୋଗୁଛନ୍ତି। ମନରେଗାରେ ଶ୍ରମିକମାନେ ମଜୁରୀ ଟଙ୍କା ଉଠାଇ ନ ପାରି ହନ୍ତସନ୍ତ ହେଉଛନ୍ତି। ଡାକସେବା ଅଚଳ ଥିବାରୁ ବିଭିନ୍ନ କାମ ନେଇ ଆସୁଥିବା ଉପଭୋକ୍ତାମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଶେଷରେ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି, କେନ୍ଦ୍ର ସରକାରଙ୍କ ଅଧୀନରେ ପୋଷ୍ଟ ଅଫିସ ରହିଛି। ସାରା ଦେଶରେ ନୂଆ ସଫ୍ଟୱେର ଅପ୍‌ଡେସନ ଚାଲିଛି। କିଛିଦିନ ହେବ ଏହି ସମସ୍ୟା ହୋଇଛି ଖୁବ୍‌ଶୀଘ୍ର ସମାଧାନ ହୋଇଯିବ। ଆସ୍ତେ ଆସ୍ତେ ସୁଧାର ଆସିଲାଣି। ନୂଆ ସଫ୍ଟୱେର ଇନ୍‌ଷ୍ଟାଲ ହେଲେ ଡାକଘରେ ଅନ୍‌ଲାଇନ କାର୍ଯ୍ୟ ସ୍ୱାଭାବିକ ହେବ। ବର୍ତ୍ତମାନ ଅଫ୍‌ଲାଇନ କାର୍ଯ୍ୟ ସ୍ୱାଭାବିକ ଚାଲିଛି।

# କେନାଲରେ ଭାସୁଛି ପଥର

ଗୋପ,୧୨।୮ (ଭାରତୀ ଭୂଷଣ ଉପାଧ୍ୟାୟ)



ପଥର ଭାସୁଥିବାର ଦୃଶ୍ୟ ।

ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଞ୍ଚାୟତର ବାଲିସାହି ନିକଟସ୍ଥ ଏରବଙ୍ଗ ଶାଖା କେନାଲରେ ମଙ୍ଗଳବାର ଏକ ପଥର ଭାସୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରିକି କେତେଜଣ ବ୍ୟକ୍ତି ଏହି ପଥରକୁ ପୂଜାର୍ଚ୍ଚନା କରୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏରବଙ୍ଗ ଶାଖା କେନାଲରେ ଏକ ପଥର ଭାସି ଯାଉଥିବା ସ୍ଥାନୀୟ ବାଲିସାହି ଗ୍ରାମର କେତେଜଣ ଯୁବକ ଦେଖିଥିଲେ। ସଙ୍ଗେ ସଙ୍ଗେ ଏହି ଯୁବକମାନେ ଆଶ୍ଚର୍ଯ୍ୟ ହେବା ସହିତ ପଥର କେମିତି ଭାସୁଛି ତାକୁ ଦେଖିବା ପରେ କେନାଲ ପାଣିରେ ପଶି ଭାସମାନ ପଥରକୁ ଉପରକୁ ଆଣିଥିଲେ। କେନାଲରେ ପଥର ଭାସୁଥିବା ନେଇ ଖବର ପ୍ରଚାର ହେବାପରେ ସାଧାରଣ ଲୋକଙ୍କ ଭିଡ଼ ଜମିଥିଲା। କେହି କେହି ଏହାକୁ ରାମଙ୍କ ପଥର କହୁଥିବା ବେଳେ କେହି ପଥରକୁ ନିକଟସ୍ଥ ମନ୍ଦିରକୁ ନେବାକୁ ପରାମର୍ଶ ଦେଇ ମୁଣ୍ଡିଆ ମାରୁଥିଲେ। ଏହି ଭାସମାନ ପଥରକୁ ନେଇ ଗୋପ ବ୍ଲକ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।



ପୁରୀଠାରେ ଅନୁଷ୍ଠିତ ୧୩ ବର୍ଷରୁ କମ୍ ଚେସ୍ ଚାମ୍ପିୟନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା କୃତୀ ଖେଳାଳିମାନେ ।

## ସଂସ୍କୃତ ସପ୍ତାହ ମହୋତ୍ସବ

ବଳଙ୍ଗା,୧୨।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ସପ୍ତାହ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ମାଲ୍ୟାର୍ପଣ ପୂର୍ବକ ସତ୍ରଟିକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭାଗୀୟ ମୁଖ୍ୟ କେଲୁଚରଣ ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗର ମୁଖ୍ୟ ମିଥୁନ ମଲିକ, ମୁଖ୍ୟବକ୍ତା ଭାବେ ସୁବାସ ଚନ୍ଦ୍ର ମିଶ୍ର ଯୋଗଦେଇ ସଂସ୍କୃତର ମହନୀୟତା ଏବଂ ଏହା ଏକ ଭାଷା ନୁହେଁ ବରଂ ବିଜ୍ଞାନ ବୋଲି ପ୍ରତିପାଦନ କରିଥିଲେ। ଅଧ୍ୟାପିକା ଭାରତୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ସଂସ୍କୃତ ବିଭାଗର ଛାତ୍ରୀ ଆଲିଶା ମହାପାତ୍ର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କର ମନୋରଞ୍ଜନ କରାଇଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ବଳଙ୍ଗା,୧୨।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଭୀମ ବଜାର କେନାଲ ବନ୍ଧ ନିକଟରେ ସୋମବାର ବିଳମ୍ବିତ ରାତିରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ପ୍ରଭାତ ନନ୍ଦ, କାଶୀନାଥ ଆଚାର୍ଯ୍ୟ, ସଞ୍ଜୟ କୁମାର ବେହେରା, ବୁନା ବେହେରା, ପଞ୍ଚଗୋପାଳ ଦଳାଇ, ଗଣେଶ ଦାସ। ସୂଚନାଯୋଗ୍ୟ, ଭୀମ ବଜାର ଠାରେ ଜୁଆ ଖେଳ ଚାଲିଥିବା ନେଇ ପୋଲିସ ବିଶେଷ ସୂତ୍ରର ଖବରପାଇ ଚଢ଼ାଉ ବେଳେ କେତେଜଣ ଦୌଡ଼ି ପଳାଇଥିବା ବେଳେ ୬ ଜଣକୁ କାବୁ କରିଛି। ଘଟଣାସ୍ଥଳରୁ ପୋଲିସ ୩ ବାଇକ୍, ଗେମିଂ କାର୍ଡ, ୭,୨୫୦ ଟଙ୍କା, ୩ଟି ମୋବାଇଲ ଜବତ କରିଛି।

# ଗୁରୁକୁଳ ଶିକ୍ଷାର ଅନ୍ତୁଡ଼ିଶାଳ ଥିଲା ବନବିଦ୍ୟାଳୟ

ସାକ୍ଷୀଗୋପାଳ,୧୨।୮(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

**ବନ ବିଦ୍ୟାଳୟର ୧୧୬ତମ ପ୍ରତିଷ୍ଠା ଦିବସ**

ପୁରାତନ ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୬ ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଓ ସତୀର୍ଥମାନଙ୍କ ପ୍ରତିମୂର୍ତ୍ତି ଓ ଗୋପବନ୍ଧୁଙ୍କ ଶେଷନିଶ୍ୱାସ ତ୍ୟାଗସ୍ଥଳରେ ମାଲ୍ୟାର୍ପଣ କରି ଅତିଥିମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତତ୍‌କାଳୀନ ଓଡ଼ିଶାରେ ଶିକ୍ଷା ହିଁ ବିକାଶ ର ମୂଳମନ୍ତ୍ର ବୋଲି ଚିନ୍ତାକରି ସାକ୍ଷୀଗୋପାଳ ମନ୍ଦିର ପଶ୍ଚାତ ଭାଗରେ ଗଢ଼ି ଉଠିଥିବା ବନବିଦ୍ୟାଳୟ ପରାଧିନ ଭାରତରେ ଗୁରୁକୁଳ ଶିକ୍ଷାର ଅନ୍ତୁଡ଼ିଶାଳ ସାଜିଥିଲା ବୋଲି ମୁଖ୍ୟ ଅତିଥି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ କର ମତବ୍ୟକ୍ତ କରିଥିଲେ।

ବନବିଦ୍ୟାଳୟ ଛାତ୍ରମାନଙ୍କୁ ଶିକ୍ଷା, ସଂସ୍କାର, ସେବା ସହିତ ଭଲମଣିଷ ଭାବରେ ତିଆରି କରାଯାଉଥିଲା ବୋଲି ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରଭାତ କୁମାର ରଥ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ବେହେରା, ବିଜୟ କୁମାର ପରିଡ଼ା, ସତ୍ୟବାଦୀ ଦାସ ଓ ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ଅତୀତ ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ଶ୍ରେଣୀ କକ୍ଷ ଓ ଐତିହ୍ୟ ସ୍ମାରକୀପୀଠର ଜରାଜୀର୍ଣ୍ଣ ଅବସ୍ଥା ନେଇ କ୍ଷୋଭ ପ୍ରକାଶ କରିଥଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ସଭାପତିତ୍ୱ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଶିକ୍ଷୟିତ୍ରୀ ପ୍ରତୀକ୍ଷା ମିଶ୍ର ଓ ଧନ୍ୟବାଦ ଦେଇଥିଲେ ବୈଜୟନ୍ତୀ ମିଶ୍ର।

# ଭାରତୀୟ ଯୋଗ ସଂସ୍ଥାନର ଯୋଗ ଜିଲା ହେଲା ପୁରୀ

ପୁରୀ,୧୨।୮(ଅଜିତ୍ କୁମାର ମହାନ୍ତି)

ପୁରୀରେ ଭାରତୀୟ ଯୋଗ ସଂସ୍ଥାନ ଗୁଣ୍ଡିଚାବିହାର କ୍ଷେତ୍ର ଦ୍ୱାରା ପୁରୀକୁ ଏକ ଯୋଗ ଜିଲା ଗଠନ ନିମନ୍ତେ ସଭାର ଆୟୋଜନ କରାଯାଇଥିଲା। ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଗୁଣ୍ଡିଚାବିହାର କ୍ଷେତ୍ର ପୁରୀର ୬ଟି କେନ୍ଦ୍ରର ଅଧିକାରୀ, ସାଧକ ଓ ସାଧିକା ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର ସହ ବିଭିନ୍ନ ଆସନ, ପ୍ରାଣାୟାମ ଓ ଧ୍ୟାନର ଦକ୍ଷତା ବୃଦ୍ଧି ନିମନ୍ତେ ଯୋଗାଭ୍ୟାସ କରିଥିଲେ। ଗୁଣ୍ଡିଚାବିହାର କ୍ଷେତ୍ର ସହିତ ଅନ୍ୟ ଏକ ନୂତନ କ୍ଷେତ୍ରର ନାମ ଶ୍ରୀଜଗନ୍ନାଥ କ୍ଷେତ୍ର ନାମରେ ଘୋଷଣା କରାଯାଇଛି। ପୁରୀ ଯୋଗ ଜିଲା ନିମନ୍ତେ କେନ୍ଦ୍ର, କ୍ଷେତ୍ର ଓ ଜିଲା ଅଧିକାରୀମାନଙ୍କ ଚୟନ କରାଯାଇ ନାମ ଘୋଷଣା ସହ ସମ୍ମାନିତ କରାଯାଇଥିଲା। ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ପୁରୀ ଯୋଗ ଜିଲାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଅଧିକାରୀ, ସାଧକ, ସାଧିକାମାନଙ୍କୁ ପ୍ରେରଣା ଦେଇଥିଲେ। ଯୋଗ ଜିଲାର ଉପଦେଷ୍ଟା ଭାବେ ବି. ବି. ରାମ ସ୍ୱାଇଁ, ଜିଲା ପ୍ରଧାନ ଭାବେ ମନମୋହନ ମହାପାତ୍ର, ଜିଲା ମନ୍ତ୍ରୀ ଭାବେ ସଦାଶିବ ଦାସ, ଜିଲା ସଂଗଠନ ମନ୍ତ୍ରୀ ଭାବେ ନିରଞ୍ଜନ ରାଉତ, ମାଟିତୋଟା କେନ୍ଦ୍ର ପ୍ରମୁଖ ଭାବେ ତ୍ରିଲୋଚନ ସାହୁ, ଉପ ପ୍ରମୁଖ ଭାବେ ସୁକାନ୍ତ କୁମାର ସ୍ୱାଇଁ ଶପଥ ପାଠ କରିଥିଲେ।

# ଦେଶରେ ଏକକ ଶିକ୍ଷାନୀତି ବ୍ୟବସ୍ଥା ପ୍ରଚଳନ କରାଯାଉ




ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୧୨।୮ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ସରକାର ଅଗଣତାନ୍ତ୍ରିକ ଭାବେ ପ୍ରଚଳନ କରିଥିବା ଜାତୀୟ ଶିକ୍ଷାନୀତି ୨୦୨୦କୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଦେଶରେ ଏକକ ଶିକ୍ଷାନୀତି ବ୍ୟବସ୍ଥା ପ୍ରଣୟନ କରି ତୁରନ୍ତ ପ୍ରଚଳନ କରିବାକୁ ଅଖିଳ ଭାରତ ଛାତ୍ର ସଂଘ (ଏ.ଆଇ.ଏସ.ଏଫ୍)ର ଜାତୀୟ ଉପସଭାପତି ତଥା ଓଡ଼ିଆ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଆହ୍ୱାନ ଦେଇଛନ୍ତି। ନିମାପଡ଼ାସ୍ଥିତ ସି.ପି. ଆଇ. ପାର୍ଟି ଅଫିସ୍ ଘନଶ୍ୟାମ ଭବନଠାରେ ଏଆଇଏସ୍‌ଏଫର ୯୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏଆଇଏସ୍‌ଏଫ୍ ଜାତୀୟ ପରିଷଦର ଉପସଭାପତି ତଥା ରାଜ୍ୟ ସଭାପତି ସଂଘମିତ୍ରା ଜେନା, ସମ୍ମାନୀତ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଅଭିନେତା ତଥା ପୂର୍ବତନ ଛାତ୍ରନେତା ବିରଞ୍ଚି ନାରାୟଣ ନାୟକ, ନିମାପଡ଼ା କଲେଜର ପୂର୍ବତନ ଛାତ୍ର ନେତା ସୁଦୀପ୍ତ କୁମାର ମହାନ୍ତି, ଏଆଇଏସ୍‌ଏଫ୍ ରାଜ୍ୟ ସହସମ୍ପାଦକ ଶୁଭ୍ରାରାଣୀ ସାହୁ ଓ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଛାତ୍ରନେତା ଦେବେନ୍ଦ୍ର ନାଥ ସାହୁ, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନିମାପଡ଼ା କଲେଜ ଏଆଇଏସ୍‌ଏଫ୍ ଶାଖା ସମ୍ପାଦକ ସାଗର ପ୍ରଧାନ ସାଙ୍ଗଠନିକ ରିପୋର୍ଟ ଆଗତ କରିଥିଲେ। ଛାତ୍ର ନେତା ସ୍ୱରୂପ ବେଉରା, ସୁବ୍ରତ ରାଉତ, ମୁକେଶ ଭୋଇ, ରାଜଲକ୍ଷ୍ମୀ ସ୍ୱାଇଁ, ସୋନାଲି ପ୍ରଧାନ ପ୍ରମୁଖ ଏହି ସମାରୋହର ସଂଯୋଜନା ଓ ପରିଚାଳନା କରିଥିଲେ।

# ମଧ୍ୟାହ୍ନଭୋଜନ କାଠବୋହିଲେ ଛାତ୍ରୀଛାତ୍ର, ଫଟୋ ଭାଇରାଲ୍

ଅସ୍ତରଙ୍ଗ,୧୨।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

**ତଦନ୍ତ କଲେ ମଣ୍ଡଳ ଶିକ୍ଷାଅଧିକାରୀ**

କାଠ ପରିବର୍ତ୍ତେ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ ରୋଷେଇ ଗ୍ୟାସରେ ହେବ। ପରିବେଶର ସ୍ୱଚ୍ଛତା ତଥା ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସରକାର ବିଦ୍ୟାଳୟଗୁଡ଼ିକୁ ଗ୍ୟାସ ଯୋଗାଇଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ଏସବୁ ଯୋଜନା କାଗଜ ପତ୍ରରେ ଚାଲିଥିବା ବେଳେ ଏହାର ବାସ୍ତବ ଘଟଣା ଛାତ୍ରୀଛାତ୍ର ଜାଳେଣି କାଠ ବୋହୁଥିବା ଫଟୋ ସୋସିଆଲ ମିଡିଆରେ ଘୁରି ବୁଲିବା ପରେ ଘଟଣା ସ୍ପଷ୍ଟ ପ୍ରମାଣ ସାମ୍ନାକୁ ଆସିଥିଲା। ଅଧିକାରୀମାନେ ଚିଠି କରି ଏ ଦିଗରେ ହାତ ବାନ୍ଧି ବସିଥିବା ବେଳେ ଶିକ୍ଷକମାନେ ଏହାକୁ ଖାତିରି କରୁନାହାନ୍ତି। ଗ୍ୟାସ ଦର ବୃଦ୍ଧି ଆଳ ଦେଖାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ୟାସ ଉଠାଉ ନ ଥିବାବେଳେ ପାଚିକାମାନେ କାଠରେ ମଧ୍ୟାହ୍ନଭୋଜନ ରୋଷେଇ କରୁଥିବା ଦେଖିବାକୁ ମିଳୁଛି।

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସୁନ୍ଦର ସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠରେ ବିଦ୍ୟାଳୟରେ ଛାତ୍ରୀଛାତ୍ର ଶ୍ରେଣୀ କକ୍ଷ ଛାଡ଼ି ମଧ୍ୟାହ୍ନଭୋଜନ ରୋଷେଇ ପାଇଁ କାଠ ବୋହୁଛନ୍ତି। ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିବା ସମୟରେ କୋମଳମତି ପିଲାମାନଙ୍କ ହାତରେ ଏ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ଯାହା ସାମାଜିକ ଗଣମାଧ୍ୟମରେ ଫଟୋ ଦେଖିବାକୁ ମିଳୁଛି। ଏହାର ଫଟୋ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ହସ୍ତଗତ ହେବା ପରେ ସୋମବାର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ସ୍ୱାଇଁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ଘଟଣା ସମ୍ପର୍କରେ ବୁଝିବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ଏ ନେଇ ମଣ୍ଡଳ ଶିକ୍ଷାଧିକାରୀ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗକୁ ଅବଗତ କରାଯିବା ସହ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ମଧ୍ୟାହ୍ନଦ୍‌ଭୋଜନ ରୋଷେଇ ଗ୍ୟାସରେ କରିବା ପାଇଁ ପ୍ରତି ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। କାଠ ଜାଳିବା ବେନିୟମ କାର୍ଯ୍ୟ। ସେହିପରି ପିଲାମାନଙ୍କୁ ଶ୍ରେଣୀ କକ୍ଷରୁ ବାହାର କରି କାଠ ବୁହାଇବା କାର୍ଯ୍ୟରେ ନିୟୋଜିତ କରିବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

# ଛାତ୍ରୀଛାତ୍ର ଜିଜ୍ଞାସୁ ହେଲେ ଆଗକୁ ବଢ଼ିପାରିବେ

କାକଟପୁର/ଅସ୍ତରଙ୍ଗ,୧୨।୮ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ବିଜ୍ଞାନ ପ୍ରକଳ୍ପକୁ ଶିକ୍ଷକମାନେ ବୁଲି ଦେଖୁଛନ୍ତି ।

**ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା**

ଛାତ୍ରୀଛାତ୍ରଙ୍କ ଭିତରେ ଥିବା ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଲକ୍ଷ୍ୟରେ କାକଟପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ମଙ୍ଗଳବାର ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଶାରଳା ଆବାସିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ଚିତ୍ତରଞ୍ଜନ ପରିଡ଼ା, ପୁରୀ ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର, କାକଟପୁର ସରସ୍ୱତୀ ଶିଶୁମନ୍ଦିର ସଭାପତି ପ୍ରମୋଦ କୁମାର ପୃଷ୍ଟି, ସମ୍ପାଦକ ପ୍ରଭାକର ଖୁଣ୍ଟିଆ, ପ୍ରଧାନଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ତନ୍ମୟ କୁମାର ପାତ୍ର ଯୋଗଦେଇ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁମାନଙ୍କୁ ୩ଟି ବର୍ଗରେ ଶିଶୁବର୍ଗ, ବାଲ୍‌ବର୍ଗ ଓ କିଶୋର ବର୍ଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରେ ବିଜ୍ଞାନ ପ୍ରକଳ୍ପ ୪୦ଟି, ଗଣିତ ପ୍ରକଳ୍ପ ୨୨ଟି, ଗଣିତ ପ୍ରୟୋଗ ୯ଟି, ବିଜ୍ଞାନ ପ୍ରୟୋଗ ୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଛାତ୍ରୀଛାତ୍ର ଜିଜ୍ଞାସୁ ହେଲେ ଆଗକୁ ବଢ଼ିପାରିବେ ବୋଲି ଶାରଳା ଆବାସିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ପରିଡ଼ା କହିଛନ୍ତି। ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ, କୃଷି, ବିପର୍ଯ୍ୟୟ ପରିଚାଳନା, ଆଦର୍ଶ ଗଣିତ ପ୍ରଦର୍ଶନ, ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ପରିଚାଳନା ଆଦି ବିଷୟକୁ ନେଇ ସଂକୁଳସ୍ତରୀୟରୁ ଆସିଥିବା ବିଭିନ୍ନ ବିଦ୍ୟାଳୟ ଛାତ୍ରୀ, ଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକମଣ୍ଡଳୀରେ ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବେହେରା, ପ୍ରଦୀପ୍ତ କୁମାର ନାୟକ, ବିଜୟ କୁମାର ବିଶ୍ୱାଳ, ଶଶିଭୂଷଣ ସାହୁ, ଗୋବିନ୍ଦ ସେନାପତି, ଉମାକାନ୍ତ ବାରିକି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଉଦ୍‌ଯାପାନୀ ଉତ୍ସବରେ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସଂକୁଳ ପ୍ରମୁଖ ସୁରେନ୍ଦ୍ର ମାଣିକଙ୍କ ସହ ଅନ୍ୟ ଅତିଥି ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

## ୪୨ ମୌଜା ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କଟକ ସଦର,(ସୁଶାନ୍ତ କୁମାର ଜେନା): କମିଶନରେଟ ପୋଲିସ ବ୍ୟବସ୍ଥାରେ ସାଢ଼େ ୩ ବର୍ଷ ତଳେ କାର୍ଯ୍ୟକାରୀ ହୋଇଥିବା ୪୨ ମୌଜା ଥାନା ଅପରାଧ ନିୟନ୍ତ୍ରଣ ସହ ଅପରାଧୀମାନଙ୍କୁ ଧରିବାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଅବସରରେ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବରିଷ୍ଠ ସଦସ୍ୟ ବିଜୟ ନାୟକ ପ୍ରକାଶ ଚନ୍ଦ୍ର ମାଝୀ, ସମରେନ୍ଦ୍ର ମହାପାତ୍ର, ସରୋଜ ସାସମଲ, ଆଶିଷ ମହାନ୍ତି, ଆନନ୍ଦ ଦେବତା, ସୁମନ ଜେନା, ପ୍ରସନ୍ନ ମହାନ୍ତି ଓ ପ୍ରିୟବ୍ରତ ପରିଡ଼ା ପ୍ରମୁଖ ସମ୍ମାନିତ କରିଥିଲେ।

**ସଂକ୍ଷେପରେ**

## କାଠଯୋଡ଼ିରେ ବୁଡ଼ି ୨ ଯୁବକ ମୃତ

କଟକ,୧୨।୮(କାର୍ତ୍ତିକ ସାହୁ)

କାଠଯୋଡ଼ି ନଦୀରେ ବୁଡ଼ି ୨ ଜଣ ଯୁବକ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ପୁରୀଘାଟ ଥାନା ଅଞ୍ଚଳର ବ୍ଲୁ ଲାଗୁନ ହୋଟେଲ ନିକଟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମୃତକ ଦ୍ୱୟ ହେଲେ କାଜିବଜାରର ଶୁଭମ ସାହୁ (୧୯) ଓ ମହିଦାସବଜାରର ସୌମ୍ୟରଞ୍ଜନ ମହାନ୍ତି (୧୯)। ଯୁବକ ଦ୍ୱୟ କାଠଯୋଡ଼ିକୁ ଗାଧୋଇବାକୁ ଯାଇଥିବା ବେଳେ ଅପରାହ୍ନ ପ୍ରାୟ ୧ଟା ସମୟରେ ସେମାନେ ବୁଡ଼ି ଯାଇଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ଖବର ପାଇ ବକ୍ସିବଜାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ନଦୀରେ ସୁଅ ଥିଲେ ବି ପାଣି କମ୍ ଥିଲା। ଫଳରେ ପ୍ରାୟ ୩୦ ମିନିଟ୍ ଖୋଜାଖୋଜି କରିବା ପରେ ୨ ମୃତଦେହ ପାଣିରୁ ଜବତ କରାଯାଇଥିଲା। ପରିବାର ଲୋକଙ୍କୁ ପୁରୀଘାଟ ଥାନା ପୋଲିସ ମୃତଦେହ ହସ୍ତାନ୍ତର କରିଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି। ଅପରପକ୍ଷରେ ପୁରୀଘାଟ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କ କହିବାନୁସାରେ, ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩୫/୨୦୨୫) ରୁଜୁ ହୋଇଛି।

# ପରୀକ୍ଷା ପାଇଁ ମିଳିଛି ୩ ମାସ ପରର ତାରିଖ

କଟକ,୧୨।୮(ଶିଳ୍ପା ପ୍ରିୟଦର୍ଶିନୀ)




**ଏସ୍‌ସିବି ମେଡିକାଲ**

■ନିରାଶ ହୋଇ ଫେରିଲେ ଶିଶୁ ରୋଗୀ

■ପେରିଫେରିଆଲ ଭାସ୍କୁଲାର ଡ୍ରପ୍ଲର ପରୀକ୍ଷା ପାଇଁ ହଟହଟା ଶିଶୁ ରୋଗୀ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଚିକିତ୍ସା ପାଇଁ ଡହଳବିକଳ ହେଉଛନ୍ତି ରୋଗୀ। ମେଡିକାଲରେ ରୋଗୀ ଯନ୍ତ୍ରଣା ପାଉଥିବାବେଳେ ପରୀକ୍ଷା ପାଇଁ ପାଖାପାଖି ୩ ମାସ ପରର ତାରିଖ ଦିଆଯାଉଛି। ଏଭଳି ଏକ ଘଟଣା ମେଡିକାଲର ସିଟିଭିଏସ୍ ବିଭାଗରୁ ଆସିଛି। ଫଳରେ ଚିକିତ୍ସା ନ ପାଇଁ ଶିଶୁ ରୋଗୀ ନିରାଶ ହୋଇ ମେଡିକାଲରୁ ଫେରିଛନ୍ତି।

ସୂଚନା ଅନୁଯାୟୀ, ଝାଡଖଣ୍ଡ ଅଞ୍ଚଳର ୧୦ବର୍ଷର ଶିଶୁ ପୁନିତା କୁମାରୀଙ୍କ ଏକବର୍ଷ ହେବ ଡାହାଣ ଗୋଡ ଆଣ୍ଠୁ ଫୁଲିବା ସହ ଅଣ୍ଟା ପାଖକର ଅପରିଷ୍କାର ରକ୍ତନଳୀ ଜମାଟ ହେବା ସହ ଯନ୍ତ୍ରଣା ଆରମ୍ଭ ହୋଇଛି। ପୁନିତାଙ୍କ ବାପା ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ ରହିଥିବାବେଳେ ଝିଅକୁ ଗତ ୫ ତାରିଖରେ ଏସ୍‌ସିବିରେ ଡାକ୍ତରଙ୍କୁ ଦେଖାଇଥିଲେ। ପ୍ରଥମେ ନ୍ୟୁରୋଲୋଜି ବିଭାଗରେ ଡାକ୍ତରଙ୍କୁ ଦେଖାଇବାରୁ ଏହି ରୋଗ ସିଟିଭିଏସ୍ ବିଭାଗର ବୋଲି କହି ଡାକ୍ତର ଉକ୍ତ ସିଟିଭିଏସ୍ ବିଭାଗକୁ ପଠାଇ ଦେଇଥିଲେ। ପରେ ସିଟିଭିଏସ୍ ବିଭାଗରେ ଡାକ୍ତର ପୁନିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ ପେରିଫେରିଆଲ ଭାସ୍କୁଲାର ଡ୍ରପ୍ଲର ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ଡାକ୍ତର ପରୀକ୍ଷା ପରେ ହିଁ ରିପୋର୍ଟ ମୁତାବକ ଔଷଧ ଦିଆଯିବ ବୋଲି କହିଥିଲେ। ହେଲେ ପରୀକ୍ଷା ମେଡିକାଲରେ ଥିବା ରଞ୍ଜନରଶ୍ମୀ ବିଭାଗରେ କରାଯାଉଥିବାବେଳେ ଏଠାରେ ପୁନିତାଙ୍କ ଟିକେଟରେ ୧୦ ନଭେମ୍ବର ପରୀକ୍ଷା କରାଯିବ ପାଇଁ ତାରିଖ ଦିଆଯାଇଛି। ପୁନିତା ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଏସ୍‌ସିବିରୁ ନିରାଶ ହୋଇଫେରିଛନ୍ତି। ଏ ସମ୍ପର୍କରେ ମେଡିକାଲର ଜଣେ ବରିଷ୍ଠ ଡାକ୍ତରଙ୍କ ସହ ଆଲୋଚନା କରିବା ସମୟରେ ସେ କହିଛନ୍ତି, ପେରିଫେରିଆଲ ଭାସ୍କୁଲାର ଡ୍ରପ୍ଲର ହେଉଛି ଗୋଡର ଅଲଟ୍ରାସାଉଣ୍ଡ ପରୀକ୍ଷା, ଯାହାକି ଗୋଡରେ ହୋଇଥିବା ବ୍ଲକେଜ୍ ଓ ଲିକେଜକୁ ପରୀକ୍ଷା ଦ୍ୱାରା ଜାଣି ହୋଇଥାଏ। ଏଥିପାଇଁ ବହୁ ରୋଗୀ ଅପେକ୍ଷାରେ ରହିଛନ୍ତି। ଏହି ପରୀକ୍ଷା ବାହାରେ କରାଇଲେ ରୋଗୀଙ୍କୁ ପାଖାପାଖି ୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ହେଲେ ଏସ୍‌ସିବିରେ ଏହି ସୁବିଧା ଥାଇ ମଧ୍ୟ ଆନ୍ତରିକତା ଅଭାବରୁ ସମୟନୁସାରେ ଏହାକୁ କରାଯାଉ ନାହିଁ ବୋଲି କହିଛନ୍ତି। ଏସ୍‌ସିବିରେ ଅଲଟ୍ରାସାଉଣ୍ଡ ମେଶିନ ପୂର୍ବରୁ ଦୁଇଟି ଥିବାବେଳେ ଏଠାରେ ପ୍ରତ୍ୟେକ ଦିନ ପାଖାପାଖି ୨ଶହ ରୋଗୀଙ୍କ ଅଲଟ୍ରାସାଉଣ୍ଡ କରାଯାଇଥାଏ। ହେଲେ ଏବେ ଆଉ ୨ଟି ନୂତନ ମେଶିନ ମଧ୍ୟ ମେଡିକାଲକୁ ଅଣାଯାଇ କାର୍ଯ୍ୟକାରୀ କରାଯିବା ପରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏ ନେଇ ପୁନିତାଙ୍କ ବାପା କହିଛନ୍ତି, ଝିଅର ଯନ୍ତ୍ରଣା କମାଇବାକୁ ଡାକ୍ତର ଔଷଧ ଦେଇ ନାହାନ୍ତି। ପରୀକ୍ଷା ପରେ ହିଁ ଔଷଧ ଦେବେ ଏବଂ ଚିକିତ୍ସା କରାଇବେ। ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସି କେବଳ ହଟହଟା ହେଉଛୁ ବୋଲି ସେ କହିଛନ୍ତି।

## ଟ୍ରକ୍ ପଛରେ ପିଟିହୋଇ ଜଳିଗଲା କାର୍

ମଙ୍ଗୁଳି-ଜଗତପୁର,୧୨।୮(ମାନସ ସାମଲ)

**ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ଗୋଟିଏ ପରିବାରର ୫ ସଦସ୍ୟ**



ଟାଙ୍ଗୀ ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥର ନିର୍ଗୁଣ୍ଡି ଓଭରବ୍ରିଜରେ ମଙ୍ଗଳବାର ଅପରାହ୍ନରେ ଏକ ଟ୍ରକ୍‌କୁ ଦ୍ରୁତଗତିରେ ଆସି ଏକ କାର ପଛପଟୁ ପିଟିଛି। ଫଳରେ କାରରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଛି। କାର ଡ୍ରାଇଭରଙ୍କ ସମେତ ଗୋଟିଏ ପରିବାରର ୪ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ, ଅପରାହ୍ନରେ ପଶ୍ଚିମବଙ୍ଗର ଗୋଟିଏ ପରିବାରର ଏକ କାରରେ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଅଭିମୁଖେ ଯାଉଥିଲେ। ନିର୍ଗୁଣ୍ଡି ଓଭରବ୍ରିଜ ଉପରେ ସାମ୍ନାରେ ଥିବା ଏକ ଟ୍ରକ୍ ହଠାତ ବ୍ରେକ ମାରିଦେଇଥିଲା। ଫଳରେ କାର୍ ଟ୍ରକ ପଛପଟେ ପିଟି ହେବା ଫଳରେ ଗାଡ଼ି ସାମ୍ନାପଟୁ ନିଆଁ ବାହାରି ଗାଡ଼ି ଜଳିବାକୁ ଲାଗିଥିଲା। କାର ଚାଳକ ଦେବଦ ଦାସଙ୍କ ଉପସ୍ଥିତି ବୃଦ୍ଧି ପାଇଁ ସେ ଗାଡ଼ିରେ ବସିଥିବା ଗୋଟିଏ ପରିବାରର ୪ଜଣ ସଦସ୍ୟଙ୍କୁ ଓହ୍ଲାଇବା ସହ ତାଙ୍କର ସମସ୍ତ ଜିନିଷପତ୍ର କାଢ଼ିବାରେ ସକ୍ଷମ ହୋଇପାରିଥିଲେ। ଖବର ପାଇ ଚୌଦ୍ୱାର ଦମକଳ ବିଭାଗ ଓ ଜାତୀୟ ରାଜପଥ ମୁତୟନ ଥିବା ଟ୍ରାଫିକ ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସାମାନ୍ୟ ଆହତ ପରିବାରଙ୍କୁ ଦୁର୍ଘଟଣା ସମ୍ପର୍କରେ ପଚାରିବାରୁ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆମେ ଏକ ବଡ଼ ବିପଦରୁ ଉଦ୍ଧାର ପାଇଛୁ ବୋଲି ପ୍ରକାଶ କରିବା ସହ ଯାହାବି ହେଲେ ଆମେ ଜଗନ୍ନାଥ ଦର୍ଶନ କରି ଫେରିବୁ ବୋଲି ସେମାନେ କହିଛନ୍ତି।



କଳା ବିକାଶ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ। (ଫଟୋ: ରାଜକିଶୋର)

## ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ କାରାଦଣ୍ଡ

କଟକ,୧୨।୮(କାର୍ତ୍ତିକ ସାହୁ)

ଚୌଦ୍ୱାର ଅଞ୍ଚଳର ନାବାଳିକା ବଳାତ୍କାର ମାମଲାରେ କଟକର ତୃତୀୟ ଶ୍ରେଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ଏଥିସହ କୋର୍ଟ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଦାଖଲ ନ କରିପାରିଲେ ଅଧିକ ୨ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ଚୌଦ୍ୱାର ଥାନା ଅଧୀନ ସମିଟିକିରା ଶାଳଗାଁର ଅଜୟ ଦେହୁରୀ (୨୧)। ଜିଲା ଆଇନ ସେବା ପ୍ରାଧିକରଣ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ମାମଲା ବିବରଣୀ ଅନୁସାରେ, ୨୦୨୪ ଫେବୃଆରୀରେ ଘଟଣା ଘଟିଥିଲା। ମାତ୍ର ଏ ସଂକ୍ରାନ୍ତରେ ୨୦୨୪ ଜୁଲାଇ ୨୭ରେ ଚୌଦ୍ୱାରା ଥାନାରେ ମାମଲା ରୁଜୁ ହୋଇଥିଲା। ପୀଡ଼ିତା ନାବାଳିକା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ ଅଭିଯୁକ୍ତ ତାଙ୍କୁ ଧମକଚମକ ଦେଇ ଏକାଧିକବାର ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ପରୀକ୍ଷାରୁ ନାବାଳିକା ଗର୍ଭବତୀ ଥିବା ଜଣାପଡ଼ିଥିଲା। ନାବାଳିକାଙ୍କ ପରିବାର ପକ୍ଷରୁ ଚୌଦ୍ୱାରା ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ସେପ୍ଟେମ୍ବର ୨୪ରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ସମୟକ୍ରମେ ନାବାଳିକା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଶିଶୁ ଭବନରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୪ ଅକ୍ଟୋବର ୭ରେ ମୃତ୍ୟୁ ହୋଇଥିଲା। ମାମଲାର ଶୁଣାଣି ବେଳେ ୨୦୨୪ ଅକ୍ଟୋବର ୧ରେ କୋର୍ଟ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଚୌଦ୍ୱାର,୧୨।୮(ଆଶୁତୋଷ ଦାସ)

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଏବଂ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପାର ସ୍ଥାନୀୟ ନେତୃମଣ୍ଡଳୀ ଓ କର୍ମୀମାନେ ଶୋଭାଯାତ୍ରାରେ ଚୌଦ୍ୱାର ସହରାଞ୍ଚଳରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ନୂଆସାହିସ୍ଥିତ କାର୍‌ଗିଲ ଶହୀଦ୍ ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଏକ ବାଇକ୍‌ଶୋଭାଯାତ୍ରା ବିରୂପା ବ୍ୟାରେଜରୁ ବାହାରି ତ୍ରିରଙ୍ଗା ଶୋଭାଯାତ୍ରାରେ ଚୌଦ୍ୱାର ସହର ପରିକ୍ରମା କରି ବିରୂପା କୂଳ ପୋଟଳେଇ ଠାକୁରାଣୀଙ୍କ ପୀଠରେ ସମାପ୍ତ କରିଥିଲା। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, ବିଷ୍ଣୁ ଚରଣ ପରିଡ଼ା, ଚିନ୍ମୟ ବେହେରା, ସନ୍ତୋଷ କୁମାର ବେହେରା, ରମେଶ ଚନ୍ଦ୍ର ନାୟକ, ସୁମିତ୍ରା ସାହୁ, ଅନୀତା ନାୟକ, ବିପିନ ବେହେରା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## 'ଗଣତନ୍ତ୍ରର ଅପହରଣ କରିଛି ଭାଜପା ସରକାର'




ଖବରଦାତା ସମ୍ମିଳନୀରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସୂଚନା ଦେଉଛନ୍ତି।

କଟକ,୧୨।୮(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସ ବରିଷ୍ଠ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ବିରୋଧରେ ଆଣିଥିବା ଭୋଟର ତାଲିକା ଦୁର୍ନୀତି ଅଭିଯୋଗ ପ୍ରସଙ୍ଗରେ ବର୍ଷିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ମଙ୍ଗଳବାର ସେଲଟର ଛକସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୋଫିଆ କହିଛନ୍ତି ଯେ, ନକଲି ଭୋଟ ସହାୟତାରେ ଭାଜପା ଦଳ ସରକାର ଗଢ଼ିଛି। ଏପରିକି କର୍ନାଟକର ମହାଦେବପୁରା ନିର୍ବାଚନମଣ୍ଡଳୀର ଗୋଟିଏ ଘରେ କେହି ରହୁ ନ ଥିବା ବେଳେ ୮୦ଜଣ ରହୁଥିବା ଦର୍ଶାଇ ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି। ଜଣେ ୨୧ ବର୍ଷରେ ପଦାର୍ପଣ କଲେ ନୂତନ ଭାବରେ ଭୋଟର ହେବାକୁ ଆବେଦନ କରିଥାନ୍ତି। କିନ୍ତୁ ନିର୍ବାଚନ ଆୟୋଗ କିଭଳି ଭାବରେ ଫର୍ମ ୬ ଜରିଆରେ ୬୦ ବର୍ଷ, ୭୦ ବର୍ଷ, ୮୦ ବର୍ଷ, ୯୦ ବର୍ଷ ବୟସ୍କ ଲୋକଙ୍କର ନୂତନ ଭାବରେ ଭୋଟର ହେବା ପାଇଁ ଆବେଦନ ପତ୍ର ତିଆରି କରିଛନ୍ତି। ୪୦ ହଜାରରୁ ଅଧିକ ଭୋଟରଙ୍କ ଭୁଲ୍ ଠିକଣା ରହିଛି। ଅନ୍ୟପଟେ ଜଣେ ଜଣେ ଭୋଟରଙ୍କ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ନାମ ଥିବା ସାମ୍ନାକୁ ଆସିଛି। ଏଭଳି ଷଡଯନ୍ତ୍ରରେ ନିର୍ବାଚନ କମିଶନରଙ୍କ ଭୂମିକା ସିଧାସଳଖ ସନ୍ଦେହ ଘେରରେ ରହିଛି। ଭାଜପା ସରକାର ଦିବାଲୋକରେ ଗଣତନ୍ତ୍ରର ଅପହରଣ କରିଛି ବୋଲି ଫିର୍ଦ୍ଦୋସ କହିଛନ୍ତି। ଖବରଦାତା ସମ୍ମିଳନୀରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, କଟକ ମହାନଗର ନିଗମ ବିରୋଧୀ ଦଳ ନେତା ସନ୍ତୋଷ ଭୋଳ, କର୍ପୋରେଟର ଶୁବାଶିଷ ପଟ୍ଟନାୟକ, ଶରତ ଚନ୍ଦ୍ର ଶେଠୀ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ କିଷାନ ସଂଘ ପକ୍ଷରୁ ୧୩୮ ଚାଷୀଙ୍କୁ ସମ୍ବର୍ଦ୍ଧନା

କଟକ ସଦର,୧୨।୮(ସୁଶାନ୍ତ କୁମାର ଜେନା)

ଭାରତୀୟ କିଷାନ ସଂଘ କଟକ ଜିଲା ପକ୍ଷରୁ କଟକ ସଦର ବ୍ଲକ ଅଞ୍ଚଳର ବରଦା, ବମ୍ଫୁରୀ ବଡମଠ, କୁଳସରିଚିଆଁ ପଞ୍ଚାୟତ ବରାଳ ଗ୍ରାମ ନୀଳକଣ୍ଠ ମନ୍ଦିରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଗୋ ପୂଜନ ସହିତ ୧୩୮ଜଣ ସଫଳ ଚାଷୀ ସମ୍ବର୍ଦ୍ଧିତ କରାଯାଇଛି। ଏହି ସବୁ ସଭାରେ ଭାରତୀୟ କିଷାନ ସଂଘ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ମୋହିନୀ ମୋହନ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ, ରାଜ୍ୟ ସମ୍ପାଦକ ତଥା କେନ୍ଦ୍ର ସରକାରଙ୍କ ସିଫାର ସଦସ୍ୟ ଦେବୀ ପ୍ରସାଦ ପତି (କୃଷକ ନେତା) ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର୍ ରାଉତରାୟ, ଦରଦି ବନ୍ଧୁ ଫାଉଣ୍ଡେଶନ ସଭାପତି ସ୍ୱରୂପ ସୁମନ ଦାସ, ଓଡ଼ିଶା ସରକାରଙ୍କ ମହିଳା କମିଶନ ସଭ୍ୟ ପ୍ରତିଭା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ ପାଇଁ ନିର୍ମଳ ଦାସ, ସଞ୍ଜୟ ସାହୁ ପ୍ରମୁଖ ଦାବି କରିଥିଲେ।

## ବିଶ୍ୱ ହସ୍ତୀ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୧୨।୮(ସଚ୍ଚିଦାନନ୍ଦ ପଣ୍ଡା)



ବିଶ୍ୱ ହସ୍ତୀ ଦିବସରେ ଉପଲକ୍ଷେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

ଖୁଣ୍ଟୁଣୀ ବନାଞ୍ଚଳ ଓ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଗୁରୁଡ଼ିଝାଟିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ହସ୍ତୀ ଦିବସରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀମାନେ ସ୍ଥଳ ଭାଗରେ ବାସ କରୁଥିବା ଏହି ବୃହତ୍ତର ପ୍ରାଣୀ ହସ୍ତୀର ସୁରକ୍ଷା, ସ୍ୱାଧୀନ ବିଚରଣ ଓ ବଂଶ ବିସ୍ତାର ପାଇଁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଛାତ୍ରୀମାନେ ପ୍ରଚାର ପତ୍ର ଧରି ହାତୀ ସୁରକ୍ଷା ଆମର ଦୀକ୍ଷା, ରହିଲେ ଗଜ ହସିବ ବନ ଆଦି ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ଆଠଗଡ଼ ବନଖଣ୍ଡ ମୁଖ୍ୟ ସଂଯୋଜକ ଶ୍ୱେତକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାପକ ସଚେତନତା ଯୋଗୁ ଗତ ୫ବର୍ଷ ମଧ୍ୟରେ ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ମଣିଷ ଲଢାଇ କମିବା ସହ ଏକ ସୁସ୍ଥ ବାତାବରଣ ଫେରି ଆସିଥିବା କହିଥିଲେ। ହାତୀ ବଂଶ ବୃଦ୍ଧି ଓ ସେମାନଙ୍କ ସୁରକ୍ଷା ପାଇଁ ଛାତ୍ର ତଥା ଯୁବ ସମାଜ ଏହାକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ସହକାରୀ ବନ ସଂରକ୍ଷକ ନୀଳମାଧବ ସାହୁ ଅଧ୍ୟକ୍ଷତା କରି ପ୍ରକୃତି ଓ ଜୀବଜଗତର ସନ୍ତୁଳନ ପାଇଁ ଐତିହ ପ୍ରାଣୀ ହସ୍ତୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତିମୟୀ ସାହୁ, ହାତୀ ସାଥୀ ସନାତନ ଦଳାଇ, ଅଭୟ କୁମାର ସାମଲ, ଖବରଦାତା ଜ୍ଞାନରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇଥିଲେ। ପରେ ହାତୀ ସମ୍ପର୍କିତ ଜଣାଅଜଣା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ହାତୀ ସୁରକ୍ଷା ପାଇଁ ନିୟୋଜିତ ହାତୀ ଜଗୁଆଳିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବନପାଳ ରବୀନ୍ଦ୍ର ନାୟକ, ବାଳିକା ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## 'ଓଡ଼ିଆ ଭାଷାର ଜନନୀ ସଂସ୍କୃତ'

କଟକ,୧୨।୮(କାର୍ତ୍ତିକ ସାହୁ)

ସଂସ୍କୃତ ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ ସେକେଣ୍ଡାରି ବୋର୍ଡ ହାଇସ୍କୁଲଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁ କହିଲେ, ଆଦର୍ଶ ମଣିଷ ନିର୍ମାଣ, ଚରିତ୍ର ରକ୍ଷା ଓ ସୁସ୍ଥ ଜୀବନଯାପନ ପାଇଁ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ ଏକାନ୍ତ ଆବଶ୍ୟକ। ମୁଖ୍ୟବକ୍ତା ଡ. ସୁନାମଣି ରାଉତ ଓଡ଼ିଆ ଭାଷାର ଜନନୀ ସଂସ୍କୃତ ବୋଲି କହିଥିଲେ। ଏହି ଅବସରରେ ପଣ୍ଡିତ ଜଗନ୍ନାଥ ପଣ୍ଡା, ପଣ୍ଡିତ କୃଷ୍ଣଚନ୍ଦ୍ର ନାୟକ, ସଂସ୍କୃତ ଶିକ୍ଷିକା ମମତା ଆଚାର୍ଯ୍ୟ ଓ ଭାରତୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କାଳୀପ୍ରସନ୍ନ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂସ୍କୃତ ସାହିତ୍ୟ ଏକାଡେମୀର ସମ୍ପାଦକ ଡ. ବିପିନ ବିହାରୀ ଶତପଥୀ ବିବରଣୀ ପାଠ କରିଥିଲେ। ମାଟ୍ରିକ ପରୀକ୍ଷାରେ ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୦ଟି ହାଇସ୍କୁଲର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ନୀରଦ ଚନ୍ଦ୍ର ଆର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଣ୍ଡିତ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସ୍ୱର୍ଗତ ଲୋକନାଥ ତ୍ରିପାଠୀଙ୍କ ଜୟନ୍ତୀ ଉତ୍ସବ




ଲୋକନାଥ ତ୍ରିପାଠୀଙ୍କ ୯୯ତମ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୧୨।୮(ସୌମ୍ୟରଞ୍ଜନ ରାଉତ)

ସେବତୀ ଲୋକନାଥ ସାହିତ୍ୟ ସେବା ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ସାଧକ ସ୍ୱର୍ଗତ ଲୋକନାଥ ତ୍ରିପାଠୀଙ୍କ ୯୯ତମ ଜୟନ୍ତୀ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଅତିଥି ଭାବେ ନିକୁଞ୍ଜ କିଶୋର ପଣ୍ଡା, ଅଧାପିକା ଡ. ପ୍ରତିଭା ମହାରଥୀ, ତ୍ରିନାଥ ପ୍ରସାଦ ତ୍ରିପାଠୀ, ବିଜୟ କୁମାର ଦାଶ, ମଞ୍ଜୁଳା ତ୍ରିପାଠୀ, ଡ. ତ୍ରୈଲୋକ୍ୟନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବୟିତ୍ରୀ ଓ କବିଙ୍କୁ ନେଇ କବିତା ପାଠ ଆସର ଅନୁଷ୍ଠିତ ହୋଇଥିଲା। ପରେ ତରୁଣବାଳା ମହାପାତ୍ର ଓ ସୌଦାମିନୀ ତ୍ରିପାଠୀ ବେଦପାଠ କରିଥିଲେ। ସମ୍ମିଳିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯିବା ସହ କୁମାରୀ ବଂଶିକା ମହାପାତ୍ରଙ୍କ ଦ୍ୱାରା ଭକ୍ତିନୃତ୍ୟ ପରିବେଷଣ ହୋଇଥିଲା।

## ୩୫ ବର୍ଷ ପୂର୍ତ୍ତିରେ ୩୫ ଫୁଟ୍ ଉଚ୍ଚତା ବିଶିଷ୍ଟ ମୁମ୍ବାଇ ଷ୍ଟାଇଲ ଗଣେଶ ମୂର୍ତ୍ତି

**ଜିନିୟାଲ ଫ୍ରେଣ୍ଡସ୍ କ୍ଲବ**

କଟକ,୧୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ସହର। ପୂଜା ପାଇଁ ନୂଆପଡାସ୍ଥିତ ଜିନିୟାଲ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧୯୯୦ରୁ ଏହି କ୍ଲବ ଗଢି ଉଠିଥିଲା। ଚଳିତବର୍ଷ ଏହି କ୍ଲବ ୩୫ ବର୍ଷରେ ପଦାର୍ପଣ କରିଥିବାରୁ କ୍ଲବ ପକ୍ଷରୁ ପୂଜା ପାଇଁ ବିଶେଷ ପ୍ରସ୍ତୁତି କରାଯାଇଛି। କ୍ଲବରେ ୧୩ଜଣ ସଦସ୍ୟ ଥିବାବେଳେ ସଭାପତି ଭାବେ ଭବାନୀ ପ୍ରସାଦ ମାହାଳି, ସମ୍ପାଦକ ଭାବେ ପ୍ରଶାନ୍ତ ପ୍ରଧାନ ରହିଛନ୍ତି। କ୍ଲବର ପୂର୍ବତନ ସଭାପତି ମନୋଜ ମହାପାତ୍ରଙ୍କ ସୂଚନାକ୍ରମେ, ଚଳିତବର୍ଷ ପୂଜା ପାଇଁ କ୍ଲବ ପକ୍ଷରୁ ସାଢେ ୩ ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ୩୫ବର୍ଷ ପୂର୍ତ୍ତିରେ ଚଳିତବର୍ଷ ୩୫ଫୁଟ୍ ଉଚ୍ଚତାର ମୁମ୍ବାଇ ଡିଜାଇନର ଗଣେଶ ମୂର୍ତ୍ତି ନିର୍ମାଣ କରାଯିବ। ହାଇଦ୍ରାବାଦରୁ ୬ଜଣ କାରିଗର ଏହି ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ଏହାସହ ୩୫କେଜି ଓଜନର ଲଡୁ ତିଆରି କରାଯାଇ ଗଣେଶଙ୍କ ହାତରେ ରହିବ ଏବଂ ପୂଜାର ୬ ଦିନ ପରେ ଏହି ଲଡୁକୁ ନିଲାମ କରାଯିବ। ପୂଜା ପାଇଁ ସମସ୍ତ ଅଞ୍ଚଳକୁ ସଜାଯିବା ସହ ଆଲୋକ ତୋରଣ ଲଗାଯିବ। ୭ ତାରିଖ ମେଲଣ ଅନୁଷ୍ଠିତ ହେବ ଏବଂ ୮ ତାରିଖ ବିସର୍ଜନ କରାଯିବ। ବିସର୍ଜନ ପାଇଁ ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି ଏବଂ ପୂଜା ମଣ୍ଡପରେ ହିଁ ବିସର୍ଜନ କରାଯିବ।

**ଆସୁଛନ୍ତି ପ୍ରଭୁ ଗଜାନନ**



# ଜଟଣୀରେ ୫ ଶହ ମିଟର ଲମ୍ବ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

- ସାମିଲ ହେଲେ ଏକାଧିକ ସଂଗଠନ, ଦଳୀୟ ନେତା ଓ କର୍ମୀ
- ତ୍ରିରଙ୍ଗା ଶୋଭାଯାତ୍ରା ଏକ ରାଷ୍ଟ୍ରବାଦୀ ଚିନ୍ତାଧାରା

ଜଟଣୀ,୧୨।୮(ରବୀନ୍ଦ୍ରନାଥ ମହାକୁଡ଼)

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମଙ୍ଗଳବାର ଜଟଣୀ ସହରରେ ଏକ ବିଶାଳ ତ୍ରିରଙ୍ଗା ପତାକା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଏବଂ ଇଜେଡ୍‌ସିସି ସହଯୋଗରେ ଉତରାୟଣୀ କ୍ଲବ ଓ ଡିଭାଇନ ଆନୁକୂଲ୍ୟରେ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ୫୦୦ ମିଟରରୁ ଊର୍ଦ୍ଧ୍ୱ ଲମ୍ବର ତ୍ରିରଙ୍ଗା ପତାକା ଶୋଭାଯାତ୍ରାରେ ସ୍ଥାନ ପାଇଥିଲା। ଶୋଭାଯାତ୍ରା ସ୍ଥାନୀୟ ଉତରାୟଣୀ କ୍ଲବ ପରିସରରୁ ବାହାରି ହରିଭାଇନା ଛକ, ମ୍ୟୁନିସିପାଲିଟି ଛକ, ମହୁଲଗୁଡ଼ିଆ ଛକ, ଥାନା ଛକ, ମସଜିଦ ଛକ, ସୀତାରାମ ଛକ ଦେଇ ରେଲୱେ ଷ୍ଟେଶନଠାରେ ସମାପ୍ତ ହୋଇଥିଲା। ଏହି ବିଶାଳ ତ୍ରିରଙ୍ଗା ଯାତ୍ରାରେ ଆଶ୍ରୟ ଅନୁଷ୍ଠାନ, ରୋଟାରି କ୍ଲବ ଜଟଣୀ, ଜଟଣୀ ୟୁଥ ଫେଡରେଶନ, ମାରୱାଡି ଯୁବ ମଞ୍ଚ (ସିଟି ଶାଖା), ସମୃଦ୍ଧି ୱେଲନେସ, ମଦନମୋହନ ନାଟ୍ୟକଳା ସଂସଦ, ଜଟଣୀ ବାର ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ, ନୃତ୍ୟଶ୍ରୀ, ଜଟଣୀ ସୁରକ୍ଷା ମଞ୍ଚ,ଜଟଣୀ ବିକାଶ ପରିଷଦ, ଜଟଣୀ ନାଗରିକ କମିଟି, ଜଟଣୀ ପ୍ରଗତି ପରିଷଦ, ସମ୍ଭାବନା ପରିବାର, ପରିବର୍ତ୍ତନ ଅନୁଷ୍ଠାନ, ହାଟବଜାର ବିକାଶ ପରିଷଦ, ମୋ ପରିବାର, ଜଟଣୀ ଡ୍ରାଇଭର ସଂଘ, ଜଟଣୀ ବ୍ୟବସାୟୀ ମହାସଂଘ ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ତଥା ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାଏ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ଭାଜପା ନେତ୍ରୀ ତଥା ଆଇନଜୀବୀ ରୋଜିନାରାଣୀ ଦାସ, ବିଜେଡି ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ବିଜେଡି ଜିଲା ଉପସଭାପତି ମନମୋହନ ରାଉତରାୟ, ବିରଞ୍ଚି ନାରାୟଣ ସେଠୀ, ସଂଗଠକ ସୁଲୁ ରଥ, ବିଷ୍ଣୁ ସାହୁ, ପ୍ରଶାନ୍ତ ବେହେରା, ଭାଜପା ନଗର ସଭାପତି ତିରୁପତି ଶତପଥୀ, ଭାଜପା ନଗର ସମ୍ପାଦକ ପ୍ରଭାସ କୁମାର ମହାକୁଡ଼, ଭୁବନେଶ୍ୱର ଏମ୍‌ପି ପ୍ରତିନିଧି ସତୀଶ ଶର୍ମାଙ୍କ ସହିତ ଜଟଣୀ ନଗରପାଳ ଅନନ୍ତ ବେହେରା ଏବଂ ପାରିଷଦଗଣ ଯୋଗଦେଇଥିଲେ। ଜାତୀୟ ତ୍ରିରଙ୍ଗା ପତାକା ଆମର ଗର୍ବ ଏବଂ ଗୌରବ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ଭାରତୀୟ ବୋଲି ଗର୍ବ କରି ଆମ ତ୍ରିରଙ୍ଗାର ଟେକ ରଖିବା ବୋଲି ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ମତବ୍ୟକ୍ତ କରିଥିଲେ। ସେହିପରି ଭଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ କହିଥିଲେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଜୁଆର ଉଠିବା ସହିତ ତ୍ରିରଙ୍ଗା ପ୍ରତି ସମ୍ମାନ ଜାଗ୍ରତ ହେବ। ଭାଜପା ମହିଳା ନେତ୍ରୀ ତଥା ବିଶିଷ୍ଟ ଆଇନଜୀବୀ ରୋଜିନାରାଣୀ ଦାସ ତ୍ରିରଙ୍ଗା ଶୋଭାଯାତ୍ରା ରାଷ୍ଟ୍ରବାଦୀ ଚିନ୍ତାଧାରା ଏବଂ ଭାରତର ଏକତା ଏଖଣ୍ଡତାକୁ ପ୍ରତିବାଦିତ କରୁଛି ବୋଲି କହିଥିଲେ। ତ୍ରିରଙ୍ଗା ଶୋଭାଯାତ୍ରାରେ ଓଡ଼ିଶାର ପରମ୍ପରିକ ବାଦ୍ୟ ନୃତ୍ୟ ସହିତ ଦେଶାତ୍ମକ ସଂଗୀତରେ ସମଗ୍ର ଅଞ୍ଚଳ ମୁଖରିତ ହୋଇ ଉଠିଥିଲା। ତ୍ରିରଙ୍ଗା ଶୋଭାଯାତ୍ରାକୁ ଦେଖିବା ପାଇଁ ଜଟଣୀ ସହରର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଦର୍ଶକଙ୍କୁ ଦଖିବାକୁ ମିଳିଥିଲା।


ଅମୃତ ମହୋତ୍ସବ ପାଳନ ଅବସରରେ ଜଟଣୀ ସହରରେ ଆୟୋଜିତ ତ୍ରିରଙ୍ଗା ପତାକା ଶୋଭାଯାତ୍ରା।

# ଯୁବତୀଙ୍କ ମୁଣ୍ଡରେ କଟୁରୀ ଚୋଟ: ମା’, ପୁଅ ଗିରଫ

ବୋଲଗଡ଼,୧୨।୮(ଦେବବ୍ରତ ହୋତା)



ବୋଲଗଡ଼ ଥାନା ମରଦାବାଡି ଗ୍ରାମରେ ପୂର୍ବର ଥିବା ସୀମା ବିବାଦ ନେଇ ଦୁଇ ପଡୋଶୀ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବତୀ ଜଣକ ହେଲେ ପ୍ରଭାକର କହଲସିଂଙ୍କ ଝିଅ ଲିଜୁନା (୨୨)। ତାଙ୍କ ମୁଣ୍ଡକୁ କଟୁରୀରେ ହାଣି ଗୁରୁତର କରିଥିବା ଅଭିଯୋଗରେ ପଡୋଶୀ ପରିବାରର ମା’ ଓ ପୁଅଙ୍କୁ ବୋଲଗଡ଼ ଥାନା ପୋଲିସ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରିଛି। ଗୁରୁତର ଯୁବତୀଙ୍କୁ ଭୁବନେଶରର ଏକ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଗୁରୁତର ଆହତ ଲିଜୁନାଙ୍କ ମା’ କମଳା କହଲସିଂ ବୋଲଗଡ଼ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପଡୋଶୀ ପରିବାର ସହ ଦୀର୍ଘଦିନ ଧରି ସୀମା ବିବାଦ ଲାଗି ରହିଥିବା ବେଳେ ଅନେକ ଥର ଗଣ୍ଡଗୋଳ ଘଟି ଥାନାରେ ଅଭିଯୋଗ ହୋଇଥିଲା। ତେବେ ସୋମବାର ଭୁବନେଶ୍ୱରରେ ରହି ପାଠ ପଢୁଥିବା ତାଙ୍କ ଝିଅ ଲିଜୁନା ଗାଁକୁ ଆସିଥିବା ବେଳେ ତାଙ୍କୁ ପଡିଶା ଘର ସର୍ବେଶ୍ୱର କହଲସିଂଙ୍କ ସ୍ତ୍ରୀ ପ୍ରମିଳା ଓ ପୁଅ ଉମେଶ କମେଣ୍ଟ ମାରିବା ସହ ଗାଳିଗୁଲଜ କରିଥିଲେ। ମଙ୍ଗଳବାର ଲିଜୁନା ଭୁବନେଶ୍ୱର ଯିବ ପୂର୍ବରୁ ବାରିପଟେ ଲାଗିଥିବା କିଆରିରୁ ଭେଣ୍ଡି ତୋଳୁଥିବ ବେଳେ ପୁନର୍ବାର ଉଭୟ ମା’ ଓ ପୁଅ କମେଣ୍ଟ ମାରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ଏହାର ପ୍ରତିବାଦ କରିବାରୁ ଉମେଶ ଏକ କଟୁରୀ ଆଣି ଲିଜୁନାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ଫଳରେ ସେ ରକ୍ତ ଯୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ି ଯାଇଥିଲେ। କମଳାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଗୋଡାଇବା ସହ ଧକ୍କା ମାରିଥିଲେ। ପରେ ପରିବାର ଲୋକ ଲିଜୁନାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ଆଣିଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ଚିକିତ୍ସା ପାଇଁ ପଠାଇଥିଲେ। କମଳା ଙ୍କ ଅଭିଯୋଗ ପରେ ବୋଲଗଡ଼ ଥାନା ଏସଆଇ ହାଡିବନ୍ଧୁ ଦାସ ଘଟଣା ସ୍ଥଳରେ ପହଞ୍ଚି କବାଟ ଦେଇ ଘରେ ଭିତରେ ଥିବା ଅଭିଯୁକ୍ତଙ୍କୁ ଛାତ ସିଡି କବାଟ ଭାଙ୍ଗି ଧରି ବୋଲଗଡ଼ ଥାନାକୁ ଆଣିଥିଲା। ପରେ ଖୋର୍ଦ୍ଧାରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘର ନିକଟରୁ ରକ୍ତଲଗା କଟୁରୀ ଜବତ କରିଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୮୬/୨୫) ରୁଜୁ କରି ଆକ୍ରମଣକାରୀ ଉମେଶ କହଲ ସିଂ (୨୦) ଓ ତାଙ୍କ ମା’ ପ୍ରମିଳା କହଲ ସିଂ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ବାଲୁଗାଁ,୧୨।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଞ୍ଚଳରେ ଏକ ଦୈନିକ ଖବର କାଗଜରେ ଖବରଦାତା ଭାବେ କାର୍ଯ୍ୟ କରୁଥିବା ରମେଶ ଚନ୍ଦ୍ର ସେଠୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବାଲୁଗାଁ ପୋଲିସ ସ୍ଥାନୀୟ ଗୁଣ୍ଡୁରୁପୁର ଅଞ୍ଚଳର ଦୀପକ ପରିଡ଼ାଙ୍କୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ସହଯୋଗୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ରମେଶ ସୋମବାର ଅପରାହ୍ନରେ ଚିଲିକା କୂଳକୁ ଯାଇଥିବାବେଳେ ସେଠାରେ ଦୀପକ ଏବଂ ତାଙ୍କ ସହଯୋଗୀମାନେ ଜଣେ ଡ୍ରାଇଭରଙ୍କୁ ମାଡ଼ ମାରୁଥିଲେ। ଏହା ଦେଖି ରମେଶ ବାରଣ କରିବାରୁ ସେମାନେ ଶୁଣି ନ ଥିଲେ। ରମେଶ ମୋବାଇଲରେ ଆକ୍ରମଣର ଦୃଶ୍ୟ ଭିଡିଓ କରୁଥିବାବେଳେ ଦୀପକ ଓ ତାଙ୍କ ସହଯୋଗୀ ଉତ୍କ୍ଷିପ୍ତ ହୋଇ ତାଙ୍କ ଉପରେ ଆକ୍ରମଣ କରିଥିଲେ।

# ବୋଲଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ବୋଲଗଡ଼,୧୨।୮(ଦେବବ୍ରତ ହୋତା)

ବୋଲଗଡ଼ ମହୋତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ମହୋତ୍ସବ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ପରିଚାଳନା କମିଟି ଅଧ୍ୟକ୍ଷ ବିଧାୟକ ପ୍ରଦୀପ ସାହୁ ପୌରୋହିତ କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା, ପ୍ୟାରୀ ମୋହନ ଦାସ ଓ ଲଲାଟେନ୍ଦୁ କେଶରୀ ସିଂହ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ବୀର କିଶୋର ଦାସ ବିଗତ ବୋଲଗଡ଼ ମହୋତ୍ସବ-୨୪ ର ସମ୍ପୂର୍ଣ୍ଣ ବିବରଣୀ ସହ ଆୟର ବ୍ୟୟର ସମ୍ପର୍କରେ ତଥ୍ୟ ରଖିଥିଲେ। ଆସନ୍ତା ମହୋତ୍ସବ ଆୟୋଜନର ରୂପରେଖ ନେଇ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବର୍ଷ ଭଳି ନିର୍ଦ୍ଧାରିତ ସମୟ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ମହୋତ୍ସବ ଆୟୋଜନ ହେବ। ଏଥିରେ ବିଭିନ୍ନ ବର୍ଗର ସୁନାମଧନ୍ୟ ଅତିଥିଙ୍କ ଆଗମନ ସହ ସ୍ଥାନୀୟ ଲୋକ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ହେବ। ଚଳିତ ଥର ମହୋତ୍ସବକୁ ଅଧିକ ଲୋକାଦୃତ କରିବାକୁ ଆଗାମୀ ବୈଠକରେ ଉପରୋକ୍ତ ବିଭାଗଗୁଡ଼ିକର ସୁପରିଚାଳନା ଉପରେ ଗୁରୁତ୍ୱ ଦେଇ ଦାୟିତ୍ୱ ବଣ୍ଟନ କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସଦସ୍ୟ ପ୍ରଫୁଲ୍ଲ ମହାନ୍ତି, ଭଞ୍ଜକିଶୋର ଯତି, ସନାତନ ପାଟ୍ଟଶାଣୀ, ପାର୍ବତୀକାନ୍ତ ଚମ୍ପତିରାୟ, ଜୟକୃଷ୍ଣ ଦଳବେହେରା, ମନୋଜ କୁମାର ପଣ୍ଡା, ଲକ୍ଷ୍ମୀଧର ଚୌଧୁରୀ, ଅବିନାଶ ସୁବୁଦ୍ଧି, ଗଦାଧର ଚମ୍ପତି, ପ୍ରମୁଖ ଉପସ୍ଥିତ ଥିଲେ।

# ବାଣପୁର ରାଜସ୍ୱ ଅମଲା କର୍ମଚାରୀଙ୍କ ଧାରଣା

ବାଣପୁର,୧୨।୮(ଦିଲୀପ କୁମାର ସ୍ୱାଇଁ):

ଓଡ଼ିଶା ରାଜସ୍ୱ ଅମଲା ସଂଘର ବିଭିନ୍ନ ଦାବି ନେଇ ବନ୍ଦ ଡାକରାରେ ବାଣପୁର ତହସିଲ, ବ୍ଲକ ଓ ଆଇସିଡିଏସର ରାଜସ୍ୱ ଅମଲା କର୍ମଚାରୀମନେ ସାମିଲ ହୋଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ରାଜ୍ୟ ରାଜସ୍ୱ ଅମଲା ସଙ୍ଗର ୧୦ଦଫା ଦାବି ନେଇ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି। ଦାବି ପୂରଣ ପାଇଁ ବିଭିନ୍ନ ସମୟରେ କର୍ମଚାରୀମାନେ କଳାବ୍ୟାଜ୍ ଧାରଣ କରି କାର୍ଯ୍ୟ କରିଥିବା ବେଳେ ସରକାର ସେମାନଙ୍କ ଦାବି ପୁରଣ ପାଇଁ ଦୃଷ୍ଟି ଦେଉ ନ ଥିବା ବେଳେ ପୁଣି ଓଡିଶା ରାଜସ୍ୱ ଅମଲା ସଂଘ ଡାକରାରେ ରାଜ୍ୟରେ ଅମଲା କର୍ମଚାରୀମାନେ ନିଜ କାର୍ଯ୍ୟାଳୟ ନିକଟରେ ଧାରଣା ଦେଇଛନ୍ତି। ବାଣପୁର ରାଜସ୍ୱ ଅମଲା କର୍ମଚାରୀମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଏପରି ସ୍ଥଳରେ ବାଣପୁର ବ୍ଲକ, ତହସିଲ ଓ ଆଇସିଡିଏସ କାର୍ଯ୍ୟାଳୟ କାର୍ଯ୍ୟ ଠପ ହୋଇଯାଇଛି। ଯାହାଦ୍ୱାରା ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମୁଖୀନ ହେଉଛନ୍ତି।

# ସଂସ୍କୃତ ସପ୍ତାହ ପାଳନ ଉଦ୍‌ଯାପିତ

ବେଗୁନିଆ,୧୨।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଂସ୍କୃତ ସପ୍ତାହ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଡ. ହରି ପ୍ରସାଦ ଦାସ ମୁଖ୍ୟଅତିଥି, ସଂଘମିତ୍ରା ରଥ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଶିବ କୁମାର ମୁନି, ଦୀନବନ୍ଧୁ ଦାସ, ସତ୍ୟନାରାୟଣ ସାମନ୍ତରାୟ, ଦେବାଶିଷ ସାହୁ ଓ ପ୍ରସନ୍ନ କୁମାର ବାରିକ ପ୍ରମୁଖ ଯୋଗଦେଇ ପ୍ରଶାସନ ସର୍ବପୁରାତନ ଦେବ ନାଗରି ଭାଷାକୁ ଉଦ୍ଧାର କରି ଛାତ୍ରୀମାନଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ଶ୍ରଦ୍ଧାଞ୍ଜଳୀ ସାହୁ, ପୂର୍ଣ୍ଣମିତ ବଳିୟାରସିଂହ, ସ୍ମୃତିରଞ୍ଜନ ପଣ୍ଡା, ଶୁଭାଶିଷ ଭୁଜବଳ ଓ ପ୍ରଦୀପ ବେହେରା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ପୂର୍ବତନ ଛାତ୍ର ସରୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ କର୍ମଚାରୀ ବିରଞ୍ଚି ନାରାୟଣ ସାହୁ ଓ ବିଶ୍ୱରଞ୍ଜନ ପରିଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଲୁଗାଁ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ



ସଂସ୍କୃତ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।

ବାଲୁଗାଁ,୧୨।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟରେ ମଙ୍ଗଳବାର ସଂସ୍କୃତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦେବଭାଷା ସଂସ୍କୃତର ଲୋକପ୍ରିୟତା ପାଇଁ ସବୁ ଅନୁଷ୍ଠାନ କାର୍ଯ୍ୟ କରିବା ଉଚିତ ବୋଲି ଅଧ୍ୟକ୍ଷ କହିଥିଲେ। ପ୍ରାରମ୍ଭରେ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ମହାରଣା ସମସ୍ତଙ୍କୁ ସଂସ୍କୃତ ଭାଷାରେ ସ୍ୱାଗତ ଜଣାଇଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଅଶୋକ କୁମାର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାପରେ ମୁଖ୍ୟ ଅତିଥି ସଂସ୍କୃତ ଭାଷାରେ ସଂସ୍କୃତର ମହନୀୟତା ଉପସ୍ଥାପିତ କରିବା ସହ ଛାତ୍ରୀଛାତ୍ରଙ୍କ ସହ ସଂସ୍କୃତରେ କଥୋପକଥନ କରିଥିଲେ। ଅତିଥି ଷଡ଼ଙ୍ଗୀ କହିଲେ ଯେ ସଂସ୍କୃତ ହେଉଛି ଆମ ଜ୍ଞାନର ଉତ୍ସ। ଏହା ବେଦ ଓ ଦେବତାଙ୍କ ଭାଷା। ଏହି ଭାଷା ଉଚ୍ଚାରଣ କରିବାରେ ଅଦ୍ଭୁତ ଶକ୍ତି ଓ ସ୍ପନ୍ଦନ ସୃଷ୍ଟି ହୁଏ। ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ବିଭିନ୍ନ ପୁରାଣ ଓ ଭାଗବତ ଗୀତାରୁ ଶ୍ଳୋକ ଆବୃତ୍ତି କରିଥିଲେ। ସଂସ୍କୃତ ଭାଷାରେ ଧନ୍ୟବାଦ ଅର୍ପଣ କରିଥିଲେ ଦର୍ଶନ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପିକା ଡ. ମୋନାଲିସା ମାନସିଂହ, ଅଧ୍ୟାପିକା ରୀନା ରାଉତ ଓ ପ୍ରିୟମ୍ବଦା ମହାପାତ୍ର।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨ +** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍:
https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



DSPL-203

Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

**ଷଣ୍ଢଙ୍କ ଉତ୍ପାତରୁ ଫସଲ ନଷ୍ଟ: ଉପଜିଲାପାଳଙ୍କୁ ଦାବିପତ୍ର**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦା ଗ୍ରାମର ବିଲବାଡିରେ ଗତ କିଛି ଦିନ ହେଲା ବୁଲାଷଣ୍ଢ ଉତ୍ପାତ କରୁଛନ୍ତି, ଯାହାଫଳରେ ଧାନ ଫସଲ ନଷ୍ଟ ହୋଇଛି। ଏହା ଦ୍ୱାରା ଚାଷୀମାନଙ୍କର ବହୁତ କ୍ଷତି ହେଉଛି। ଏହାର ପ୍ରତିକାର ପାଇଁ ଗ୍ରାମାବାସୀଙ୍କ ପକ୍ଷରୁ ବାଙ୍କୀ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ୱାର୍ଡ ସଭ୍ୟ ପ୍ରତିମା ରାଉତ, ପୂର୍ବତନ ୱାର୍ଡ ସଭ୍ୟ ଗୋପବନ୍ଧୁ ସାହୁ, ଶ୍ରୀନିବାସ ପ୍ରଧାନ, ନାରାୟଣ ପ୍ରଧାନ, ଜିତେନ ସାହୁ, ପ୍ରସନ୍ନ କୁମାର ସ୍ୱାଇଁ, ଋଷିଆ ରଣା ପ୍ରମୁଖ ଉପସ୍ଥିତ ରହି ଉପଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ବାଙ୍କୀ ବିଧାୟକ

**ବାଙ୍କୀ, ୧୨।୮(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ସିମିଳିପୁର ପଞ୍ଚାୟତରେ ମଙ୍ଗଳବାର ନୂତନ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, ଜିଲାପରିଷଦ ସଭ୍ୟା ମିନତି ମହାପାତ୍ର, ବିଡିଓ ଅଂଶୁମାନ ଦାଶ, ସରପଞ୍ଚ ସୁକାନ୍ତ କୁମାର ବେହେରା, ସମିତି ସଭ୍ୟା ଝୁନା ନାୟକ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଥାଉ କି, ୨୦୨୨ରେ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତ ବିଭାଜନ ହୋଇଥିଲା। ଫଳରେ ନୂତନ ଭାବେ ସିମିଳିପୁର ପଞ୍ଚାୟତ ଗଠନ କରାଯାଇଥିଲା। ହେଲେ ପଞ୍ଚାୟତ କାର୍ଯ୍ୟାଳୟ ଅଫିସ ନ ଥିବାରୁ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ନୂତନ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ସରକାରୀ ଅର୍ଥ ମଞ୍ଜୁର ହୋଇଥିଲେ ମଧ ଏହା କାର୍ଯ୍ୟକାରୀ ହୋଇ ନଥିଲା। ତେବେ ଦୀର୍ଘ ୩ ବର୍ଷ ୫ ମାସ ପରେ ନୂତନ ଅଫିସ କାର୍ଯ୍ୟାଳୟ ହେବା ପରେ ପଞ୍ଚାୟତବାସୀ ଖୁସି ବ୍ୟକ୍ତ କରିଛନ୍ତି।

### ସଂସ୍କୃତ ସପ୍ତାହ ପାଳନ

**ଟିଗିରିଆ,୧୨।୮(ଜାଫର ଖାଁ)** ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସଂସ୍କୃତ ସପ୍ତାହ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତ ଭାଷାର ଧାରା ଓ ପ୍ରସାରଣ ସଂକ୍ରାନ୍ତରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପିକା ଡ. ପ୍ରବୀଣା ମିଶ୍ର ପାଠଚକ୍ରରେ ଗବେଷଣାତ୍ମକ ଓ ସନ୍ଦର୍ଭ ଭିତ୍ତିକ ସଂସ୍କୃତ ଭାଷା ଉତ୍ପତ୍ତି ଓ ବିକାଶର ଦିଗକୁ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିବା ବେଳେ ଛାତ୍ରୀ ଲିପି ପ୍ରଧାନ, ଓ ଛାତ୍ର ଆଶିଷ ପାଢ଼ୀ ସଂସ୍କୃତ ଭାଷାର ବିକାଶ ଓ ପ୍ରୟୋଗାତ୍ମକ ତଥା ମୂଲ୍ୟବୋଧ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ବେହେରା ସଂସ୍କୃତ ଭାଷା ସଭ୍ୟତାର କ୍ରମ ବିକାଶରେ ବିଜ୍ଞାନ, ଦର୍ଶନ ଉପରେ କହିଥିଲେ। ଅଧ୍ୟାପକ ଡ. ପତିତପାବନ ପଣ୍ଡା, ଲକ୍ଷ୍ମୀଧର ସାହୁ, ଅଧ୍ୟାପିକା ଇନ୍ଦିରା ସାମନ୍ତରାୟ ପ୍ରମୁଖ ସଂସ୍କୃତ ସପ୍ତାହ ପାଳନ ଓ ଶିକ୍ଷାର ଦିଗକୁ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ପରୀକ୍ଷାଗାର ମାର୍ଗଦର୍ଶକ ସୌମ୍ୟରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

# ଆଦାୟ ଟଙ୍କାର ହିସାବ ନ ମିଳିବାରୁ ଇଟିଜି ସଦସ୍ୟାଙ୍କ ଧାରଣା

## ଅଂଶୁପା ଇକୋ ଟୁରିଜମ ପାର୍କ



ଇକୋ ଟୁରିଜମ ପାର୍କ ସମ୍ମୁଖରେ ଇଟିଜିର ସଦସ୍ୟାମାନେ ଧାରଣା ଦେଇଛନ୍ତି

**ବାଙ୍କୀ, ୧୨।୮( ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଉପଖଣ୍ଡ ସରଣ୍ଡାଗଡ଼ର ଅଂଶୁପା ଇକୋ ଟୁରିଜମ ପାର୍କ ସମ୍ମୁଖରେ ଇକୋ ଟୁରିଜମ୍ ଗ୍ରୁପ୍(ଇଟିଜି)ର ସଦସ୍ୟାମାନେ ମଙ୍ଗଳବାର ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆଠଗଡ଼ ବନ ବିଭାଗରେ ୨୦୧୪ରୁ ନିକଟସ୍ଥ କଦଳୀବାଡି ପଞ୍ଚାୟତ ମାଳବିହାରପୁର ଗ୍ରାମର ବାଲୁଙ୍କେଶ୍ୱର ବନ ସୁରକ୍ଷା କମିଟିର ଇକୋ ଟୁରିଜମ୍ ଗ୍ରୁପ୍(ଇଟିଜି)ର ୧୦ଜଣ ମହିଳାଙ୍କୁ ଆଠଗଡ଼ ବନ ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କୁ ଅଂଶୁପା ପାର୍କର ସଫେଇ, ପରିବେଶ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ସହ ଟଙ୍କା ଆଦାୟ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏସବୁ ପାଇଁ ବ୍ୟାଙ୍କରେ ଏକ ଜଏଣ୍ଟ ଆକାଉଣ୍ଟ ମଧ ଖୋଲାଯାଇଥିଲା। ୨୦୧୪ରୁ ୨୦୨୩ ପର୍ଯ୍ୟନ୍ତ ସବୁ ଠିକ୍ଠାକ ଚାଲିଥିଲା। କିନ୍ତୁ ୨୦୨୩ରୁ ପାର୍କରେ ଆଦାୟ ହେଉଥିବା ଟଙ୍କାର କୌଣସି ହିସାବ ମିଳି ନଥିଲା। ଆଦାୟ ଟଙ୍କାର ଶତକଡା ୧୦ ଭାଗ ବାଲୁଙ୍କେଶ୍ୱର ବନ ସୁରକ୍ଷା ବାବଦରୁ ଆସିଥିଲା। ସେଠାରୁ ମୋଟ ୧ ଲକ୍ଷ ୧୩ ହଜାର ୪୬୭ ଟଙ୍କାରୁ ୭୫ ହଜାର ଟଙ୍କା ୨୦୨୧ରୁ ୨୩ ମଧ୍ୟରେ ଆଦାୟ ହୋଇଥଲା। ମାତ୍ର ସେଥିରୁ ୩୮ ହଜାର ୪୨୭ ଟଙ୍କା ଇଟିଜି କମିଟିକୁ ପ୍ରଦାନ କରାଯାଇନାହିଁ। ଅନ୍ୟପଟେ ପାର୍କର ଉନ୍ନତୀକରଣ ଯଥା ସିଂହଦ୍ୱାର ପାହାଚ ଗାଡି ପାର୍କିଂ ବାବଦକୁ ଫରେଷ୍ଟ ବିଭାଗରୁ ଇଟିଜି କମିଟିକୁ ଆସିଥିବା ୩ ଲକ୍ଷ ୭୦ ହଜାର ଟଙ୍କାର କୌଣସି କାର୍ଯ୍ୟ ହୋଇ ନଥିଲା।

୨୦୨୪ରେ ଫରେଷ୍ଟରଙ୍କ ନିର୍ଦ୍ଦେଶକ୍ରମେ ଇଟିଜି କମିଟି ସଭାପତି କୁନିଲତା ପ୍ରଧାନ ପାର୍କ ଭିତରେ ଫୁଲ ବଗିଚା ବାବଦ ତାଙ୍କର ବ୍ୟକ୍ତିଗତ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ମାତ୍ର ଅଦ୍ୟାବଧି ସେ ଟଙ୍କା ପାଇନାହାନ୍ତି। ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ୨୦୨୩ରେ ଖର୍ଚ୍ଚ କରିଥିବା ୧୮ ହଜାର ଟଙ୍କା ମଧ ମିଳୁ ନ ଥିବା ନେଇ ଡିଏଫ୍ଓଙ୍କ ନିକଟରେ ଜୁଲାଇ ୭ରେ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଇଟିଜି କମିଟି ସଦସ୍ୟା ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଏହାର ହିସାବ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଇଟିଜି ଗ୍ରୁପ୍ ସଭାପତି କୁନିଲତା କହିଛନ୍ତି। ଅନ୍ୟପଟେ ଦୀର୍ଘବର୍ଷ ବର୍ଷ ଧରି ସେଠାରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ଦୁଇଜଣ ଯୁବକଙ୍କ ଦରମା ବନ୍ଦ କରିବା ସହ କାର୍ଯ୍ୟରୁ ବିତାଡିତ କରିଥିବାରୁ ଏହି ଗ୍ରୁପ୍ର ସଦସ୍ୟାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଯଦି ସେମାନଙ୍କୁ ପୁନଃ ନିଯୁକ୍ତି ନ ମିଳେ ତେବେ ସେମାନେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଆଠଗଡ଼ ଡିଏଫଓଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏ ସମ୍ପର୍କରେ ଆଠଗଡ଼ ବନ ବିଭାଗ ରେଞ୍ଜର ରବି ନାୟକଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ। ଇଟିଜି କମିଟି ଗ୍ରୁପ୍ ପାର୍କରେ ନିୟମ ମୁତାବକ କାର୍ଯ୍ୟ କରୁ ନ ଥଲା। ସେମାନେ ନିଜ ମନମୁତାବକ କାର୍ଯ୍ୟ କରୁଥିବା ଯୋଗୁ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଉକ୍ତ ଗ୍ରୁପ୍କୁ କାର୍ଯ୍ୟରୁ ବାହାର କରିଦିଆଯାଇଛି ବୋଲି ରେଞ୍ଜର ନାୟକ କହିଛନ୍ତି।

# ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତିକୁ ଅସିଦ୍ଧ ଘୋଷଣା କଲେ ଜିଲା ସଂଯୋଜକ

**ନିଶ୍ଚିନ୍ତକୋଇଲି,୧୨।୮ (ଅଶୋକ କୁମାର ମହାପାତ୍ର):** କଟକ ଜିଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନ ନିଶ୍ଚିନ୍ତକୋଇଲି ବ୍ଲକ ୨୭ ପଞ୍ଚାୟତ ପାଇଁ ପର୍ଯ୍ୟବେକ୍ଷକମାନଙ୍କ ନାମ ଘୋଷଣା କରାଯାଇଥିଲା । ଏହି ନିଯୁକ୍ତିକୁ କଟକ ଜିଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ କୁମାର ଦାସ ଅସିଦ୍ଧ ଘୋଷଣା କରିଛନ୍ତି। ଜିଲା ସଂଯୋଜକ ଓ ପିସିସିଙ୍କ ଅନୁମତି ନ ନେଇ କିପରି ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଗଲା ସେନେଇ କଂଗ୍ରେସ କର୍ମୀ ଅସନ୍ତୋଷବ୍ୟକ୍ତ କରିଛନ୍ତି। କଂଗ୍ରେସର ପଞ୍ଚାୟତ ପର୍ଯ୍ୟବେକ୍ଷକ ତଥା ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ରମାକାନ୍ତ ବେହେରା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତ ପାଇଁ ନାମ ଘୋଷଣା କରିଥିଲେ।

ଏନେଇ ଏକ ଖବର କାଗଜରେ ଖବରପ୍ରକାଶ ପାଇବା ପରେ ଜିଲା ସଂଯୋଜକ ପ୍ରତିକ୍ରିୟା ରଖିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶରେ ବ୍ଲକ କଂଗ୍ରେସ କମିଟି ସଭାପତି ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ କଂଗ୍ରେସର ନୀତି ନିୟମ ଓ ଶୃଙ୍ଖଳା ଭଙ୍ଗ କରି ଜିଲା ସଂଯୋଜକଙ୍କ ଅଗୋଚରରେ ମନମୁଖି ଭାବେ ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତି କରିବା କଂଗ୍ରେସର ଅନୁଶାସନ ବିରୋଧି। ଏହାଦ୍ୱାରା କଂଗ୍ରେସ କର୍ମୀମାନେ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ତେଣୁ ଏହି ନିଯୁକ୍ତିକୁ ଅସିଦ୍ଧ ଘୋଷଣା କରିଛନ୍ତି ବୋଲି ଦାସ ଏକ ପ୍ରେସ ବିବୃତ୍ତି ଜରିଆରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ମାହାଙ୍ଗା କଂଗ୍ରେସରେ ଦୀର୍ଘ ଦିନ ହେବ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳୁଛି।

# ଜୈବ ବିବିଧତାରେ ହାତୀର ଭୂମିକା ମହତ୍ତ୍ୱପୂର୍ଣ୍ଣ

## ଅସ୍ତିତ୍ୱ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ପାଳିତ

**ବାଙ୍କୀ,୧୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ରାଜ୍ୟର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ 'ଅସ୍ତିତ୍ୱ' ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ମଙ୍ଗଳବାର ବାଙ୍କୀର ଗୟଳବାଙ୍କ, କଇଁମୁଣ୍ଡି, ଭଗିପୁରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ତଥା ପ୍ରକୃତି ବନ୍ଧୁ ଗୌତମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରି ହାତୀ ଆମ ସାଥୀ ତାହାର ସୁରକ୍ଷା ଆମ ଦାୟିତ୍ୱ ବୋଲି କହିଛନ୍ତି। ଏଥିସହ ନୂତନ ଜଙ୍ଗଲ ସୃଷ୍ଟି ଜୈବ ବିବିଧତାରେ ହାତୀର ଭୂମିକା ମହତ୍ତ୍ୱପୂର୍ଣ୍ଣ। ତେଣୁ ହସ୍ତୀଙ୍କୁ ମଧ ପରିବେଶ ଯନ୍ତ୍ରୀ ଭାବେ ଗ୍ରହଣ କରାଯାଇଛି ବୋଲି କହିଥିଲେ। ଏଥିରେ ବିଶେଷ ଅତିଥି ଭାବେ କଇଁମୁଣ୍ଡି ଫାଣ୍ଡି ଅଧିକାରୀ ମଦନମୋହନ ମଲ୍ଲିକ ଯୋଗ ଦେଇ ଜନସାଧାରଣଙ୍କୁ ହାତୀ ସୁରକ୍ଷା ସହ ଜଙ୍ଗଲ, ପରିବେଶ ମାନବ ସଭ୍ୟତା ପ୍ରତି କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝାଇଥିଲେ। ପରିଶେଷରେ ହାତୀ ସୁରକ୍ଷା ପାଇଁ ଶପଥପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦେବୀ ପ୍ରସାଦ ପଣ୍ଡା, ପରିବେଶପ୍ରେମୀ ଅମିତ କୁମାର ସାହୁ, ସାମାଜିକ କର୍ମୀ ପ୍ରତୀକ ମିଶ୍ର, ଦୀପନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ବିଶ୍ୱ ହସ୍ତୀ ଦିବସରେ 'ଅସ୍ତିତ୍ୱ'ର କର୍ମକର୍ତ୍ତାମାନେ ହାତୀ ସୁରକ୍ଷା ପାଇଁ ଶପଥପାଠ କରୁଛନ୍ତି ।

### ପୂର୍ବତନ ସମିତି ସଭ୍ୟ, ସରପଞ୍ଚଙ୍କ ପରଲୋକ

**ବଡ଼ମ୍ବା, ୧୨।୮(ମାୟାଧର ମଲ୍ଲିକ):** ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନାରାୟଣ ଚନ୍ଦ୍ର ଷଡ଼ଙ୍ଗୀ (୮୭) ଓ ସରପଞ୍ଚ ସୁଷମା ବେହେରା (୭୭)ଙ୍କ ପରଲୋକ ଘଟିଛି । ଉଭୟେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଉକ୍ତ ଖବର ପ୍ରଚାର ହେବା ପରେ ବହୁ ଶୁଭେଚ୍ଛୁ ଙ୍କ ସମେତ ଆଖ ପାଖ ଅଞ୍ଚଳର ବ୍ୟକ୍ତି ବିଶେଷ ଗ୍ରାମରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ମଙ୍ଗଳବାର ସକାଳେ ନିଜ ନିଜ ଗ୍ରାମରେ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନାରାୟଣଙ୍କ ଘର ଶଙ୍ଖାମେରୀ ଗ୍ରାମରେ ହୋଇଥିବା ବେଳେ ସେ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସୁଷମା କନ୍ତପଡ଼ା ଗ୍ରାମର ନିବାସୀ ହୋଇଥିବା ବେଳେ ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଶଙ୍ଖାମେରୀ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

### ରୌପ୍ୟ ଜୟନ୍ତୀ ଅବସରରେ ପଶ୍ଚିମ ବାଙ୍କୀସ୍ତରୀୟ ସାଂସ୍କୃତିକ ସମ୍ମିଳନୀ

**ବାଙ୍କୀ,୧୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ମହୋତ୍ସବର ରୌପ୍ୟ ଜୟନ୍ତୀ ଅବସରରେ ପଶ୍ଚିମ ବାଙ୍କୀ କଳାପଥର-ଧଳାପଥର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଏକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁପ୍ତ ଓ ଲୁପ୍ତ ପ୍ରତିଭାର ଅନ୍ୱେଷଣ ଉଦ୍ଦେଶ୍ୟରେ ପଶ୍ଚିମ ବାଙ୍କୀ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ କୁମାର ମହାନ୍ତି, ଅନ୍ୟତମ ବକ୍ତା ଭାବେ ଜିଲାପରିଷଦ ସଦସ୍ୟା ରଶ୍ମିତା ସାହୁ, ସମ୍ମାନିତ ଅତିଥି ଭାବେ ଉପସଭାପତି ଅନନ୍ତ ଚରଣ ଦାସ, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ଉପସଭାପତି ସୁରଞ୍ଜନ ପଣ୍ଡା, କଳାପଥର ସରପଞ୍ଚ କମଳା ସ୍ୱାଇଁ ଯୋଗଦେଇ ବାଙ୍କୀର ଐତିହ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବସନ୍ତ କୁମାର ନାୟକ, ରମାକାନ୍ତ ଭଞ୍ଜ, ସୂର୍ଯ୍ୟପ୍ରକାଶ ସ୍ୱାଇଁ, ଦିଲ୍ଲୀପ କୁମାର ପରିଡା, ପ୍ରଭାକର ଦାସ ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବ ସଂଯୋଜକ ବଳଭଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନୀଳକଣ୍ଠ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ: ସରକାରୀ କାର୍ଯ୍ୟ ଠପ୍

**ଆଠଗଡ଼,୧୨।୮(ସତ୍ୟ ପ୍ରସାଦ ରଥ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୧ରେ ସୋମବାର ଠାରୁ ରାଜସ୍ୱ ଅମଲାମାନେ ସମୁହ ଛୁଟି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଠଗଡ ଉପଖଣ୍ଡର ସମସ୍ତ ରାଜସ୍ୱ ଅମଲାମାନେ ସୋମବାରରୁ ସାମୂହିକ ଛୁଟି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ସମସ୍ତ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି। ବିଶେଷକରି ଉପଜିଲପାଳ ଓ ସମସ୍ତ ତହସିଲରେ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଏଥିସହିତ ବ୍ଲକ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯାଳୟରେ ମଧ ବିଭିନ୍ନ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସଂଘର ଆଠଗଡ ଉପଖଣ୍ଡ ଶାଖା ସଭାପତି ଅନୁଜ କୁମାର ବେହେରା, ସମ୍ପାଦକ ଦିନେଶ କୁମାର ବେହେରା, କୋଷାଧ୍ୟକ୍ଷ ସରୋଜ କୁମାର ମହାନ୍ତି, ଶ୍ରୀନିବାସ ଧଳସାମନ୍ତ, ସୂର୍ଯ୍ୟମଣି ସାହୁ, ବିଜୟଲକ୍ଷ୍ମୀ ମଲ୍ଲିକ, ନିରଞ୍ଜନ ବେହେରା ଓ ଜ୍ୟୋତିରଞ୍ଜନ ପରିଡାଙ୍କ ନେତୃତ୍ୱରେ ଆଠଗଡ ଓ ଟିଗିରିଆ ବ୍ଲକରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା କାର୍ଯ୍ୟରତ ଆନ୍ଦୋଳନ କରିବା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ, ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, ଶ୍ରୀ ବିରାଜ ଛୋଟରାୟ, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି, ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / ବକେୟା ରାଶି: ଟ.୧୧,୦୯,୧୯୧.୦୨ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ବିରାଜ ଛୋଟରାୟ, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ପୂର୍ବରୁ

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍:
https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

DSPL-203

Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

**ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ନାବାଳିକା ବଳାତ୍କାର ମାମଲାରେ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଦିଲୀପ ଭୋଇ। କୋର୍ଟ ଚାଲାଣ ପରେ ଦିଲୀପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୧୦ଦିନ ତଳେ କେହି ନ ଥିବା ସୁଯୋଗ ନେଇ ଦିଲୀପ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ମା'ଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଜଣ୍ଡିସ୍ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଲେ ବିଏମ୍‌ସି କମିଶନର



ବିଏମ୍‌ସି କମିଶନର ଜଣ୍ଡିସ୍ ପ୍ରଭାବିତ ଅଞ୍ଚଳ ବୁଲି ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୧୨।୮ (ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଚଞ୍ଚଳ ରାଣା ମଙ୍ଗଳବାର ଜଣ୍ଡିସ୍ ପ୍ରଭାବିତ ୫୬ ନମ୍ବର ୱାର୍ଡ ପରିଦର୍ଶନ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହ କେତେଜଣ ଆକ୍ରାନ୍ତଙ୍କୁ ଭେଟି କମିଶନର ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏଥିସହ ଜଣ୍ଡିସ୍ ବ୍ୟାପିବାର କାରଣ ସମ୍ପର୍କରେ କମିଶନର ପଚାରି ବୁଝିଥିଲେ। ବାହାରେ ଖାଦ୍ୟ ଖାଇ ଏପରି ହୋଇଥିବା ସେମାନେ କହିଥିଲେ। ସମ୍ପୃକ୍ତ ଅଞ୍ଚଳରେ ଜଳ ବଶୋଧନ କରାଯିବା ସହ ଖାଦ୍ୟ ଯାଞ୍ଚ କରାଯାଉଛି। କୌଣସି ଆକ୍ରାନ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ନାହିଁ ଏବଂ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି। ମହିଁଷାଖାଲ ରାଜୀବ ଆବାସ ଆପାର୍ଟମେଣ୍ଟର କିଛି ବ୍ଲକରେ ୧୦ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ତେବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ନିୟନ୍ତ୍ରଣାଧୀନ ରହିବା ସହ ଏବେ ସେମାନେ ଘରେ ରହି ଚିକିତ୍ସିତ ହେଉଛନ୍ତି। ପ୍ରାଥମିକତା ଭିତ୍ତିରେ ସମ୍ପୃକ୍ତ ଅଞ୍ଚଳରେ ଏହି ସମସ୍ୟାର ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। କମିଶନର ରାଣା ବିଜେବି ନଗରସ୍ଥିତ ମହିଁଷାଖାଲ ଅଞ୍ଚଳରେ ଜଣ୍ଡିସ୍ ବ୍ୟାପିଥିବା ଖବର ପାଇ ସ୍ଥାନୀୟ କର୍ପୋରେଟର କେ. ଶାନ୍ତି, ନଗର ସ୍ୱାସ୍ଥ୍ୟ ଅଧିକାରୀ ଦୀପକ କୁମାର ବିଶୋଇ, ଜୋନାଲ କମିଶନର ସୁଶ୍ରୀ ରଶ୍ମିରେଖା ଅମାତଙ୍କ ସହ ବରିଷ୍ଠ ଅଧିକାରୀଙ୍କୁ ନେଇ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଥିଲେ।




ଏକାମ୍ର ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ବିଧାୟକ ବାବୁ ସିଂଙ୍କ ନେତୃତ୍ୱରେ ଆୟୋଜିତ 'ହର୍ ଘର ତ୍ରିରଙ୍ଗା' ଶୋଭାଯାତ୍ରା।(ଫଟୋ: ମନୋରଞ୍ଜନ ମିଶ୍ର)

# ୪ ଦିନ ବିତିଲା, ଥାର୍ ଚାଳକଙ୍କ ପତ୍ତା ପାଉନି ପୋଲିସ

## ପାତ୍ରପଡ଼ା ହିଟ୍ ଆଣ୍ଡ ରନ୍ ମାମଲା

### ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ: ଆର୍‌ଟିଓ



**ଭୁବନେଶ୍ୱର,୧୨।୮ (ସତ୍ୟଜିତ୍ ରାଉତ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡ଼ା ପେଟ୍ରୋଲ ପମ୍ପ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ହିଟ୍ ଆଣ୍ଡ୍ ରନ୍ ଘଟଣାରେ ମା' ରେବତୀ ନାୟକ ଓ ଝିଅ ରେଶ୍ମାଙ୍କ ଜୀବନ ନେଇଥିବା ଥାର୍ ଚାଳକଙ୍କୁ ପୋଲିସ ଗିରଫ କରିପାରିନାହିଁ। ଘଟଣାକୁ ୪ ଦିନ ବିତିଯାଇଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ମୃତାହତଙ୍କ ପରିବାର ଓ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅସନ୍ତୋଷ ଲାଗିରହିଛି। ଥାର୍ ଚାଳକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ କୁସୁମାଟି ଅଞ୍ଚଳର ହାଡ଼ିବନ୍ଧୁ ବେହେରାଙ୍କ ପୁଅ ସୋମନାଥ ବେହେରା। ବାପ ଓ ପୁଅ ଫେରାର ଥିବାବେଳେ ପୋଲିସ ସେମାନଙ୍କୁ ଧରିବାକୁ ପ୍ରୟାସ ଚଳାଇଛି। ସୋମବାର ପାତ୍ରପଡା ଏନ୍‌ଏଚ୍ ଅବରୋଧ ବେଳେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଡିସିପି ଜଗମୋହନ ମୀନା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ଅଭିଯୁକ୍ତ ଧରା ନ ପଡ଼ିବାକୁ ନେଇ ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ବେପରୁଆ ଭାବେ ବିପଦପୂର୍ଣ୍ଣ ଗାଡ଼ିଚାଳନା ପାଇଁ ଅଭିଯୁକ୍ତ ଥାର୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ପରିବହନ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ-୨ ଅଧିକାରୀ ସନତ କୁମାର ଜେନା ମଙ୍ଗଳବାର ଗଣମାଧ୍ୟମ ଜରିଆରେ କହିଛନ୍ତି, ନିୟମ ଅନୁଯାୟୀ ମୃତକଙ୍କ କ୍ଷତିପୂରଣ ପାଇଁ ବ୍ୟବସ୍ଥା କରାଯାଉଛି। ଅଭିଯୁକ୍ତ ଚାଳକଙ୍କ ଲାଇସେନ୍ସ ବାତିଲ କରିବୁ ବୋଲି ଜେନା କହିଛନ୍ତି। ସୂଚନାଯୋଗ୍ୟ, ରେବତୀଙ୍କ ଭାଇ ପଟିଆ ଅଞ୍ଚଳରେ ଚାକିରି କରନ୍ତି। ଶନିବାର ସକାଳେ ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କ ସହ ଯାଇଥିଲେ। ସେମାନେ ଏକ ବସ୍ ଯୋଗେ ଆସି ପାତ୍ରପଡ଼ାରେ ଓହ୍ଲାଇ ସନ୍ଧ୍ୟାରେ ଘର ଫୁଲେଶ୍ୱରୀ ବସ୍ତିକୁ ଯିବା ପାଇଁ ରାଜପଥ ପାର ହେଉଥିବାବେଳେ ଅନ୍ୟ ଏକ ଗାଡ଼ି ସହ ଗୋଡ଼ାଗୋଡ଼ି ହୋଇ ଦ୍ରୁତ ଗତିରେ ଯାଉଥିବା ଥାର୍ ଗାଡ଼ିଟି ସେମାନଙ୍କୁ ଧକ୍କାଦେଇ ପଳାଇଥିଲା। ରବିବାର ଖଣ୍ଡଗିରି ଥାନା ପୋଲିସ ଉକ୍ତ ଗାଡ଼ିକୁ ଜଟଣୀରୁ ଜବତ କରିଥିଲା।

# ହସମଜାରୁ ବଡ଼ ରୂପ ନିଏ ର୍‍ୟାଗିଂ

## ଓୟୁଟିଆର୍‌ରେ 'ଆଣ୍ଟି ର୍‍ୟାଗିଂ ଦିବସ' ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଭୁବନେଶ୍ୱର,୧୨।୮ (ଅନୁରାଧା ମହାରଣା)**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ମଙ୍ଗଳବାର 'ଆଣ୍ଟି ର୍‍ୟାଗିଂ ଦିବସ' ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦ୍ୱାରା ନବାଗତ ଛାତ୍ରୀଛାତ୍ରଙ୍କ ସୁରକ୍ଷିତ, ସମ୍ମାନପୂର୍ଣ୍ଣ ଓ ସହାନୁଭୂତିଶୀଳ ପରିବେଶ ପ୍ରଦାନ କରିବାର ଉଦ୍ଦେଶ୍ୟ ଥିଲା। ର୍‍ୟାଗିଂ ହେଉଛି ସିନିୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୂଆ ଛାତ୍ରଙ୍କୁ ହସମଜା କିମ୍ବା 'ପରିଚୟ' ନାମରେ କରାଯାଇଥିବା ଅନୁଚିତ, ଅପମାନଜନକ କିମ୍ବା ଅତ୍ୟାଚାରମୂଳକ ବ୍ୟବହାର। କେବେ କେବେ ଏହା ହାସ୍ୟ-ମଜାରୁ ଆରମ୍ଭ ହୋଇ ଶାରୀରିକ, ମାନସିକ ଏବଂ ଭାବନାତ୍ମକ ହାନିର ରୂପ ନେଇଥାଏ। ର୍‍ୟାଗିଂ ସାଧାରଣତଃ ମଜା କରିବା ଉଦ୍ଦେଶ୍ୟରେ କରି କେତେବେଳେ ବଡ଼ ରୂପ ନେଇଯାଏ ତାହା ଜଣାପଡ଼େନାହିଁ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ର୍‍ୟାଗିଂ ବିରୋଧରେ ନିଆଯାଉଥିବା ଦୃଢ଼ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଡିନ୍ (ପିଜିଏସ୍‌ଆର୍) ଡ. ଅରୁଣା ତ୍ରିପାଠୀ, ପିଆଇସି ଆଲୁମିନି ମୀରା ବିଶ୍ୱବନ୍ଧ୍ୟା, ଜିଏସ୍‌ଡବ୍ଲ୍ୟୁ ଡ. ଜିବିତେଶ ମିଶ୍ର ଏବଂ ପ୍ରଫେସର ଅଶ୍ୱିନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ସଂଯୋଜକ ଡ. ଦୀପକ ରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ମୁଖ୍ୟାଙ୍କନ କାର୍ଯ୍ୟକ୍ରମରେ ଅଧ୍ୟାପକମାନେ ର୍‍ୟାଗିଂ ବିରୋଧୀ କାନୁନ, ନିୟମ ଓ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ।

# ଅଙ୍ଗଦାନ ପାଇଁ ସଚେତନତା ବାର୍ତ୍ତା ବାଣ୍ଟିଲା ହାଇଟେକ୍




ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ଆୟୋଜିତ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ।

**ଭୁବନେଶ୍ୱର,୧୨।୮ (ଅନୁରାଧା ମହାରଣା)**

ହାଇଟେକ୍ ମେଡିକାଲ କଲେଜର ଶତାଧିକ ଛାତ୍ରୀଛାତ୍ର ଅଙ୍ଗଦାନ ପାଇଁ ସଚେତନତା ବାର୍ତ୍ତା ବାଣ୍ଟିଛନ୍ତି। ଏଥିରେ ହାଇଟେକ୍ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫାର୍ମାସି କଲେଜ, ଫିଜିଓଥେରାପି କଲେଜ ସହିତ ହାଇଟେକ୍ ଗ୍ରୁପ୍‌ର ଶତାଧିକ ବିଦ୍ୟାର୍ଥୀ ସାମିଲ ହୋଇ ଅଙ୍ଗଦାନ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ପଥଚାରୀଙ୍କୁ ସଚେତନ କରିବା ସହ ସ୍ଥାନେ ସ୍ଥାନେ ପଥପ୍ରାନ୍ତ ନାଟକ ଦ୍ୱାରା ଜନସଚେତନତା ସୃଷ୍ଟି କରିଥିଲେ। ଜଣେ ବ୍ୟକ୍ତି ମୃତ୍ୟୁ ପରେ ଶରୀରର ୮ଟି ଅଙ୍ଗ ଦାନ କରିପାରିବେ ଏବଂ ଏହାଦ୍ୱାରା ଅନ୍ୟ ରୋଗୀଙ୍କ ଜୀବନ ବଞ୍ଚିପାରିବ ବୋଲି ଅତିଥିମାନେ ବୁଝାଇଥିଲେ। ଏହି ମାରାଥନରେ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ମନସ୍ତତ୍ତ୍ୱବିତ୍ ଅମ୍ରିତ୍ ପାଟ୍ଟଯୋଷୀ, ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଶୀତଲ, ଜାତିସଂଘ ଯୁବଗୋଷ୍ଠୀର ପରମାଣୁ ନିରସ୍ତ୍ରୀକରଣ ସଦସ୍ୟ ମୋକ୍ଷା ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଅନିଲ ପାଣିଗ୍ରାହୀ, ସଂଯୋଜକ ଅଖିଳ ପାଣିଗ୍ରାହୀ, ଦକ୍ଷା ପାଣିଗ୍ରାହୀ, ଅନୁରାଧା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧରାପଡ଼ିଲେ ୪ ବ୍ରାଉନସୁଗାର ବେପାରୀ

**ଭୁବନେଶ୍ୱର,୧୨।୮ (ସତ୍ୟଜିତ୍ ରାଉତ)**

ବ୍ରାଉନସୁଗାର ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ବେଳେ ଖଣ୍ଡଗିରି ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରାର ଏମ୍‌ଡି ଦାୱେଦ ଓରଫ ଲାଡେନ୍ (୩୦), ସେକ୍ ଅଜୁ (୧୯), ଯଦୁପୁରର ସେକ୍ ରାଜୁ (୨୫) ଓ ଇନ୍‌ଫୋସିଟି ଅଞ୍ଚଳର ମନିରୁଲ ମଲ୍ଲିଦା ଓରଫ ମଣି (୨୮)। ଅଭିଯୁକ୍ତଙ୍କଠାରୁ ୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ସୋମବାର ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଖଣ୍ଡୁଆଳ ମନ୍ଦିର ନିକଟରେ ଅଭିଯୁକ୍ତମାନେ ବ୍ରାଉନସୁଗାର ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ବେଳେ ପୋଲିସ ଚଢ଼ାଉ କରି ଧରିଥିଲା। ଏ ନେଇ ଏକ ମାମଲା (ନଂ. ୫୫୮/୨୦୨୫) ରୁଜୁ ହୋଇଛି।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ




**ବାରଙ୍ଗ, ୧୨।୮ (ଲିଙ୍ଗରାଜ ରାଉତ)**

ବାରଙ୍ଗ ବ୍ଲକର ୩୨ନଂ ଜୋନ ଭାଜପା କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଜିଲା ପରିଷଦ ସଭ୍ୟ ତୃଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ସାଂସଦ ପ୍ରତିନିଧି ଭୂପତି ପାଣି, ଭାଜପା ମଣ୍ଡଳ ସଭାପତି ସୁନିଲ ସ୍ୱାଇଁ, ସମିତି ସଭ୍ୟ କିଶନ କୁମାର ଜେନା, ସମିତିସଭ୍ୟ ଦିପକ ସ୍ୱାଇଁ, ପ୍ରମୋଦ ବିଷୋୟୀ, ପ୍ରତିନା ଦାସ, ଅଶିନୀ ସାହୁ, ପ୍ରତାପ ଚନ୍ଦ୍ର ମଣ୍ଡଳଙ୍କ ସମେତ ବହୁ ଭାଜପା କର୍ମୀ ଏଥିରେ ସାମିଲ ହୋଇଥିଲେ। ସମସ୍ତ କର୍ମୀ ବାରଙ୍ଗ ବ୍ଲକ ଛକଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗାଁ ଓ ଛକଗୁଡ଼ିକ ପରିକ୍ରମା କରିଥିଲେ।

# 'ପଦ୍ମଶ୍ରୀ ରଙ୍ଗନାଥନ ପାଠାଗାର ବିଜ୍ଞାନକୁ ଋଦ୍ଧିମନ୍ତ କରିଥିଲେ'




ଏସ୍.ଆର୍. ରଙ୍ଗନାଥନଙ୍କ ଜୟନ୍ତୀ ଉତ୍ସବରେ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୨।୮ (ବନ୍ଦନା ସେଠୀ)**

ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ମଙ୍ଗଳବାର ପାଠାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଏସ୍.ଆର୍. ରଙ୍ଗନାଥନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ ଗ୍ରନ୍ଥାଗାରର ବିଶେଷ କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଅଧକ୍ଷତା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର ଓ ସୂଚନା ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ପୁଷ୍ପାଞ୍ଜଳି ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଯୁବ ପାଠାଗାର ଓ ସୂଚନା ବିଜ୍ଞାନୀମାନଙ୍କୁ ନିଜ କର୍ତ୍ତବ୍ୟକୁ ଭଲପାଇବା ଓ ପାଠିକା ପାଠକଙ୍କୁ ଠିକ୍ ସେବା ଯୋଗାଇଦେବାକୁ ଆହ୍ୱାନ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର ଓ ସୂଚନା ବିଜ୍ଞାନର ପୂର୍ବତନ ମୁଖ୍ୟ ପ୍ରଫେସର ବାମନ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ପଦ୍ମଶ୍ରୀ ରଙ୍ଗନାଥନ ପାଠାଗାର ବିଜ୍ଞାନକୁ ଋଦ୍ଧିମନ୍ତ କରିଥିବା କହିଥିଲେ। ପାଠାଗାର ବିଜ୍ଞାନକୁ ସେ ଦେଇଥିବା ୫ଟି ମୌଳିକ ନିୟମ, ସେ ରଚନା କରିଥିବା କୋଲନ କ୍ଲାସିଫିକେଶନ ଓ କ୍ୟାଟଲୋଗ୍ କୋଡ୍ ପୁସ୍ତକଗୁଡ଼ିକ ଇଣ୍ଟରନେଟ ଯୁଗରେ ମଧ୍ୟ ମହତ୍ତ୍ୱ ବଜାୟ ରଖିଛି ବୋଲି ସେ କହିଥିଲେ। ଭାରତରେ ସର୍ବସାଧାରଣ ପାଠାଗାର ଆଇନ ପ୍ରଣୟନ ନିମନ୍ତେ ତାଙ୍କର ଅବଦାନ ରହିଛି। ଏହିସବୁ ଅବଦାନ ଯୋଗୁ ତାଙ୍କର ଜନ୍ମ ଦିବସକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ରୂପେ ପାଳନ କରାଯାଉଛି ବୋଲି ପ୍ରଫେସର ପରିଡ଼ା ମତ ରଖିଥିଲେ।

# ରାଜସ୍ୱ ଅମଲା ସଂଘର ଧାରଣା

**ବାଲକାଟୀ, ୧୨।୮(ମନୋଜ ମଣ୍ଡଳ)**

ଓଡ଼ିଶା ରାଜସ୍ୱ ଅମଲା ସଂଘ, ଖୋର୍ଦ୍ଧା ଜିଲା ଶାଖା ଡାକରାରେ ବାଲିଅନ୍ତା ତହସିଲରେ କାର୍ଯ୍ୟରତ ଅମଲାମାନେ ଦଶ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ଏହି ଧାରଣା ଏବେ ଦ୍ୱିତୀୟ ଦିନରେ ପହଞ୍ଚିଛି, ଯାହାଫଳରେ ତହସିଲ କାର୍ଯ୍ୟ ଏକ ରକମ ଠପ୍ ହେଇଯାଇଛି। ବିଭିନ୍ନ କାମ ନେଇ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସପି ନିୟମ ଅନୁଯାୟୀ ଲେଭଲ ୯କୁ ବୃଦ୍ଧି, ଜିଲାପାଳଙ୍କ ସୁପାରିସ ଆଧାରରେ କ୍ୟାଡର ପୁନର୍ଗଠନ ତଥା ଓଆରଏସ ପଦୋନ୍ନତିରେ ଜିଲାସ୍ତରୀୟ ରାଜସ୍ୱ ଅମଲାଙ୍କୁ ଉପେକ୍ଷା ଆଦି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଖୋର୍ଦ୍ଧା ଜିଲା ରାଜସ୍ୱ ଅମଲା ସଙ୍ଘ ସମ୍ପାଦକ ଅରୁଣ କୁମାର ମୁଦୁଲି ସୂଚନା ଦେଇଛନ୍ତି।

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨ +** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍:
https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

DSPL-203

Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

# ଭୋଟର ତାଲିକା ଜାଲିଆତି କରି ଶାସନ ଚାଲିଛି

**ଭୋଟ ଚୋରିକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ**

ପୁରୀ,୧୨।୮ (ଅଜିତ୍ କୁମାର ମହାନ୍ତି)




ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରଦେଶ କଂଗ୍ରେସ ମୁଖପାତ୍ର ସୋନାଲି ସାହୁଙ୍କ ସମେତ ଅନ୍ୟ ନେତାମାନେ ।

ପୁରୀ ଜିଲା କଂଗ୍ରେସ ଭବନ ଠାରେ ପୁରୀ ନଗର ସଭାପତି ଅମରେନ୍ଦ୍ର ପାଇକରାୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରଦେଶ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ, ଉମା ଆଚାର୍ଯ୍ୟ, ପୁଷ୍କର ମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, କାଳୀପ୍ରସାଦ ନାୟକ, ବ୍ରହ୍ମଗିରି ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ। ମୋଦି ସରକାର ଭୋଟର ତାଲିକାରେ ଜାଲିଆତି କରି ଶାସନ ଚଲେଇଥିବାର ରାହୁଲ ଗାନ୍ଧୀ ପର୍ଦ୍ଦାଫାଶ କରିଛନ୍ତି। ପୁରୀ ସହର ପେଣ୍ଠକଟାରେ ତେଲୁଗୁ ସମ୍ପ୍ରଦାୟର ୨୫ ହଜାରରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି, କିନ୍ତୁ ଭୋଟ ବେଳେ ଆନ୍ଧ୍ରପ୍ରଦେଶ ଭୋଟର ପୁରୀରେ ଆସି ଭୋଟ ଦେଉଛନ୍ତି। ପୁରୀ ଭୋଟର ଆସି ଆନ୍ଧ୍ରରେ ଭୋଟ ଦେଉଛନ୍ତି। ଏହିଭଳି ଭୋଟର ତାଲିକା ଜାଲିଆତି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଶୁପାଳ ରାଜନୀତି କରିବା ଛାଡ଼ନ୍ତୁ ବୋଲି ନଗର ସଭାପତି ଅମରେନ୍ଦ୍ର ପାଇକରାୟ କହିଛନ୍ତି। ୨୦୧୪ରେ କେନ୍ଦ୍ରରେ ଭାଜପା ଶାସନକୁ ଆସିବା ପରଠାରୁ ଅନୁଷ୍ଠିତ ବିଭିନ୍ନ ନିର୍ବାଚନର ଫଳାଫଳ ଅତ୍ୟନ୍ତ ଅପ୍ରତ୍ୟାଶିତ ହେଉଥିବାରୁ ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ହେରଫେର୍ ହେଉଥିବା ଆଶଙ୍କା ପ୍ରକାଶ ପାଉଥିଲା। ଦେଢ଼ମାସ ତଳେ ରାହୁଲ ଗାନ୍ଧୀ ନିର୍ବାଚନ ଆୟୋଗ ମହାରାଷ୍ଟ୍ର କିପରି କୋଟିଏ ଭୋଟରଙ୍କୁ ୫ ମାସରେ ଯୋଡ଼ି ବିଧାନସଭା ନିର୍ବାଚନ ବିଜେପି ଜିତିବା ମାର୍ଗ ପ୍ରଶସ୍ତ କରିଥିଲା, ତା'ର ବିସ୍ତୃତ ବିବରଣୀ ଦେଇଥିଲେ। ବିଭିନ୍ନ ରାଜ୍ୟର ନିର୍ବାଚନରେ ନକଲି ଭୋଟ, ଜଣେ ଭୋଟର୍‌ଙ୍କ ନାମରେ ଏକାଧିକ ଭୋଟ ଭଳି ଏକାଧିକ ବେଆଇନ କାମ ହୋଇଛି। ଏଭଳି ଷଡ଼ଯନ୍ତ୍ରରେ ନିର୍ବାଚନ କମିଶନର ଭୂମିକା ସିଧାସଳଖ ସନ୍ଦେହଘେରରେ ରହିଛି। ଗଣତନ୍ତ୍ର ଏବେ ସାରା ଦେଶରେ ବିପଦରେ ପଡ଼ିଛି। ଏହାକୁ କେବଳ ଗୋଟିଏ ଦଳ ନୁହେଁ ସାଧାରଣ ଭୋଟର ମଧ୍ୟ ଗମ୍ଭୀରତାର ସହ ଗ୍ରହଣ କରିବା ଉଚିତ। ରାଜ୍ୟରେ ୪୨ ଲକ୍ଷ ଭୋଟ ଚୋରି ନେଇ ଏଆଇସିସି ନିର୍ଦ୍ଦେଶକ୍ରମେ ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସ ତାର ପରବର୍ତ୍ତୀ ନିଷ୍ପତ୍ତି ନେବ ବୋଲି ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବିଭିନ୍ନ ବିଦ୍ୟାଳୟର ତ୍ରିରଙ୍ଗା ଶୋଭାଯାତ୍ରା

କଣାସ,୧୨।୮ (ବିଭୂତି ଭୂଷଣ ତ୍ରିପାଠୀ)

ଆଜାଦ କା ଅମୃତ ମହୋତ୍ସବ ଅବସରରେ ସାରା ଦେଶରେ ପାଳିତ ହେଉଥିବା ହର୍ ଘର୍ ତ୍ରିରଙ୍ଗା ଉତ୍ସବ ପାଳନର ଦ୍ୱିତୀୟ ପର୍ଯ୍ୟାୟର ଶେଷ ଦିବସରେ ମଙ୍ଗଳବାର କଣାସ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ଶୋଭାଯାତ୍ରା କରିଥିଲେ। ସ୍ୱାଧୀନତାର ଗୌରବ ଉଜ୍ଜୀବିତ ରଖିବା ସହ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତାକୁ ଅନୁଭବ ଲକ୍ଷ୍ୟରେ ଗତ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ କଣାସ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିଭ୍ରମଣ କରିଥିଲେ। ପୂର୍ବରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତ୍ରିରଙ୍ଗା ପତାକାକୁ ନେଇ ରାକ୍ଷୀ ପ୍ରସ୍ତୁତି, ଚିତ୍ରାଙ୍କନ ଓ କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ସଂଯୋଜନା କରିଥିଲେ।

### ସଂସ୍କୃତ ଭାଷା ହେଉଛି ଭାରତର ଆତ୍ମା

ଚାରିଛକ,୧୨।୮ (ଶିଶିର କୁମାର ସ୍ୱାଇଁ)

ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ବିଭାଗ ଆନୁକୂଲ୍ୟରେ 'ସଂସ୍କୃତ ସପ୍ତାହ' ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ମିତ୍ରା ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଂସ୍କୃତ ଭାଷା ଭାରତର ଆତ୍ମା ବୋଲି କହିଛନ୍ତି। ସଂସ୍କୃତ ଭାଷାର ପ୍ରଚାର ପ୍ରସାର ହେଲେ ସମାଜରେ ପରିବର୍ତ୍ତନ ଆସିବ। ବିଭାଗୀୟ ମୁଖ୍ୟା ଡ. ପୂର୍ଣ୍ଣିମା ମହାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ଇଂରାଜୀ ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପିକା ସଙ୍ଗୀତା ଦାଶ, ଓଡ଼ିଆ ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ, ଅଧ୍ୟାପିକା ଅନିତା ବିଶ୍ୱାଳ, ପୂଜା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂସ୍କୃତ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ ଧନ୍ୟବାଦ ଦେଇଥିଲେ।

### ବିଶ୍ୱ ସଂସ୍କୃତ ଦିବସ ପାଳିତ

ପୁରୀ,୧୨।୮ (ଅଜିତ୍ କୁମାର ମହାନ୍ତି)

ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ମଙ୍ଗଳବାର ବିଶ୍ୱ ସଂସ୍କୃତ ଦିବସ ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ଜିଲା ସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ରାମଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ରାକ୍ତନ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ବିଷ୍ଣୁପ୍ରସାଦ ଶତପଥୀ, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତ ସଂଗୀତ ଗାନ ତଥା ବିଦ୍ୟାଳୟର ଛାତ୍ରୀ ପ୍ରୀତିପର୍ଣ୍ଣା ତ୍ରିପାଠୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ଗଣେଶ ବନ୍ଦନା କରାଯାଇଥିଲା।

# ଜାତୀୟ କୃମିନାଶ ଦିବସ ଉଦ୍‌ଘାଟିତ

ପୁରୀ,୧୨।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲରେ ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ କାର୍ଯ୍ୟକ୍ରମକୁ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ଶତପଥୀ ଶୁଭାରମ୍ଭ କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୧ରୁ ୧୯ ବର୍ଷର ସମସ୍ତ ପିଲା ଓ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନର କାର୍ଯ୍ୟକ୍ରମ ରହିଛି। ବିଶେଷ କରି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୨୨୦୫ଟି ଶିକ୍ଷାନୁଷ୍ଠାନର ୨ଲକ୍ଷ ୧ହଜାର ୩୪୮ ଛାତ୍ରୀ ଛାତ୍ର ଏବଂ ୨୫୪ଟି ବେସରକାରୀ ଶିକ୍ଷାନୁଷ୍ଠାନର ୫୬,୫୬୩ ଛାତ୍ରୀଛାତ୍ର ଓ ୨୫୬୬ଟି ଅଙ୍ଗନୱାଡି କେନ୍ଦ୍ରର ୮୮,୬୬୮ ପିଲାଙ୍କୁ ଓ ଜିଲାର ୬୨,୨୬୦ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନ କରାଯିବ। ଜିଲାର ସମସ୍ତ ବିଦ୍ୟାଳୟରେ ଜାତୀୟ କୃମିନାଶ ଦିବସ ପାଳିତ ହୋଇଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କୁ କୃମିନାଶ ଆଲବେଣ୍ଡାଜୋଲ (କୃମିନାଶ) ବଟିକା ତଥା ସିରପ୍ ପ୍ରଦାନ କରାଯାଇଛି। ଯେଉଁମାନେ ଅଗଷ୍ଟ ୧୨ରେ କୃମିନାଶ ବଟିକା ସେବନ କରି ନ ଥିବେ ବା ଅସୁସ୍ଥ ଥିବେ ସେମାନେ ଆସନ୍ତା ୧୯ ତାରିଖରେ ସେବନ କରିପାରିବେ। ଏଥିରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିଭାଗ, ଜିଲା ମଙ୍ଗଳ ଉନ୍ନୟନ ବିଭାଗ, ପୁରୀ ଜିଲା ପ୍ରଶାସନର ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ତ୍ରିପାଠୀ, ବାଲ୍ୟବତୀ ମହାନ୍ତି, ସନ୍ତୋଷ କୁମାର ସେଠୀ, ଅଶୋକ କୁମାର ସାହୁ, ସନ୍ଦୀପ ଚରଣ ଓଝା, ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାଶ ସଭା କାର୍ଯ୍ୟକୁ ପରିଚାଳନା କରିଥିବାବେଳେ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଭାର୍ଗବୀ ନଦୀ ବ୍ରିଜ୍ ପରିଦର୍ଶନ

ବଳଙ୍ଗା,୧୨।୮ (କେଦାରେଶ୍ୱର ନନ୍ଦ)



ଭାର୍ଗବୀ ନଦୀ ବ୍ରିଜ୍‌ର ସ୍ଥିତି ସମୀକ୍ଷା କରୁଛନ୍ତି ।

ପିପିଲି-ନିମାପଡା ପୂର୍ତ୍ତ ସଡ଼କ ମଧ୍ୟରେ ଥିବା ହରିପୁର ଭାର୍ଗବୀ ନଦୀ ଉପରେ ବହୁ ପୁରାତନ ବ୍ରିଜ୍‌ର ଉଭୟ ପାର୍ଶ୍ୱ ପଥର ପ୍ୟାକିଂ ହେବ ବୋଲି ମଙ୍ଗଳବାର ପୂର୍ବାହ୍ନରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ମହାନ୍ତି ପରିଦର୍ଶନରେ ଆସିଥିବା ଜଣାପଡ଼ିଛି। ହରିପୁର ବ୍ରିଜ୍ ପାର୍ଶ୍ୱ ନଦୀପଠା ବନ୍ୟା ପାଣିରେ ଧୀରେ ଧୀରେ ଭୁଶୁଡ଼ି ପଡ଼ିବା ଦୃଶ୍ୟ ଦେଖିବାକୁ ମିଳିଛି। ବ୍ରିଜ୍ ପାର୍ଶ୍ୱ ନଦୀପଠା ରକ୍ଷଣାବେକ୍ଷଣ କରା ନ ଗଲେ ଆଗାମୀ ବନ୍ୟାପାଣିରେ ନଦୀପଠା ନଦୀ ଗର୍ଭରେ ଲୀନ ହେବା ସହିତ ହରିପୁର ଭାର୍ଗବୀ ନଦୀ ବ୍ରିଜ ସମ୍ପୂର୍ଣ୍ଣ ଭାବରେ କେଉଁ ସମୟରେ ଭୁଶୁଡ଼ି ପଡ଼ିବ, ତାହା କହି ହେଉ ନ ଥିବା ସ୍ଥାନୀୟ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ଭାର୍ଗବୀ ନଦୀର ସାଇଁଶ ଶାସନ, ବଳଙ୍ଗା ବ୍ରିଜ୍ ପାର୍ଶ୍ୱ ଏବଂ ପାର୍ବତୀପୁର ଜନସାଧାରଣଙ୍କ ଦାବି ଅନୁଯାୟୀ ମଙ୍ଗଳବାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ମହାନ୍ତି ଗସ୍ତରେ ଆସି ତାଙ୍କ ଅଧୀନରେ ଥିବା ବଳଙ୍ଗା ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ମହାନ୍ତି। ନିମାପଡ଼ା ଜଳସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଥାଲ ଗୁରୁତ୍ୱ ଭାବରେ ଦୁର୍ବଳ ସ୍ଥାନଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଜଣାଇଛନ୍ତି ବୋଲି ସୂଚନା ମିଳିଛି। ଏସବୁ ଦୁର୍ବଳ ସ୍ଥାନଗୁଡ଼ିକ ଏଷ୍ଟିମେଟ୍ କରିବା ପାଇଁ ମଧ୍ୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ କହିଛନ୍ତି। ଏଭଳି ପଦକ୍ଷେପକୁ ନେଇ ବଳଙ୍ଗା ନିମାପଡ଼ା ଅଞ୍ଚଳବାସୀ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି।

# ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୧୨।୮ (ମମତା ଜେନା)

କାକଟପୁର ବ୍ଲକ ଅଧୀନସ୍ଥ କାକଟପୁର ପଞ୍ଚାୟତରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ଅଗଷ୍ଟ ୮ରୁ ୧୫ ପର୍ଯ୍ୟନ୍ତ ଘରେ ଘରେ ତ୍ରିରଙ୍ଗା ଓ ଘରେ ଘରେ ସ୍ୱଚ୍ଛତାର ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ଏକ ରାଲିର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଙ୍ଗନୱାଡ଼ି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର ଓ ଏନ୍‌ସିସି କ୍ୟାଡେଟ୍‌ମାନେ ଏକ ଶୋଭାଯାତ୍ରାରେ ବାହାରି କାକଟପୁର ବଜାର ପରିକ୍ରମା କରିଥିଲେ। ଗ୍ରାମ ସ୍ୱଚ୍ଛ ରହିଲେ ରାଜ୍ୟ ଓ ଦେଶରେ ସ୍ୱଚ୍ଛତାର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି ବୋଲି ସ୍ଥାନୀୟ ସରପଞ୍ଚ ଅଭୟ କୁମାର ସେଠୀ କହିଛନ୍ତି। କାର୍ଯ୍ୟକ୍ରମରେ ଡିଇଓ ଲିପିକା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ, ଜଳଯୋଗାଣ ବିଭାଗ ଅଧିକାରୀଙ୍କ ସମେତ ଆଶାକର୍ମୀମାନେ ଯୋଗ ଦେଇଥିଲେ।

# କୃମିନାଶକ ଦିବସରେ ପ୍ରତିଷେଧକ ବଟିକା ଅଲବେଣ୍ଡାଜାଲ

ଡେଲାଙ୍ଗ,୧୨।୮ (ରଶ୍ମିରଞ୍ଜନ ପ୍ରଧାନ)

ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କୃମି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହ କୃମିନାଶକ ବଟିକା ଅଲବେଣ୍ଡାଜାଲ୍ ବିତରଣ କରାଯାଇଛି। ଡେଲାଙ୍ଗ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ସଭା ଓ କୃମିନାଶକ ବଟିକା ସେବନ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ।

ମୁଖ୍ୟଅତିଥି ଭାବେ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ମୁଖ୍ୟବକ୍ତା ଭାବେ ଡେଲାଙ୍ଗ ମଣ୍ଡଳ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ଶଜାପାନୀ ମିତ୍ର, ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ସୁବ୍ରତ ବାରିକ, ଅଙ୍ଗନୱାଡି କର୍ମୀ ସ୍ୱପ୍ନାରାଣୀ ସିଂ, ଶିକ୍ଷା କର୍ମଚାରୀ ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଶରୀର ପାଇଁ ବିଭିନ୍ନ କୃମିର ପ୍ରାଦୁର୍ଭାବ, ସଂକ୍ରମଣରୁ ରକ୍ଷା ପାଇବାର ଉପାୟ ଯଥା ଖାଲିପାଦରେ ଶୌଚାଳୟ ନ ଯିବା, ନିର୍ମଳ ଓ ସ୍ୱଚ୍ଛ ପରିବେଶରେ ଚଳାଚଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳରେ ଅଗଷ୍ଟ ୧୨ରେ ଉପସ୍ଥିତ ୧୫୨ଜଣ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଖାଇ ସାରିବା ପରେ ଅପରାହ୍ନରେ ଅତିଥିମାନେ ଆଲବେଣ୍ଡାଜଲ କୃମିବଟିକା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଆଶାକର୍ମୀ ସାବି ବେହେରା, ହାସିନା ବିବିଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସତ୍ୟଭାମା ବେହେରା, ରୋଜାଲିନ ମହାରଣା, ପଟିକେଇ ଦଳାଇ, ମାନସ ରଞ୍ଜନ ସ୍ୱାଇଁ, ଅଜୟ କୁମାର ପ୍ରଧାନ ପ୍ରମୁଖ ବଟିକାସେବନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପୁରୀ ଗସ୍ତ



ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କମିଶନର ବବିତା ପାତ୍ର ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି ।

ପୁରୀ,୧୨।୮ (ଅଜିତ୍ କୁମାର ମହାନ୍ତି)

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କମିଶନର ତଥା ଅଧ୍ୟକ୍ଷା ବବିତା ପାତ୍ରଙ୍କ ସମେତ କମିଶନର ସଦସ୍ୟା ଚନ୍ଦନା ଦାସ, କଳ୍ପନା ଲେଙ୍କା, ମନସ୍ମିତା ଖୁଣ୍ଟିଆ ଏବଂ ସୁଜାତା ନାୟକ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଅଧ୍ୟକ୍ଷା ଓ ସଦସ୍ୟାମାନେ ପୁରୀ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହଠାରେ ପହଞ୍ଚିବା ପରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ମନୋଜ କୁମାର ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାଗତ ଜଣାଇଥିଲେ। ଏହାପରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଶିଶୁ ସୁରକ୍ଷା ଯୋଜନାଗୁଡ଼ିକ ଯଥା: ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦର ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଭବିଷ୍ୟତରେ ଶିଶୁ ସୁରକ୍ଷାକୁ ଅଗ୍ରାଧିକାର ପ୍ରଦାନ ପୂର୍ବକ ସମସ୍ତ ଶିଶୁମାନଙ୍କ ଅଧିକାର ପୂରଣ ଦିଗରେ ଆୟୋଗ ନିଷ୍ଠାର ସହିତ କାର୍ଯ୍ୟ କରିବ ବୋଲି ଅଧ୍ୟକ୍ଷା କହିଥିଲେ।


DSPL-203

Government of Odisha

## ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:

୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ, ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, ଶ୍ରୀ ବିରାଜ ଛୋଟରାୟ, ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି, ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / ବକେୟା ରାଶି: ଟ.୧୧,୦୯,୧୯୧.୦୨ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ବିରାଜ ଛୋଟରାୟ, ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସୁଭଦ୍ରା ପୋର୍ଟାଲ: ୨୧ ଜୀବିତଙ୍କୁ ଦର୍ଶାଯାଇଛି ମୃତ

ସାକ୍ଷୀଗୋପାଳ,୧୨।୮(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

- ହିତାଧିକାରୀ ପ୍ରତିମା ମିଶ୍ର ଆଣିଲେ ସଙ୍ଗିନ ଅଭିଯୋଗ
- ସମସ୍ୟା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ଜଣାଇଥିଲେ

ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସୁଭଦ୍ରା ଯୋଜନାର ଏକ ବଡ଼ ବ୍ୟତିକ୍ରମ ସତ୍ୟବାଦୀ ବ୍ଲକରେ ଦେଖାଯାଇଛି। ଜଣେ ମହିଳା ହିତାଧିକାରୀ ଜୀବିତ ଥାଉ ଥାଉ ତାଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯିବା କାରଣରୁ ସେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁ ନ ଥିବା ମହିଳା ହିତାଧିକାରୀ ଅଭିଯୋଗ ଆଣିଛନ୍ତି।

ସୂଚନାଯୋଗ୍ୟ, ସତ୍ୟବାଦୀ ବ୍ଲକ ନୂଆସୋମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ପ୍ରତିମା ମିଶ୍ର ସ୍ୱାମୀ ଗଙ୍ଗାଧର ମିଶ୍ର। ୧୯୮୮ରେ ଜନ୍ମ। ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ପାଇଥିଲେ। ଦ୍ୱିତୀୟ କିସ୍ତି ସରକାର ଛାଡ଼ିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିଲା। ପରେ ଏ ସମ୍ପର୍କରେ ଜନସେବା କେନ୍ଦ୍ରରେ ବୁଝାଶୁଝା କରିଥିଲେ। ସେଠାରେ ତାଙ୍କୁ ମୃତ ଦର୍ଶାଯାଇ ଉକ୍ତ ଯୋଜନାରୁ ବାଦ୍ ଦିଆଯାଇଛି ବୋଲି ଜାଣିବାକୁ ପାଇଲେ। ଏ ସମ୍ପର୍କରେ ସେ ବ୍ଲକରେ ଥିବା ସୁଭଦ୍ରା ହେଲ୍ପଡେସ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ଅଭିଯୋଗ ପ୍ରତି କୌଣସି ପ୍ରତିକ୍ରିୟା ଏଯାଏଁ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏପଟେ ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅକ୍ଷିମୁଠି ଅନୁକୂଳ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ



ଅଭିଯୋଗ ଆଣିଥିବା ପ୍ରତିମା ମିଶ୍ର।

ସେ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଥିବା ବେଳେ ସେ ଉକ୍ତ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କହିଛନ୍ତି, ପ୍ରତିମା ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଛୁ। ଅନ୍ୟପଟେ ସୁଭଦ୍ରା ଯୋଜନାରେ ସତ୍ୟବାଦୀରେ ଖାଲି ପ୍ରତିମା ନୁହନ୍ତି ଆଉ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି। ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ଆମେ ପ୍ରତ୍ୟକ୍ଷ ଭାବେ ଯାଞ୍ଚ କରିଥିଲୁ। ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବା ବେଳେ ୧୦ ଜଣ ହିତାଧିକାରୀଙ୍କ ପ୍ରକୃତ ମୃତ୍ୟୁ ହୋଇଛି ବୋଲି ମହିଳା ଓ ଶିଶୁ ବିକାଶ ଅଧିକାରୀ ଦାଶ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଗାନ୍ଧୀମାର୍ଗରେ ଶିଶୁକନ୍ୟାଙ୍କୁ ଧରି ଦମ୍ପତିଙ୍କ ଆତ୍ମାହୁତି ଧମକ

ଭୁବନେଶ୍ୱର,୧୨।୮ ସତ୍ୟଜିତ୍ ରାଉତ)

- ବିଧାନସଭା ଆଡ଼କୁ ଅଗ୍ରସର ବେଳେ ଅଟକାଇଲା ପୋଲିସ
- କୁନିଝିଅଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ପଠାଗଲା

ଦୁରାରୋଗରେ ପୀଡ଼ିତ ୭ବର୍ଷୀୟା ଶିଶୁକନ୍ୟାଙ୍କ ଚିକିତ୍ସା ପାଇଁ ନୟାନ୍ତ ହୋଇପଡ଼ିଲେଣି ଦମ୍ପତି। କୁନିଝିଅଙ୍କୁ ଭଲ କରିବା ପାଇଁ ବହୁ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଉପାୟଶୂନ୍ୟ ହୋଇ ସବୁ ଆଶା ଭରସା ତୁଟାଇଦେଲେ ଦମ୍ପତି। ଗାଁରୁ ରାଜଧାନୀରୁ ଆସି ଆତ୍ମାହୁତି ଧମକ ଦେବାବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗାନ୍ଧୀମାର୍ଗରେ ଏଭଳି ଘଟଣା ଘଟିଛି। ଉକ୍ତ ଦମ୍ପତି ହେଲେ ବୌଦ୍ଧ ଜିଲା କୋଟଶିଙ୍ଗା ଗ୍ରାମର ତୀର୍ଥ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ରିନି। ସବୁଆଡୁ ନିରାଶ ହେବା ପରେ ଆତ୍ମାହୁତି ଶେଷବାଟ ବୋଲି ତୀର୍ଥ କହିଛନ୍ତି। ଜନ୍ମରୁ ରୋଗରେ ପଡ଼ିଥିବା ଝିଅ ଭଲ ହେଉନାହିଁ। ପରେ ଗାଁରୁ ଟଙ୍କା ଯୋଗାଡ଼ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସାହାଯ୍ୟ ମାଗିବାକୁ ଆସିଥିଲେ ତୀର୍ଥ ଓ ରିନି। ଆତ୍ମାହୁତି ଧମକ ଦେଇ ବିଧାନସଭା ଆଡ଼କୁ ଯାଉଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏପରିକି ପୋଲିସ ସେମାନଙ୍କୁ କିଛି ସମୟ ବୁଝାଶୁଝା କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସହ



ତୀର୍ଥ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ରିନି।

ଯୋଗାଯୋଗ କରାଯାଇ ତୀର୍ଥଙ୍କ ଅସୁସ୍ଥ ଝିଅଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ଦମ୍ପତିଙ୍କୁ ତାଙ୍କ ଝିଅ ସହ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏହି ଦମ୍ପତିଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି।

# ଜବାବ ଦାଖଲ କଲେ ରାଜ୍ୟ ସରକାର

କଟକ,୧୨।୮ (କାର୍ତ୍ତିକ ସାହୁ)

## 'ବିକଶିତ ଗାଁ ବିକଶିତ ଓଡ଼ିଶା' ନିୟମାବଳୀ ତ୍ରୁଟି ମାମଲା

ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ନିୟମାବଳୀରେ ତ୍ରୁଟି ଥିବା ଅଭିଯୋଗ କରି ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମାମଲାର ଶୁଣାଣି କରି ପ୍ରାଥମିକ ଶୁଣାଣିରେ ଜାରି ଅନ୍ତରୀଣ ରହିତାଦେଶକୁ ବଳବତ୍ତର ରଖିଛନ୍ତି। ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ଜବାବ ରଖିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ସେପ୍ଟେମ୍ବର ୯ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ନୂଆ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ୨୦୨୫ ଜାନୁଆରୀ ୨୮ରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଯୋଜନାରେ ଥିବା ନିୟମାବଳୀ ପଞ୍ଚାୟତ ଆଇନର ବିରୋଧାଚରଣ କରୁଛି। ପଞ୍ଚାୟତ ନିୟମ ଅନୁଯାୟୀ, କୌଣସି ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମସଭାରେ ଅନୁମୋଦିତ ହୋଇଥାଏ। ଗ୍ରାମସଭାର ବିନା ଅନୁମତିରେ କୌଣସି ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହୋଇପାରିବ ନାହିଁ। ମାତ୍ର ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସମସ୍ତ କ୍ଷମତା ଜିଲାପାଳଙ୍କୁ ଦିଆଯାଇଛି। ଗୋଟିଏ ଟଙ୍କା ବି ଖର୍ଚ୍ଚ କରିବାର କ୍ଷମତା ସରପଞ୍ଚଙ୍କ ହାତରେ ନାହିଁ। ତେଣୁ ଯୋଜନାର ଏହି ନିୟମାବଳୀକୁ ରଦ୍ଦ କରିବା ପାଇଁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ପୁରୀ ଜିଲା କଣାସ ବ୍ଲକ ଖଣ୍ଡାହାତ ପଞ୍ଚାୟତର ସରପଞ୍ଚ ପ୍ରତାପ ପରିଡ଼ା ହାଇକୋର୍ଟରେ ଏହି ମାମଲା ରୁଜୁ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଣୟ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

ପୁରୀ,୧୨।୮(ଅଜିତ୍ କୁମାର ମହାନ୍ତି)

## ଶ୍ରୀମନ୍ଦିରରେ ହେବ ରାହୁରେଖା ନୀତି

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥି ବା ରେଖା ପଞ୍ଚମୀ ତିଥି ଅବସରରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହ ଶ୍ରୀମୁଖ ସରସ ଓ ସୁନ୍ଦର ଦେଖାଯିବା ପାଇଁ ସୁନା ଲାଗିଥିବା ପଟିରେ ପ୍ରସ୍ତୁତ ଏହି ରାହୁରେଖାକୁ ଚତୁର୍ଦ୍ଧାବିଗ୍ରହଙ୍କୁ ଲାଗି କରାଯିବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ସେବାୟତମାନେ ଗୋଷ୍ଠୀଗତ ଭାବେ ଏହି ଗୁପ୍ତନୀତିକୁ ନିଷ୍ଠାର ସହ ସମ୍ପାଦନ କରିବେ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପ୍ରଥମ ଭୋଗମଣ୍ଡପ ସରିବା ପରେ ରାହୁରେଖା ଲାଗି ନୀତି ଆରମ୍ଭ ହେବ। ଏହି ନୀତି ସମୟରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ରହିବ। ମହାପ୍ରଭୁଙ୍କ ଏହି ଗୁପ୍ତନୀତି ନିମନ୍ତେ ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନକରି ଅଣ୍ଡା ଜ୍ୱରରେ ପୀଡ଼ିତ ହେବାପରେ ଅଣସର ପିଣ୍ଡିଠାରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢ଼ି ଦିଆଯାଇଥିଲା। ପୁନର୍ବାର ରେଖା ପଞ୍ଚମୀ ଅବସରରେ ଦେଉଳକରଣ, ଚଢ଼ାଉକରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ ଲଗାଯିବ। ପ୍ରଥମ ଭୋଗମଣ୍ଡପ ସରିବା ପରେ ପୁଷ୍ପାଳକ ସେବାୟତ ଝୋବାକଣ୍ଠି, ମଇଲମ କରିବା ସହ ମହାଜନ ସେବାୟତମାନେ ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଖଟଶେଜ ଘରେ ବିରାଜମାନ କରାଇବେ। ପତିମହାପାତ୍ର ସେବାୟତ ଏହି ରାହୁରେଖାକୁ ସଂସ୍କାର କରି ସାରିବା ପରେ ୪ ବାଡ଼ର ବାଡ଼ଗ୍ରାହୀ ଦଇତାପତି ସେବାୟତମାନେ ଓଷୁଅ ଏବଂ କନା ଦ୍ୱାରା ଶ୍ରୀମୁଖରେ ରାହୁରେଖାକୁ ଲାଗି କରାଇବେ।

# ଆଇଟିଆଇ ପାଠ୍ୟକ୍ରମ ଉନ୍ନତୀକରଣ ପାଇଁ ହେଉଛି ରୋଡ୍‌ମ୍ୟାପ୍

ଭୁବନେଶ୍ୱର,୧୨।୮ (ସୁଚିସ୍ମିତା ସାହୁ)

## ଜାତୀୟ ଯୋଜନା ସଂକ୍ରାନ୍ତ ପରାମର୍ଶଦାତା କର୍ମଶାଳା

କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା (ଏମ୍ଏସ୍‌ଡିଇ) ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମିଳିତ ସହଯୋଗରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳା ମଙ୍ଗଳବାର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟରେ ବୈଷୟିକ ଶିକ୍ଷାର ଭବିଷ୍ୟତ ଗଠନ ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପୋଦ୍ୟୋଗୀ ଏବଂ ତାଲିମ ବିଶେଷଜ୍ଞଙ୍କୁ ଏକତ୍ରିତ କରି ଜାତୀୟ ଆଇଟିଆଇ ଉନ୍ନତୀକରଣ ଯୋଜନା ଉପରେ ଆଲୋଚନା ହୋଇଛି। ହବ୍-ଆଣ୍ଡ-ସ୍ପୋକ ମଡେଲ ମାଧ୍ୟମରେ ୧୦୦୦ ଆଇଟିଆଇକୁ ଅପ୍‌ଗ୍ରେଡେଶନ କରିବା ତଥା ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଶିଳ୍ପଗୁଡ଼ିକ ଅଂଶ ଗ୍ରହଣ କରିବା ଦ୍ୱାରା ଦକ୍ଷତାକୁ ଆକାଂକ୍ଷା, ଶିଳ୍ପ ସମନ୍ୱିତ ଏବଂ ଫଳାଫଳ ସମର୍ଥ କରିପାରିବ ବୋଲି ଏମ୍ଏସ୍‌ଡିଇ ସଚିବ ରଜିତ ପୁନହାନି କହିଥିଲେ। ଅତିରିକ୍ତ ସଚିବ ସୋନାଲ ମିଶ୍ର ଯୋଜନାର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା ଆଇଟିଆଇଗୁଡିକର ଆଧୁନିକୀକରଣ, ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ସହିତ ହବ୍ ଏବଂ ସ୍ପୋକ ମଡେଲରେ ଶିଳ୍ପ ସହଭାଗିତାକୁ ବିସ୍ତାର କରିବା ପାଇଁ ରାଜ୍ୟର ରୋଡମ୍ୟାପ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ସମେତ ଓ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ଚେତାଶୂନ୍ୟ ହେଲେ ୪ ନାବାଳିକା ପର୍ଯ୍ୟଟକ

ବାରଙ୍ଗ,୧୨।୮(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଅଂଶୁଘାତରେ ୪ଜଣ ବଙ୍ଗୀୟ ନାବାଳିକା ପର୍ଯ୍ୟଟକ ଚେତାଶୂନ୍ୟ ହୋଇପଡ଼ିଥିଲେ। ନନ୍ଦନକାନନ କର୍ମଚାରୀଙ୍କ ଦ୍ୱାରା ଆଶୁଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ୨ ଜଣ ସାମାନ୍ୟ ସୁସ୍ଥ ହୋଇଥିଲେ। ଅନ୍ୟ ୨ଜଣ ଗୁରୁତର ଥିବାରୁ ସେମାନଙ୍କୁ କଟକ ଏସ୍‌ସିବି ମେଡିକାଲକୁ ପଠାଇଦିଆଯାଇଛି। ପ୍ରକାଶଯେ, କୋଲକାତାରୁ ଟୁରିଷ୍ଟ ବସ ଯୋଗେ ଏକ ବଙ୍ଗୀୟ ପରିବାର ନନ୍ଦନକାନନ ବୁଲିବାକୁ ଆସିଥିଲେ। ଏମାନେ ସରୀସୃପ ଉଦ୍ୟାନରେ ବୁଲୁଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ହଠାତ୍ ୪ ଜଣ ନାବାଳିକା ଅସୁସ୍ଥ ହୋଇପଡିଥିଲେ। ଏହି ସମୟରେ ତୁରନ୍ତ କର୍ମଚାରୀମାନେ ପହଞ୍ଚି ସେମାନଙ୍କ ଆଶୁ ଚିକିତ୍ସା କରିଥିଲେ।

# ସାମୁଦ୍ରିକ ଅଭିବୃଦ୍ଧିର ପ୍ରମୁଖ ବାହକ ହେବାକୁ ଆଗଉଛି ଓଏମ୍‌ବି

## ବୋର୍ଡ ପକ୍ଷରୁ ଚାଲୁଥିବା ପଦକ୍ଷେପର ସମୀକ୍ଷା କଲେ ପ୍ରମୁଖ ସଚିବ

ଭୁବନେଶ୍ୱର,୧୨।୮(ବନ୍ଦନା ସେଠୀ)

ଓଡ଼ିଶା ସାମୁଦ୍ରିକ ବୋର୍ଡ (ଓଏମ୍‌ବି) ରାଜ୍ୟର ନୀଳ ଅର୍ଥ ବ୍ୟବସ୍ଥା ଏବଂ ସାମୁଦ୍ରିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ହେବା ଦିଗରେ ଉଚ୍ଚାଭିଳାଷୀ ପାଠ୍ୟକ୍ରମ ପ୍ରସ୍ତୁତ କରୁଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସୋମବାର ନବଗଠିତ ଓଡ଼ିଶା ସାମୁଦ୍ରିକ ବୋର୍ଡ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏଥିସହ ଚାଲୁଥିବା ତଥା ଆଗାମୀ ପଦକ୍ଷେପଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ। ବନ୍ଦର ଭିତ୍ତିଭୂମିରେ ପୁଞ୍ଜି ନିବେଶ କରିବାଠାରୁ ଆରମ୍ଭକରି ନିଯୁକ୍ତି



ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ଅନ୍ୟମାନେ।

ସୁଯୋଗ ସୃଷ୍ଟି ଏବଂ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବା ପର୍ଯ୍ୟନ୍ତ ରାଜ୍ୟର ସାମୁଦ୍ରିକ ଭାଗ୍ୟର ରୂପରେଖ ପ୍ରସ୍ତୁତ କରିବାରେ ଓଡ଼ିଶା ସାମୁଦ୍ରିକ ବୋର୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ। ଗସ୍ତ ସମୟରେ ପାଢ଼ୀ ବନ୍ଦର ଭିତ୍ତିଭୂମିର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ, ସାମୁଦ୍ରିକ ସଂଯୋଗ ବୃଦ୍ଧି, ଉପକୂଳ ଜାହାଜ ଚଳାଚଳ ପ୍ରୋତ୍ସାହନ ଏବଂ ଓଡ଼ିଶାର ୪୮୦ କିଲୋମିଟର ଦୀର୍ଘ ଉପକୂଳ ସହ ଜଡ଼ିତ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ବୋର୍ଡର ରଣନୈତିକ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ। ସେ ବନ୍ଦର ପରିଚାଳିତ ଶିଳ୍ପର ସମନ୍ୱିତ ବିକାଶ, ସ୍ଥାୟୀ ଜାହାଜ ଚଳାଚଳ ଅଭ୍ୟାସ ଏବଂ ସାମୁଦ୍ରିକ କ୍ଷେତ୍ରରେ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ସମୀକ୍ଷା ବୈଠକରେ ବର୍ତ୍ତମାନର ବନ୍ଦରଗୁଡ଼ିକର ବିକାଶ, ନୂତନ ବନ୍ଦର ପ୍ରକଳ୍ପଗୁଡ଼ିକର ସୁବିଧା ଏବଂ କ୍ଷମତା ସମ୍ପ୍ରସାରଣ, ନୀଳ ଅର୍ଥବ୍ୟବସ୍ଥାର ପ୍ରୋତ୍ସାହନ-ସାମୁଦ୍ରିକ ପର୍ଯ୍ୟଟନ, ମତ୍ସ୍ୟଚାଷ, ଅକ୍ଷୟ ଶକ୍ତି ପ୍ରକଳ୍ପ ଏବଂ ଉପକୂଳବର୍ତ୍ତୀ ସମୁଦାୟଙ୍କ ଜୀବନ୍ତ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରିବା-ପରିବେଶ ଅନୁକୂଳ ବନ୍ଦର ପରିଚାଳନା, ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଏବଂ ଜଳବାୟୁ ସ୍ଥିତିସ୍ଥାପକତା ପଦକ୍ଷେପ ଆଦି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଓଏମ୍‌ବି ଟିମ୍ ସକ୍ରିୟ ଆଭିମୁଖ୍ୟକୁ ପ୍ରମୁଖ ସଚିବ ପ୍ରଶଂସା କରିଥିଲେ ଏବଂ ପୂର୍ବ ଭାରତରେ ସାମୁଦ୍ରିକ ହବ୍ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଲାଗି ଅଭିନବ ଆର୍ଥିକ ମଡେଲ ଏବଂ ବୈଶ୍ୱିକ ସହଯୋଗ ଗ୍ରହଣ କରିବା ଲାଗି ପରାମର୍ଶ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ଜୁଲି



@ ନିଲୁ



@ ବିଶ୍ୱରଞ୍ଜନ



@ ଜିତେନ୍ଦ୍ର



@ ଶୁଚିସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରସ୍ତାବ କାର୍ଯ୍ୟକାରୀ ଦାବିରେ ସ୍କିମାଟିକ ଶିକ୍ଷକଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୨।୮(ସୁଚିସ୍ମିତା ସାହୁ)

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ପାଇଁ ଗତ ୨ତାରିଖରେ ଏକାଧିକ ପ୍ରସ୍ତାବ ବିଶିଷ୍ଟ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସ୍କିମାଟିକ ଶିକ୍ଷକ ପଦ ଉଚ୍ଛେଦ ସମେତ ନିୟମିତ ସରକାରୀ ଶିକ୍ଷକ ନିଯୁକ୍ତି ଓ ଶିକ୍ଷକ ପଦ ବଢ଼ାଇବା ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଥିଲା। ଉପଯୁକ୍ତ ଅଧିକାରୀଙ୍କ ଅନୁମୋଦନ ପାଇଁ ନ ଥିବା ଦର୍ଶାଇ ମାତ୍ର ୫ଦିନ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହାକୁ ପ୍ରତ୍ୟାହାର କରିନେଇଛି। ଏହା ପ୍ରତିବାଦରେ ସ୍କିମାଟିକ ଶିକ୍ଷକମାନେ ମଙ୍ଗଳବାର ସାରା ରାଜ୍ୟରେ ଆନ୍ଦୋଳନ କରିଛନ୍ତି। ତୁରନ୍ତ ସମ୍ପୃକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଦାବିରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରା ନ ଗଲେ ରାଜଧାନୀର ଗାନ୍ଧୀମାର୍ଗରେ ବିରାଟ ଶିକ୍ଷକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାମୂହିକ ଛୁଟିରେ ରହିବେ ବୋଲି ସ୍କିମାଟିକ ଶିକ୍ଷକ ସଂଘର ରାଜ୍ୟ ଆବାହକ ଶେଷଦେବ ଯଜ୍ଞକାମ ଦେଓ ସୂଚନା ଦେଇଛନ୍ତି।

**୩ ପାକ୍ସ ସମ୍ପାଦକ ନିଲମ୍ବିତ**

ସୋନପୁର,୧୨।୮ (ମୃତ୍ୟୁଞ୍ଜୟ ଶତପଥୀ): ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବା ବେଳେ ବ୍ୟାଙ୍କକ୍ ବୁଲିବା ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ୩ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକଙ୍କୁ ମହଙ୍ଗା ପଡିଛି। ସମ୍ପାଦକମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ତଦନ୍ତରୁ ଜଣାପଡ଼ିବା ପରେ ସୋନପୁର ମଣ୍ଡଳ ସମବାୟ ସମିତି ସହକାରୀ ନିବନ୍ଧକ ପାଣୁ ଚରଣ ସାହୁ ସମ୍ପୃକ୍ତ ୩ ପାକ୍ସ ସମ୍ପାଦକଙ୍କୁ ମଙ୍ଗଳବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ଲଛିପୁର ପାକ୍ସ ସମ୍ପାଦକ ମଞ୍ଜୟ ଧରୁଆ, ମୟୂରଉଡାନ ପାକ୍ସ ସମ୍ପାଦକ ଧନେଶ୍ୱର ସାହୁ ଓ ରେଙ୍ଗାଲି ପାକ୍ସ ସମ୍ପାଦକ ଅରୁଣ ପୂଜାରୀ।

# କିଏ, କେଉଁଠି ଉତ୍ତୋଳନ କରିବେ ଜାତୀୟ ପତାକା

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ କେଉଁ ମନ୍ତ୍ରୀ ଓ ପଦାଧିକାରୀ କେଉଁ ଜିଲାରେ ଜାତୀୟ ପତାକା ଉତ୍ତୋଳନ କରିବେ ସେନେଇ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ତଦନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କେନ୍ଦୁଝର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଟକରେ ଜାତୀୟ ପତାକା ଉତ୍ତୋଳନ କରିବେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁର, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ବଲାଙ୍ଗୀର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କଳାହାଣ୍ଡି, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କନ୍ଧମାଳ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୁନ୍ଦରଗଡ଼, ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଜପତି, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଭଦ୍ରକ, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ନବରଙ୍ଗପୁର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋନପୁର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅନୁଗୋଳ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରାୟଗଡ଼ା ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୟୂରଭଞ୍ଜରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ରାଉରକେଲାରେ ଉତ୍ତରାଞ୍ଚଳ ଆର୍‌ଡିସି ଏବଂ ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆର୍‌ଡିସି ଜାତୀୟ ପତାକା ଉତ୍ତୋଳନ କରିବାକୁ ରହିଥିବାବେଳେ ଅନ୍ୟ ଜିଲାଗୁଡ଼ିକରେ ଜିଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।



ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପିଏମ୍‌ଜିରେ ପରେଡ୍ ଅଭ୍ୟାସ। (ଫଟୋ-ମନୋରଞ୍ଜନ ମିଶ୍ର)

# ୨୦ରେ ଶୁଣାଣି କରିବେ ଜାତୀୟ ଓବିସି କମିଶନ

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ଓଡ଼ିଶାରେ କେଉଁ ବର୍ଗଙ୍କୁ ପଛୁଆବର୍ଗ ତାଲିକାରେ ଯୋଡ଼ାଯିବ ଏବଂ ଆବଶ୍ୟକସ୍ଥଳେ ବାଦ୍ ଦିଆଯିବ ସେନେଇ ଜାତୀୟ ପଛୁଆବର୍ଗ ଆୟୋଗଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ଅଗଷ୍ଟ ୨୦ରେ ଏକ ଜନଶୁଣାଣି କରାଯିବ। କେନ୍ଦ୍ର ପଛୁଆବର୍ଗ ଆୟୋଗଙ୍କ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ଉକ୍ତ ଜନଶୁଣାଣି ବେଳେ ବିଭିନ୍ନ ପ୍ରକାର ତଥ୍ୟ ଉପସ୍ଥାପନ କରିବା ଲାଗି ଆୟୋଗଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଏସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ ଅଗଷ୍ଟ ୮ରେ ଅନୁସଚିବ ଯୋଗେଶ ଧୀଙ୍ଗରା ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଅନୁସଚିବ ଧୀଙ୍ଗରା ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି,

### ପଛୁଆବର୍ଗ ଜାତି ତାଲିକାରେ କିଏ ଯୋଡ଼ିହେବେ

ଭାରତ ସମ୍ବିଧାନର ଅନୁଚ୍ଛେଦ ୩୩୮-ବି ଅନୁସାରେ ଜାତୀୟ ପଛୁଆବର୍ଗ କମିଶନ ଗଠନ କରାଯାଇଛି। ସମ୍ବିଧାନ (୧୦୨) ସଂଶୋଧନ ଅଧିନିୟମ-୨୦୧୮ ଅନୁଯାୟୀ, କମିଶନଙ୍କର ନିଜସ୍ୱ ପ୍ରକ୍ରିୟାକୁ ନିୟମିତ କରିବାର ଅଧିକାର ରହିଛି। କମିଶନଙ୍କ କର୍ତ୍ତବ୍ୟ ହେଉଛି ସମ୍ବିଧାନ କିମ୍ବା ବର୍ତ୍ତମାନ ପ୍ରଚଳିତ ଥିବା କୌଣସି ଅନ୍ୟାନ୍ୟ ଅଧିନିୟମ ଅଥବା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗଙ୍କୁ ଦିଆଯାଇଥିବା ସୁରକ୍ଷା ବଳୟ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପର ତଦନ୍ତ ଓ ନିରୀକ୍ଷଣ କରିବା। ଏହାସହିତ ପଛୁଆବର୍ଗଙ୍କ ସୁରକ୍ଷାବଳୀର କାର୍ଯ୍ୟକଳାପକୁ ମୂଲ୍ୟାୟନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା।

# ତେଲଙ୍ଗାନାରେ ଦୁର୍ଘଟଣା: ୩ ଦାଦନ ଶ୍ରମିକ ମୃତ

ଉମରକୋଟ, ୧୨।୮ (ସନ୍ତୋଷ ଶତପଥୀ)

ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିବା ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଝରିଗାଁ ବ୍ଲକ ବକଡ଼ାବେଡ଼ା ଗ୍ରାମର ୩ ଶ୍ରମିକଙ୍କ ସୋମବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଉକ୍ତ ଗାଁର ଜୟରାମ ଭତ୍ରା(୫୬), ନାରାୟଣ ଭତ୍ରା(୨୦) ଓ ଚେତମନ ଭତ୍ରା(୨୧)। ଆମ୍ବୁଲାନ୍ସରେ ଆସୁଥିବା ୩ ଜଣଙ୍କ ମୃତଦେହ ବୁଧବାର ଗ୍ରାମରେ ପହଞ୍ଚିବ ବୋଲି ସୂଚନା ମିଳିଛି। ୧୧ ଦିନ ତଳେ ଏହି ଶ୍ରମିକମାନେ ଦାଦନ ଖଟିବାକୁ ଯାଇଥିଲେ। କିସାରା ଥାନା ଅଧୀନ ସିକନ୍ଦର କମମ ଅଞ୍ଚଳରେ ଚାରାରୋପଣ ବେଳେ ପଛପଟରୁ ଏକ ଗାଡ଼ି( ଟିଜି-୦୮T-୨୪୯୬) ସେମାନଙ୍କୁ ଧକ୍କା ଦେଇଥିଲା।

# ଏଆଇ ଜଗିବ ଅଧିକାରୀ, କର୍ମଚାରୀଙ୍କ ଉପସ୍ଥାନ

## ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

- ଠିକ୍ ସମୟରେ ଅଫିସ ଆସୁ ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- କାର୍ଯ୍ୟ ସମ୍ପାଦନ କରୁ ନ ଥିବା କର୍ମଚାରୀଙ୍କୁ ଦିଆଯିବ ଆଗୁଆ ଅବସର
- ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦିଅ
- ଅକ୍ଟୋବରରୁ ଆରମ୍ଭ ହେବ ଚିଫ୍ ମିନିଷ୍ଟର୍ସ ଡ୍ୟାସ୍‌ବୋର୍ଡ

ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଯେଉଁମାନେ ଠିକ୍ ସମୟରେ ଅଫିସ୍ ଆସୁନାହାନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଉପସ୍ଥାନ ନ ରହିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ସରକାରୀ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯିବ। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ୧୫ ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଏହି ଅବସରରେ ଗୁରୁତ୍ୱ ଦେଇଛନ୍ତି।

କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା କରିବାକୁ ବିଚାର କରିଛନ୍ତି। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ। ପରେ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ନେବାପାଇଁ ପରାମର୍ଶ ଦିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଛନ୍ତି। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କ କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଛି।

କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ନ ରହିବା, ଅଭିଯୋଗ ଶୁଣାଣିରେ ଅପ୍ରଭାବୀ ପ୍ରଦର୍ଶନ, ଦୁର୍ନୀତିକୁ ଚିହ୍ନଟ କରିବାରେ ଦୁର୍ବଳ ହାର, ଅସାଧୁତା, ନିୟମିତ ତଦାରଖ ବ୍ୟବସ୍ଥା ନ କରାଯିବା ଆଦି ଦୁର୍ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଛି। ବିଭାଗୀୟ କାର୍ଯ୍ୟର ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ଅକ୍ଟୋବର ୧ରୁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ(ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲାପାଳମାନେ ପ୍ରତି ମାସର ୭ ତାରିଖ ସୁଦ୍ଧା ଜିଲାସ୍ତରରେ, ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ।

# ‘ହରିଜନ’ ଲେଖନାହିଁ

### ସବୁ ବିଭାଗକୁ ଅନୁସୂଚିତ ଜାତି ବିଭାଗର ତାଗିଦ

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ଏଣିକି ‘ହରିଜନ’ ଶବ୍ଦ କୌଣସି ସରକାରୀସ୍ତର କିମ୍ବା ଶିକ୍ଷାକ୍ଷେତ୍ରରେ ବ୍ୟବହାର କରାଯିବନାହିଁ। ଏନେଇ ବହୁ ପୂର୍ବରୁ ରୋକ୍ ଲାଗିଥିଲେ ହେଁ ମଙ୍ଗଳବାର ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ସଚିବ ବି. ପରମେଶ୍ୱର ପୁନର୍ବାର ସମସ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମଙ୍ଗଳବାର ସଚିବ ପରମେଶ୍ୱର ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଏ ସଂକ୍ରାନ୍ତରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୨ ନଭେମ୍ବର ୨୨ର ଏକ ନିର୍ଦ୍ଦେଶନାମାକୁ ଆଧାରକରି ୨୦୧୩ ଜାନୁଆରୀ ୧୦ରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହେଲେ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ପକ୍ଷରୁ ଏକ ମାମଲାକୁ ଆଧାରକରି ୨୦୨୫ ଜାନୁଆରୀ ୩୧ରେ ପୁନର୍ବାର ନିର୍ଦ୍ଦେଶ ଆସିଛି ଯେ, ‘ହରିଜନ’ ଶବ୍ଦ ବ୍ୟବହାର କରାଯିବନାହିଁ। ତେଣୁ ସରକାରୀ କାର୍ଯ୍ୟ, ନଥିପତ୍ର ସମ୍ପାଦନ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ ବେଳେ ଏହି ଶବ୍ଦ ବ୍ୟବହାର ହେବନାହିଁ। ସେ ଦର୍ଶାଇଛନ୍ତି, ସମ୍ବିଧାନରେ ଉଲ୍ଲେଖ ଥିବା ‘ସିଡ୍ୟୁଲ୍ଡ କାଷ୍ଟ’ ଅର୍ଥାତ୍ ଅନୁସୂଚିତ ଜାତି ହିଁ ‘ହରିଜନ’ ଶବ୍ଦର ପ୍ରତିବଦଳରେ ସବୁକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏହାକୁ ପ୍ରତ୍ୟେକ ସରକାରୀସ୍ତର, ସ୍ୱୟଂଶାସିତ ପରିଷଦ ଏବଂ ଅଧସ୍ତନ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏନେଇ ବିଭାଗ ପକ୍ଷରୁ ଉପଯୁକ୍ତ ସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଲାଗି ସଚିବ ବି. ପରମେଶ୍ୱର ପତ୍ରରେ ଦର୍ଶାଇଛନ୍ତି।

# ୩ ଦିନ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୨।୮ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସଞ୍ଚାଳନ ସକ୍ରିୟ ରହିଛି। ଏହାର ପ୍ରଭାବରେ ବୁଧବାର ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ସକାଳେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବୁଧବାର ସକାଳ ୮ଟାରୁ ୧୪ ତାରିଖ ସକାଳ ମଧ୍ୟରେ କୋରାପୁଟ ଓ ମାଲକାନଗିରିରେ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ବଲାଙ୍ଗୀର ଓ ନୂଆପଡ଼ାକୁ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ରହିଛି।

# ସବୁଜ ଅର୍ଥନୀତିର ମୂଳଦୁଆ ପଡ଼ିଲା: ମୁଖ୍ୟମନ୍ତ୍ରୀ

### ବିଜ୍ଞାନ ଓ କାରିଗରି ବିଭାଗ ସହ ଏନ୍‌ଆଇଓଟିର ବୁଝାମଣା ସ୍ୱାକ୍ଷର



ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଓ ଇନୋଭେଶନ କରିଡର (ଓଏମ୍‌ବିଆର୍‌ଆଇସି) ପ୍ଲାଟ୍‌ଫର୍ମ ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶନ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନରେ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓସିଆନ ଟେକ୍ନୋଲୋଜି (ଏନ୍‌ଆଇଓଟି) ମଧ୍ୟରେ ଗବେଷଣା ଓ ଉନ୍ନୟନ ସହଯୋଗ ପାଇଁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଓଏମ୍‌ବିଆର୍‌ଆଇସିର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏହା ଆମର ବହୁମୁଖୀ ବ୍ଲୁ ଇକୋନୋମିକୁ ରୂପାନ୍ତରିତ କରି ରାଜ୍ୟ ତଥା ଦେଶର ଅର୍ଥନୀତିକୁ ସୁଦୃଢ଼ କରିବ। ସେ ପୁଣି କହିଛନ୍ତି, ବିଶ୍ୱ ଖାଦ୍ୟ ବ୍ୟବସ୍ଥା ଓ ଜଳବାୟୁ ସ୍ଥିରତା ପାଇଁ ସମୁଦ୍ର ଉପରେ ନିର୍ଭର କରୁଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଏଭଳି ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଏମ୍‌ବିଆର୍‌ଆଇସି ଜିନ୍ ଆବିଷ୍କାରରୁ ଆରମ୍ଭ କରି ବାୟୋଆକ୍ଟିଭ୍ ମଲିକ୍ୟୁଲ୍, ବାୟୋରିମେଡିଏଶନ୍ ଓ ନ୍ୟୁଟ୍ରାସ୍ୟୁଟିକାଲ୍ ପର୍ଯ୍ୟନ୍ତ ସମଗ୍ର ମେରାଇନ୍ ବାୟୋଟେକ୍ନୋଲୋଜି ଉଦ୍ଭାବନ ପ୍ରକ୍ରିୟାକୁ ସମର୍ଥନ କରିବ, ଯାହା ରୋଜଗାର ସୃଷ୍ଟି, ପରିବେଶ ସୁରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ।

ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଓଡ଼ିଶାରେ ମେରାଇନ୍ ବାୟୋଟେକ୍ନୋଲୋଜିରେ ପ୍ରଚୁର ସମ୍ଭାବନା ରହିଛି। ଏହି କ୍ଷେତ୍ରକୁ ଅନୁସନ୍ଧାନ କରି ରାଜ୍ୟର ବିକାଶ ପାଇଁ ଆମେ ସମସ୍ତ ପ୍ରୟାସ କରିବୁ। ଓଏମ୍‌ବିଆର୍‌ଆଇସି ହେଉଛି ଏକ ସମୃଦ୍ଧ ଭବିଷ୍ୟତର ନୀଳନକ୍ସା। ଓଏମ୍‌ବିଆର୍‌ଆଇସିର ଲକ୍ଷ୍ୟଗୁଡ଼ିକୁ ଫଳପ୍ରଦ ଓ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶାର ଛଅଟି ପ୍ରମୁଖ ଅନୁଷ୍ଠାନକୁ ସେମାନଙ୍କ ବୈଜ୍ଞାନିକ ଦକ୍ଷତା ଓ ଆଞ୍ଚଳିକ ପ୍ରାସଙ୍ଗିକତା ଆଧାରରେ ହବ୍ ଭାବେ ଚୟନ କରାଯାଇଛି। ଏହି ଅନୁଷ୍ଠାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବେ।

# ତମାଖୁମୁକ୍ତ ଯୁବ ଅଭିଯାନ ୨.୦: ଓଡ଼ିଶାକୁ ସର୍ବଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର, ୧୨।୮ (ବନ୍ଦନା ସେଠୀ)

ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁଣିଥରେ ସମ୍ମାନିତ ହୋଇଛି ଓଡ଼ିଶା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପାଳିତ ବିଶ୍ୱ ମୁଖଗହ୍ୱର ସ୍ୱାସ୍ଥ୍ୟ ଦିବସ-୨୦୨୫ ଏବଂ ତମାଖୁମୁକ୍ତ ଯୁବ ଅଭିଯାନ ୨.୦ରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ ପୁରସ୍କାର ପ୍ରଦାନ ସହ ଜାତୀୟସ୍ତରରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ଦିଲ୍ଲୀ ଏମ୍ସରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟ ପରାମର୍ଶଦାତାଙ୍କ ଦ୍ୱାରା ଏହି ପୁରସ୍କାର ଗ୍ରହଣ କରାଯାଇଛି। ସେହିପରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ତମାଖୁମୁକ୍ତ ଯୁବ ଅଭିଯାନ ୨.୦ (ସେପ୍ଟେମ୍ବର-ନଭେମ୍ବର ୨୦୨୪ରେ ୬୦ ଦିନ ପାଇଁ)ରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ କାର୍ଯ୍ୟକୁଶଳ ରାଜ୍ୟ ଭାବେ ଚୟନ କରାଯାଇ ଜାତୀୟସ୍ତରରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ରାଜ୍ୟର ଯୁବଶକ୍ତିଙ୍କ ଦ୍ୱାରା ସମାଜରେ ତମାଖୁ ବ୍ୟବହାରର କୁପ୍ରଭାବ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଥିଲା। ଏହି ସମ୍ମାନ ମୁଖ ସ୍ୱାସ୍ଥ୍ୟସେବାକୁ ଗାଁରୁ ସହର ସବୁ ସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ଦେଉଛି ବୋଲି ସୂଚନା ଦିଆଯାଇଛି।

# ସମ୍ପୂର୍ଣ୍ଣ ହେଲାଣି ୧୮ ମେଗା ପାନୀୟ ଜଳ ପ୍ରକଳ୍ପ: ମନ୍ତ୍ରୀ

ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)

ରାଜ୍ୟବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ। ଗ୍ରାମାଞ୍ଚଳରେ ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବୃହତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରି ମନ୍ତ୍ରୀ ରବିନାରାୟଣ ନାଏକ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ରବିନାରାୟଣ ନାଏକ ସମସ୍ତ ବୃହତ ପାନୀୟ ଜଳ ପ୍ରକଳ୍ପର ବିସ୍ତୃତ ସମୀକ୍ଷା କରିଛନ୍ତି। ରାଜ୍ୟରେ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ଟି ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରାଯାଉଛି ଓ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି। ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନାଏକ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଓ ୫୫୨ଟି ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ ‘ହର୍ ଘର୍ ଜଳ’ଯୋଜନାରେ ଅନ୍ତର୍ଭୁକ୍ତ ହୋଇସାରିଛି। ନୂଆପଡା ଜିଲାର ସମସ୍ତ ଗ୍ରାମ ‘ହର୍ ଘର୍ ଜଳ ଯୋଜନା’ରେ ଅନ୍ତର୍ଭୁକ୍ତ ହୋଇପାରିଛି। ସରକାରୀ ସ୍ତରରେ ଏହି ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ ଡିସେମ୍ବର ୨୦୨୫ ସୁଦ୍ଧା ଆଉ ୫୪ଟି ପ୍ରକଳ୍ପ ସମ୍ପନ୍ନ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହି ସମସ୍ତ ପ୍ରକଳ୍ପର ନିର୍ମାଣ ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ସ୍ଥିରୀକୃତ ସମୟ ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ନିରାପଦ ପାନୀୟ ଜଳ ସୁନିଶ୍ଚିତତା ପାଇଁ ୫,୨୭,୫୭୦ ନଳକୂପ/ସାନିଟାରି ୱେଲ୍, ୨୧,୪୦୧ ପ୍ରଡକ୍ସନ ୱେଲ୍ ଓ ୧୫,୧୫୫ଟି ଓଭରହେଡ୍ ଟ୍ୟାଙ୍କର ଲଗାତର ବିଶୁଦ୍ଧୀକରଣ କରାଯାଇଛି। ପୂର୍ବ ବର୍ଷରେ ମଞ୍ଜୁର ହୋଇଥିବା ୨୯,୫୧୨ ନଳକୂପ ମଧ୍ୟରୁ ୨୦,୮୯୧ଟି ପ୍ରାୟ ସମ୍ପନ୍ନ ହୋଇଛି। ଏହି ସମସ୍ତ କାର୍ଯ୍ୟରେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯାଉଛି।

# ରାଜ୍ୟରେ ୪ ଡେଣ୍ଟାଲ କଲେଜ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

୨୦୨୫-୨୬ ଆର୍ଥିକବର୍ଷରେ ରାଜ୍ୟରେ ୪ଟି ନୂଆ ଡେଣ୍ଟାଲ କଲେଜ ସ୍ଥାପନ କରାଯିବା ପ୍ରସ୍ତାବ ରହିଛି। ବ୍ରହ୍ମପୁର, ବୁର୍ଲା, କେନ୍ଦୁଝର, ବଲାଙ୍ଗୀର ମେଡିକାଲ କଲେଜ ପରିସରରେ ଏହା ପ୍ରତିଷ୍ଠା ହେବ। ଚଳିତ ବଜେଟରେ ଏଥିପାଇଁ ଆର୍ଥିକ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଏମ୍‌କେସିଜି ମେଡିକାଲ କଲେଜ ପ୍ରେକ୍ଷାଳୟରେ ଏଚ୍‌ଆଇଭି/ଏଡ୍ସ ଓ ଯୌନ ସଂକ୍ରମଣ ନିରାକରଣ ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଅଭିଯାନ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତୃଣମୂଳସ୍ତରରେ ଏଚ୍‌ଆଇଭି ସମ୍ପର୍କିତ ସଚେତନତାକୁ ବ୍ୟାପକ କରାଯିବ।

# ଅକ୍ଟୋବର-ନଭେମ୍ବରରେ ଅମିନ, ଆର୍‌ଆଇ ପ୍ରିଲିମିନାରୀ ପରୀକ୍ଷା

ଭୁବନେଶ୍ୱର,୧୨।୮ (ସୁଚିସ୍ମିତା ସାହୁ)

ଆର୍‌ଆଇ, ଏଆର୍‌ଆଇ, ଅମିନ ଏବଂ ଆଇସିଡିଏସ୍ ସୁପରଭାଇଜର୍ ପଦବୀରେ ନିଯୁକ୍ତି ପାଇଁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ ଏହି ପରୀକ୍ଷା ହେବ। କମ୍ପ୍ୟୁଟରବେସ୍‌ଡ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ପରୀକ୍ଷା କରିବାକୁ ମଙ୍ଗଳବାର ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ହୋଇଥିବା ସମସ୍ତ ପ୍ରକ୍ରିୟାକୁ ବାତିଲ୍ କରାଯାଇ ପୁଣିଥରେ ମୂଳରୁ ପ୍ରକ୍ରିୟା ଆରମ୍ଭ କରାଯିବ। ପୂର୍ବରୁ ଆବେଦନ କରିଥିବା ସମସ୍ତ ଆଶାୟୀ ପରୀକ୍ଷା ଦେଇପାରିବେ। ଫଳରେ ୫ଲକ୍ଷ ୫୮ ହଜାର ୧୨୮ ଆବେଦନକାରୀ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି।

# ବ୍ୟାଟେରି ଶକ୍ତି ସଂରକ୍ଷଣ ପ୍ରଣାଳୀ ପାଇଁ ଅଗ୍ରସର ଓଡ଼ିଶା: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜ୍ୟରେ ନବୀକରଣୀୟ ଶକ୍ତି ଉତ୍ପାଦନ ଏବଂ ସଂରକ୍ଷଣ ବିଶେଷକରି ବ୍ୟାଟେରି ଶକ୍ତି ସଂରକ୍ଷଣ ପ୍ରଣାଳୀ ଉପରେ ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ବୈଠକରେ କହିଛନ୍ତି, ଆମେ ନବୀକରଣୀୟ ଶକ୍ତି ଆଡକୁ ଅଗ୍ରସର ହେଉଥିବା ସମୟରେ ଓଡ଼ିଶା ବ୍ୟାଟେରି ଶକ୍ତି ସଂରକ୍ଷଣ ପ୍ରଣାଳୀ ପାଇଁ ଅଗ୍ରସର ହେଉଛି। କାରଣ ଏହା ହେଉଛି ସମୟର ଆବଶ୍ୟକତା। ନବୀକରଣୀୟ ଶକ୍ତି ପଦକ୍ଷେପଗୁଡ଼ିକ କେବଳ ବିଦ୍ୟୁତ୍ କ୍ଷେତ୍ରକୁ ଡିକାର୍ବନାଇଜ କରିନାହିଁ ବରଂ ବ୍ୟାପକ ସହ-ଲାଭ ମଧ୍ୟ ପ୍ରଦାନ କରେ। ବର୍ଦ୍ଧିତ ଶକ୍ତି ପ୍ରବେଶ, ନିଯୁକ୍ତି ସୃଷ୍ଟି, ବାୟୁ ପ୍ରଦୂଷଣ ହ୍ରାସ, ଉତ୍ତମ ଜନସ୍ୱାସ୍ଥ୍ୟ ଫଳାଫଳ ଏବଂ ସୁଦୃଢ଼ ଗ୍ରାମୀଣ ଆୟ। ଓଡ଼ିଶାର ସ୍ୱଚ୍ଛ ଶକ୍ତି ବିପ୍ଳବ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଓ ସାମାଜିକ ନ୍ୟାୟ ପ୍ରଦାନ କରିବା ସହିତ ସମାନ ଭାବରେ ନିର୍ଗମନ ହ୍ରାସ କରିବ। ପ୍ରମୁଖ ସଚିବ ବିଶାଳ ଦେବ କହିଛନ୍ତି, ଆମେ ପାଇଲଟ୍ ଭିତ୍ତିରେ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ପାଇଁ ମଧ୍ୟ ଯୋଜନା କରୁଛୁ। ଏହି ଅବସରରେ ବେସିୟମ୍ ନାମକ ଏକ କମ୍ପାନୀ ବ୍ୟାଟେରି ଷ୍ଟୋରେଜ୍ ସିଷ୍ଟମ ଉପରେ ଏକ ଉପସ୍ଥାପନା ଦେଇଛି। ବୈଠକରେ ଗ୍ରୀଡ୍‌କୋ ଏମ୍‌ଡି ସତ୍ୟପ୍ରିୟ ରଥଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨ ଭଉଣୀଙ୍କୁ ଉଲଗ୍ନକରି କାଳିଶିଙ୍କ ମାଡ଼

ଯାଜପୁର/ଜେନାପୁର(ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ),୧୨।୮

ଆଧୁନିକ ଜ୍ଞାନକୌଶଳ ବଳରେ ମଣିଷ ଆଗକୁ ଅଗ୍ରସର ହେଉଛି। ହେଲେ ଆଜି ବି ଗ୍ରାମାଞ୍ଚଳରେ ଗୁଣିଗାରେଡି ଓ ପ୍ରେତାତ୍ମା ପରି ଅନ୍ଧବିଶ୍ୱାସ କେତେଜଣ ଲୋକଙ୍କ ମନରେ ବସାବାନ୍ଧି ରହିଛି । ଏହି ଅନ୍ଧବିଶ୍ୱାସ ଭିତରେ ପେଷି ହୋଇ ବିଗତ ଦିନରେ ବହୁ ବ୍ୟକ୍ତି ପ୍ରାଣ ହରାଇଥିବା ନଜିର ରହିଛି । ଏହି ରୁଗ୍‌ଣ ମାନସିକତା ଓ ଅନ୍ଧବିଶ୍ୱାସ ଯୋଗୁ ଗୁଣିଗାରେଡ଼ିରେ ଲିପ୍ତ ଲୋକମାନେ ଆକ୍ରୋଶର ଶିକାର ହେଉଛନ୍ତି । ଏଭଳି ଏକ ଘଟଣା ଯାଜପୁର ଜିଲା ଜେନାପୁର ଥାନା ପନ୍ତୁରି ଗ୍ରାମରେ ଦେଖିବାକୁ ମିଳିଛି।

ଜେନାପୁର ଥାନା ମଧୁପୁରଗଡ଼ ପଞ୍ଚାୟତ ପନ୍ତୁରି ଗ୍ରାମରେ ମଙ୍ଗଳବାର ସକାଳେ ଠାକୁରାଣୀ ଲାଗିବା ନାଁରେ ଦୁଇ ଭଉଣୀଙ୍କୁ ଉଲଗ୍ନ କରି ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଆଧାର କରି ଜେନାପୁର ଥାନା ପୋଲିସ ୨ ମହିଳା କାଳିଶିଙ୍କ ସମେତ ୫ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଏନେଇ ଜେନାପୁର ଥାନାରେ ଏକ ମାମଲା (ନଂ.୨୮୫/୨୦୨୫)ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ପନ୍ତୁରି ଗ୍ରାମର ପ୍ରଶାନ୍ତ ଲେଙ୍କାଙ୍କ ବଡ଼ ଝିଅ ଜ୍ୟୋତି (୨୧) ଓ ତାଙ୍କ ନାବାଳିକା ଭଉଣୀ(୧୬) ଅସୁସ୍ଥ ଥିବାରୁ ସେମାନଙ୍କୁ କଟକ ମେଡିକାଲ ନିଆଯାଇଥିଲା। ଆବଶ୍ୟକ ଚିକିତ୍ସା ପରେ ଉଭୟେ ଘରକୁ ଫେରିଥିଲେ। ସୋମବାର ରାତିରେ ଜ୍ୟୋତି କୌଣସି କାରଣରୁ ଚିତ୍କାର କରିଥିଲେ। ଏହାପରେ ପରିବାର ଲୋକେ ୨ ଝିଅଙ୍କୁ ସେହି ଗ୍ରାମର କାଳିଶି ଗେଡି ଦେହୁରୀ(୪୫) ଏବଂ ତୁଳସୀ ମହାକୁଡ଼(୨୬)ଙ୍କ ପାଖକୁ ନେଇଯାଇଥିଲେ। ସେଠାରେ ଉଭୟ ଭଉଣୀଙ୍କୁ ବସାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ୨ ଜଣ କାଳିଶି ଜ୍ୟୋତି ଓ ତାଙ୍କ ସାନ ଭଉଣୀଙ୍କୁ ଉଲଗ୍ନ କରିଥିଲେ । ଜ୍ୟୋତିଙ୍କ ପାଟିରେ ବେତ ପୂରାଇ ଗାଁ ରାସ୍ତାରେ ବୁଲାଇ ପିଟିଥିଲେ। ଏହା ପରେ ନାବାଳିକା ଭଉଣୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଜ୍ୟୋତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନାବାଳିକା ଭଉଣୀଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଜେନାପୁର ପୋଲିସ ପହଞ୍ଚି କାଳିଶି ଗେଡି ଓ ତାଙ୍କ ସ୍ୱାମୀ ସୁବାସ ଦେହୁରୀ, ପୂଜକ ବ୍ରହ୍ମବରଦା ଅଞ୍ଚଳର ଅଭିମନ୍ୟୁ ଓଝା ଓ ତୁଳସୀଙ୍କୁ ଥାନାରେ ଅଟକ ରଖାଯାଇଛି। ଏନେଇ ଥାନାଧିକାରିଣୀ ନିରୁପମା ଜେନା କହିଛନ୍ତି, ଏହି ଘଟଣାକୁ ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରାଯାଇଛି। ଆବଶ୍ୟକ ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବରଗଡ଼ ଛାତ୍ରୀ ବଞ୍ଚିବାକୁ ଚାହୁଁଥିଲେ

### କଂଗ୍ରେସର ତଥ୍ୟାନୁଧାନକାରୀ କମିଟି ରିପୋର୍ଟ

ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)

ବରଗଡ଼ ଗାଇସିଲେଟ ଥାନା ଫିରିଙ୍ଗିମାଳ ଗାଁରେ ସୋମବାର ଜଣେ ୧୩ ବର୍ଷୀୟା ନାବାଳିକା ଆତ୍ମାହୁତି ଦେଇଥିଲେ। ପିସିସି ମୁଖପାତ୍ର ହମିଦ ହୁସେନଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ତଥ୍ୟ ଅନୁଧାନକାରୀ ଦଳ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ମୃତାଙ୍କ ମା’ଙ୍କୁ ଭେଟିଥିଲା। ମୃତାଙ୍କ ମା’ କହୁଥିଲେ ଝିଅ ବାରମ୍ବାର ପାଣି ପିଇବା ପାଇଁ ମାଗୁଥିଲା। ଏହାର ଅର୍ଥ ସେ ବଞ୍ଚିବାକୁ ଚାହୁଁଥିଲା। ତେଣୁ ଆତ୍ମହତ୍ୟା କରିଥିବା କଥା ସନ୍ଦେହଜନକ ବୋଲି କଂଗ୍ରେସ ଟିମ୍ ଉକ୍ତ ରିପୋର୍ଟରେ କହିଛି।

# ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳଭାଗ ବାହାରକୁ ରହିବ। ତା'ପରେ ସେହି ଛତୁମଞ୍ଜି ଖଣ୍ଡଗୁଡିକ ଉପରେ ଏକ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣିଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ବର୍ଷାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ବର୍ଷାଦିନେ ଗୋରୁଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ ।

**ସାହାଣା ରୋଗ:** ଏହା ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ।

**ଚିକିତ୍ସା ପଦ୍ଧତି:** ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩–୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ।

**ପ୍ରତିଷେଧକ ବ୍ୟବସ୍ଥା:** ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍.ଏସ୍. ଟିକା ଦେଇଦେବା ଦରକାର।

**ଫାଟୁଆ ଚଉଆ:** ଏହି ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଇ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ।

**ଚିକିତ୍ସା ପଦ୍ଧତି:** ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷାପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

# ଅର୍ଥକରୀ ଫଳଚାଷ



ଡ. ପରେଶ କୁମାର ପଣ୍ଡା

"ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ୍ୟ ସେପରି ଲାଭଜନକ। ଏକ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ଏକ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ। ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇ ବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ।"

ଫଳଚାଷ ବହୁ ପୁରାତନ ସମୟରୁ ଚାଲିଆସିଛି। ଏପରିକି ୩୫୦୦ ବର୍ଷ ତଳୁ ଲୋକମାନେ ବିଭିନ୍ନ ପ୍ରକାର ଫଳଚାଷ କରୁଥିବାର ଅନେକ ପ୍ରମାଣ ତଥ୍ୟ ମିଳୁଛି। ଆମ ରାଜ୍ୟରେ ବିଶେଷଭାବରେ ଆମ୍ବ, ନଡ଼ିଆ, ପିଜୁଳି, ଲେମ୍ବୁଜାତୀୟ, ସପେଟା, କଦଳୀ, ଲିଚୁ, ଅମୃତଭଣ୍ଡା, ସପୁରି, ଡାଳିମ୍ବ, ଆତ ଓ ପଣସ ଉତ୍ପାଦିତ ହୋଇଥାଏ। ଏହିସବୁ ଫଳ ବିଶେଷଭାବରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ରାୟଗଡ଼ା, ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାରେ ଅଧିକ ଚାଷ ହୋଇଥାଏ। ଆହୁରି ମଧ୍ୟ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ କଦଳୀଚାଷ, ଗଞ୍ଜାମ, ପୁରୀ, କଟକ ଏବଂ ବାଲେଶ୍ୱର ଜିଲାରେ ସପେଟା, ଅନୁଗୋଳରେ ଲିଚୁ ଚାଷ ଖୁବ୍ ଲୋକପ୍ରିୟ। ଆମ ରାଜ୍ୟରେ ପ୍ରାୟ ୩, ୪୦, ୪୮୦ ହେକ୍ଟର ଫଳ ଚାଷ ଅଞ୍ଚଳ ଏବଂ ୨୪, ୦୨,୩୦୦ ମେଟ୍ରିକ ଟନ୍ ଫଳ ଉତ୍ପାଦିତ ହେଉଛି।

ଦେଶରେ ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ଏଥିରେ ବିଭିନ୍ନ ପ୍ରକାର ଧାତବ ଲବଣ ଓ ଭିଟାମିନ୍ ରହିଥାଏ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ। ଫଳ ଗଛର ଚେର, ମୂଳ, ପତ୍ର, ଛେଲି ଇତ୍ୟାଦିକୁ ଔଷଧ ରୂପେ ବ୍ୟବହାର କରାଯାଏ। ଫଳଚାଷ ଖୁବ୍ ଲାଭଜନକ। ଫଳରେ ଜୈବିକ ଅମ୍ଳ ରହିଥାଏ। ଫଳ ଖାଇଲେ ହଜମ ଶକ୍ତି ବଢ଼ିଯାଏ ଓ ଭୋକ ଠିକ୍ ସମୟରେ ହୋଇଥାଏ। ଫଳରସ ରୋଗୀମାନଙ୍କ ପାଇଁ ଖୁବ୍ ଉପକାରୀ। ଫଳ ବଗିଚାରେ ମହୁଚାଷ କରି ଅଧିକ ଲାଭବାନ୍ ହେବାର ସୁଯୋଗ ରହିଛି। ଫଳଚାଷ ହେଉଥିବା ଅଞ୍ଚଳରେ ନାନା ପ୍ରକାର ଶିଳ୍ପ ପ୍ରତିଷ୍ଠା କରି ବହୁ ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ। ଫଳଗଛ ବୟସ୍କ ହେଲେ ତାହାର କାଠରୁ ଆସବାବପତ୍ର ତିଆରି ହୁଏ। ତାଳପତ୍ରକୁ ଜାଳେଣି ରୂପେ ବ୍ୟବହାର କରାଯାଇଥାଏ। ଆହୁରି ମଧ୍ୟ ଫଳକୁ ସଂରକ୍ଷଣକରି ରଖିପାରିଲେ ବର୍ଷର ଯେକୌଣସି ସମୟରେ ତାହାକୁ ବ୍ୟବହାର କରାଯାଇପାରିବ। ଫଳଚାରା ରୋପଣ ବର୍ଷାଦିନେ କରାଯାଏ। ଜଣେ ପ୍ରାପ୍ତ ବୟସ୍କ ଲୋକ ଦିନକୁ ୮୫ ଗ୍ରାମ ଫଳ ଖାଇବା ଦରକାର। ରୋଗ ହେଲେ ଆମ ଦେଶର ଲୋକମାନେ ଫଳକୁ ପଥ୍ୟ ହିସାବରେ ଖାଇଥାଆନ୍ତି। ଭିଟାମିନ୍–ଏ ଅଭାବରୁ ଅନ୍ଧାରକଣା, ଭିଟାମିନ୍–ବି ଅଭାବରୁ ବେରିବେରି ଓ ପାଲେଗ୍ରା ରୋଗ ହୁଏ। ଭିଟାମିନ୍–ସି ଅଭାବରୁ ସ୍କର୍ଭି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଅମୃତଭଣ୍ଡା, ଆମ୍ବ, କମଳା, ଗାଜର ପ୍ରଭୃତି ପାଚିଲା ଫଳରୁ ଯଥେଷ୍ଟ ପରିମାଣ ଭିଟାମିନ୍–ଏ ମିଳିଥାଏ। କାଜୁବାଦାମ, ସେଓ, ନାସ୍‌ପାତିରୁ ଭିଟାମିନ୍–ବି ମିଳିଥାଏ। କମଳା, ଲେମ୍ବୁ, ଅଁଳା, ପିଜୁଳି ପ୍ରଭୃତିରୁ ପ୍ରଚୁର ପରିମାଣର ଭିଟାମିନ୍–ସି ମିଳିଥାଏ। ପନିପରିବା ଓ ଫଳରୁ ବିଭିନ୍ନ ଧାତବ ଲବଣ ମିଳିଥାଏ। ଏଥିଲାଗି ଖରାଦିନେ ଥଣ୍ଡା ଫଳରସ ପିଇଲେ ଶରୀର ସୁସ୍ଥ ରହେ। ମନୁଷ୍ୟ ଶରୀରର ବିକାଶ ପାଇଁ ସ୍ରଷ୍ଟା ବିଭିନ୍ନ ଖାଦ୍ୟପଦାର୍ଥ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ କଞ୍ଚାଫଳ ଶରୀର ପାଇଁ ନିହାତି ଜରୁରୀ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚାଫଳ ସେବନ ଦ୍ୱାରା ମୋଟାପଣରୁ କେତେକାଂଶରେ ରକ୍ଷା ମିଳେ। ଜଣେ ସୁସ୍ଥ ମଣିଷ ପ୍ରତିଦିନ ସକାଳେ କଞ୍ଚାଫଳ ସେବନ କଲେ ଅନେକାଂଶରେ ନୀରୋଗ ଜୀବନ ବିତାଇପାରିବ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି। ଫଳ ହୃଦ୍‌ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ତା'ସହ ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲ ସମସ୍ୟାକୁ ଏହା ନିୟନ୍ତ୍ରଣରେ ରଖେ।



ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ୍ୟ ସେପରି ଲାଭଜନକ। ୧ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦–୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ୧ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ।

ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ। ସେ ବିଷୟରେ କେତୋଟି କଥା–

**ମରୁଡ଼ି ଅଞ୍ଚଳରେ ଫଳଚାଷ**

ଆମ ରାଜ୍ୟର ୬୦ ଭାଗ ଜମିରେ ଜଳସେଚନର ସୁବିଧା ନାହିଁ। ସେସବୁ ଜମି ପାହାଡ଼ିଆ ଅଞ୍ଚଳ ଯେଉଁଥିରେ ଫଳଚାଷ ଭଲ ହୁଏ। ଫଳ ଗଛ ଲଗାଇବା ଦ୍ୱାରା ମାଟିରେ ପାଣି ସଞ୍ଚୟ ବୃଦ୍ଧି ଘଟିବା ସହ ଉର୍ବରିଆ ମାଟି ସଂରକ୍ଷିତ ହୋଇ ରହେ। ଅଧିକନ୍ତୁ, ଫଳ ଗଛ ମରୁଡ଼ି ସହିପାରେ। ତେଣୁ ଖାଦ୍ୟ ନିରାପତ୍ତା ପାଇଁ ସେସବୁ ଅଞ୍ଚଳରେ ଆମ୍ବ, ପିଜୁଳି, ଡାଳିମ୍ବ, ସୀତାଫଳ ଓ ଲେମ୍ବୁ ଇତ୍ୟାଦିର ବ୍ୟବସାୟିକ ଫଳଚାଷ ବ୍ୟାପକସ୍ତରରେ କରାଯାଇପାରିବ।

**ବନ୍ୟାଞ୍ଚଳ ଫଳଚାଷ**

ବନ୍ୟାପ୍ଲାବିତ ଅଞ୍ଚଳରେ ନଡ଼ିଆ, ଆମ୍ବ, ପିଜୁଳି ଓ ଅମୃତଭଣ୍ଡା ଇତ୍ୟାଦି ଚାଷକଲେ ସେଥିରୁ ଭଲ ଆୟ ମିଳିଥାଏ। ବାଡ଼ି ବଗିଚାରେ କିଛି ଫଳଗଛ ଲଗାଇଲେ, ସେଥିରୁ ହେଉଥିବା ଆୟରେ ବୁଢ଼ା କାଳେ ଯେନତେନ ପ୍ରକାରେ ଚାଷୀମାନେ ଚଳିଯାଆନ୍ତି।

**ସୁସ୍ଥ ପରିବେଶ**

ଫଳଚାଷ ରାଜ୍ୟରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ସହ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

**ଅମଳ ଓ ବିପଣନ**

ପରିବା ପାଇଁ ବ୍ୟବହୃତ ଫଳ କଞ୍ଚା ଅବସ୍ଥାରେ ତୋଳାଯାଏ। ପାକଳ ଫଳକୁ ତୋଳି କାଗଜରେ ଗୁଡ଼ାଇ କାଠ କିମ୍ବା ପ୍ଲାଷ୍ଟିକ୍ ଝୁଡ଼ିରେ ପ୍ୟାକିଂକରି ବଜାରକୁ ପଠାଯାଏ ଓ ଭଲ ରୋଜଗାର ହୋଇଥାଏ। ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଲୋକ ଫଳ ଓ ପନିପରିବା ଚାଷକରି ଯଥେଷ୍ଟ ଉନ୍ନତ ହୋଇପାରିଛନ୍ତି। କେତେକ ଫଳ ପତିତ ଜମିରେ ଭଲ ରୂପେ ଚାଷ କରାଯାଇପାରିବ। ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଯାନବାହନ ଦରକାର ହେଉଥିବାରୁ ଲୋକଙ୍କୁ କର୍ମନିଯୁକ୍ତି ଦିବସ ଅଧିକ ମିଳିଥାଏ। ସୁତରାଂ, ଉଦ୍ୟାନ ଫସଲ ବିଲ ଫସଲଠାରୁ ଅଧିକ ଲାଭଦାୟକ।

–ଜିଲା କୃଷି ଅଧିକାରୀ,
ସାକ୍ଷୀଗୋପାଳ, ପୁରୀ
ମୋ : ୯୪୩୭୧୧୨୭୦୪

## ଚାଷୀଙ୍କ ପାଇଁ..



ବାଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା – ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍। ସଙ୍କର ଜାତୀୟ କିସମ ହିସାବରେ ଜେକେ–୮୦୩୧, ଜେକେ–୮୦୩୫, ତାରିଣୀ, ଅକ୍ଷିତା, ସୁଗ୍ରୋ–୧୩୨, ସୁଗ୍ରୋ–୩୮, ଭିଏନ୍‌ଆର୍–୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗାସରିଥିଲେ କୋଡ଼ାଖୁସାକରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ। ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସାକରି ସାର ଦେଇ ହୁଡ଼ା ଟେକନ୍ତୁ। ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ।

# ମୁଗ ଫସଲରେ ରୋଗପୋକ ପରିଚାଳନା



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ଏକ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଖୁ କିଆରିରୁ ଜଳ ନିଷ୍କାସନ

ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଫସଲ ୪–୫ ମାସର ହୋଇଗଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ x ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩–୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ବର୍ଷାଋତୁରେ ଧାନଜମିର ଯତ୍ନ



ସାଧାରଣତଃ ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କରନାଳୀଗୁଡ଼ିକୁ ସଫାକରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ସୀମା ଅତିକ୍ରମକଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା–ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । ଧାନଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

## କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଠାକୁରମୁଣ୍ଡା,୧୨।୮, (ତାରାକାନ୍ତ ପଟ୍ଟନାୟକ): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଧୀନ ଚମ୍ପାଗଡ଼ ଗ୍ରାମରେ ସୋମବାର ସନ୍ଧ୍ୟାରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଲୁହା ରଡ଼ ଓ କାଠଫାଳିଆରେ ପିଟି ହତ୍ୟା କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୬୬/୨୫) ରୁଜୁକରି ଅଭିଯୁକ୍ତ ଉଦୟ ହୋନ୍ଧୁଙ୍କୁ ଗିରଫ କରିଛି। ମୃତ ମହିଳା ଜଣକ ହେଲେ ସାଲିତା ମୁଣ୍ଡା। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ଼୍ ଓ କାଠଫାଳିଆକୁ ପୋଲିସ ଜବତ କରିଛି।

# ମେସ୍ ବାଥ୍‌ରୁମ୍‌ରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

## ମୋବାଇଲ ଜବତ କରି ପୋଲିସର ତଦନ୍ତ

ଭଦ୍ରକ,୧୨।୮ (ସନାତନ ରାଉତ)

ପାରିବାରିକ କଳହ କି ପ୍ରେମଜନିତ ହେଉ ବା ଅନ୍ୟ କୌଣସି କାରଣ ହେଉ ଛାତ୍ରୀଛାତ୍ର ଏହାକୁ ଧୈର୍ଯ୍ୟର ସହ ମୁକାବିଲା ନ କରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛି ନେଉଛନ୍ତି। ଭଦ୍ରକ ସହରରେ ମଙ୍ଗଳବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ଭଦ୍ରକ କଲେଜ ନିକଟସ୍ଥ ଏକ ଘରୋଇ ମେସ୍ ବାଥ୍‌ରୁମ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତା ଛାତ୍ରୀ ହେଲେ ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର କଳା ଛାତ୍ରୀ ପୁଷ୍ପଲତା ମଲିକ(୧୮)। ସେ ମେସ୍‌ର ବାଥ୍‌ରୁମ୍‌ରେ ନିଜ ଆପ୍ରୋନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି। ଖବରପାଇ ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା



ଘଟଣାସ୍ଥଳରେ ଏସ୍‌ପି ମନୋଜ ରାଉତ ତଦନ୍ତ କରୁଛନ୍ତି।

ସହ ପୁଷ୍ପଲତାଙ୍କ ପକେଟ୍‌ରେ ଥିବା ମୋବାଇଲ ଜବତ କରିଛନ୍ତି। ତାଙ୍କ ରୁମ୍‌ରେ ଥିବା ସହପାଠୀମାନଙ୍କୁ ପୋଲିସ ପଚରାଉଚରା କରିବା ସହ ମା' ବାପାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ଉମାକାନ୍ତ ମଲିକଙ୍କ ଏକମାତ୍ର ଝିଅ ପୁଷ୍ପଲତା ଭଦ୍ରକ କଲେଜରେ ପଢୁଥିବା ବେଳେ ଗତ ୨ ମାସ ହେବ ସେ ନିକଟସ୍ଥ ଜଗନ୍ନାଥପୁରର ଏକ ଲେଡିଜ୍ ମେସ୍‌ରେ ରହୁଥିଲେ। ରକ୍ଷାବନ୍ଧନ ପାଇଁ ଘରକୁ ଯାଇଥିବା ବେଳେ ସୋମବାର ମେସ୍‌କୁ ଫେରିଥିଲେ। ବାପା ଉମାକାନ୍ତଙ୍କ କହିବା ଅନୁଯାୟୀ, ମଙ୍ଗଳବାର ସକାଳେ ପୁଷ୍ପଲତା କୋଚିଂ କ୍ଲାସ୍ ଯାଇଥିଲେ। କୋଚିଂରୁ ଫେରି ଝିଅ ତାଙ୍କ ମା'ଙ୍କ ସହ ଫୋନ୍‌ରେ ଭଲ କଥାବାର୍ତ୍ତା ହୋଇଥିଲେ। ପୂର୍ବାହ୍ନ ୧୦ଟା ପରେ ଅନ୍ୟ ସହପାଠୀମାନେ କଲେଜ ଯାଇଥିବାବେଳେ ସେ ଏକୁଟିଆ ମେସ୍‌ରେ ଥିଲେ। ସହପାଠୀମାନେ କଲେଜରୁ ଫେରିବା ପରେ ବାଥ୍‌ରୁମ୍‌ରେ ସାୱାର ଚାଲିଥିବା ବେଳେ ପୁଷ୍ପଲତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ମଧ୍ୟାହ୍ନ ୧୨ଟା ବେଳକୁ ସେ ବାଥ୍‌ରୁମ୍‌ରେ ଆତ୍ମହତ୍ୟା କରିଥିବା ନେଇ ମେସ୍‌ର ମାଲିକ ଫୋନ୍ ମାଧ୍ୟମରେ ଜଣାଇଥିଲେ। ତାଙ୍କ ଝିଅ ଆତ୍ମହତ୍ୟା କରିବା ପଛରେ କୌଣସି କାରଣ ସେ ଜାଣି ନାହାନ୍ତି। ପୋଲିସ ତଦନ୍ତ କରି ଆଇନ ଅନୁଯାୟୀ ଯାହା ପଦକ୍ଷେପ ନେବ ବୋଲି ଉମାକାନ୍ତ କହିଛନ୍ତି। ପୁଷ୍ପଲତାଙ୍କ ମୋବାଇଲର କଲ୍ ରେକର୍ଡ ଯାଞ୍ଚ କରିବା ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ପି ରାଉତ କହିଛନ୍ତି। ଏନେଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି, ଯେଉଁ ବୟସରେ ପାଠପଢ଼ା ପାଇଁ ଛାତ୍ରୀମାନେ ସଂଘର୍ଷ କରିବା କଥା, ସେହି ସମୟରେ ଆତ୍ମହତ୍ୟା କରିବା ଏକ ଦୁଃଖଦ ଘଟଣା। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୫) ରୁଜୁ ହୋଇଥିବା ଥାନାଧିକାରୀ ମିଶ୍ର କହିଛନ୍ତି।

## ଜୀବନ ହାରିଲେ ୮ମ ଶ୍ରେଣୀ ଛାତ୍ର

### ଅନ୍‌ଲାଇନ ଗେମ୍ ହେଲା କାଳ

ବାଲେଶ୍ୱର(ବାଞ୍ଛାନିଧି ଦେ)/ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୧୨।୮

ଅନ୍‌ଲାଇନ ଗେମ ଖେଳିବାକୁ ମା' ବାପା ବାରଣ କରିବାରୁ ମଙ୍ଗଳବାର ଜଣେ ୮ମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଗୁହାଳିପଦା ଗ୍ରାମରେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ଛାତ୍ର ଅଧିକାଂଶ ସମୟରେ ଅନଲାଇନ୍ ଗେମ୍ ଖେଳିବା ସହ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିଲେ। ପରିବାର ଲୋକେ ଏହାକୁ ବାରମ୍ବାର ବିରୋଧ କରି ଆସୁଥିଲେ। ମଙ୍ଗଳବାର ସକାଳେ ସେ ପାଠ ନ ପଢ଼ି ଗେମ୍ ଖେଳୁଥିବାରୁ ମା' ବିରକ୍ତ ହୋଇଥିଲେ। ଏଥିରେ ସେ ରାଗିଯାଇ ଗାଧୁଆଘର ଭିତରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ବହୁ ସମୟ ଧରି ବାଥରୁମରୁ ନ ବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସିଂଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ବିଜୟୱାଡାରୁ ଅଭିଯୁକ୍ତ ଗିରଫ

ପାରାଦୀପ, ୧୨।୮ (ଶରତ ରାଉତ)

ଜଗତସିଂହପୁର ଜିଲା ପାରାଦୀପ ଲକ୍ଷ୍ମୀନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ କରି ୫ ଲକ୍ଷ ଦାବି କରିବା ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଗରାପୁର ଗ୍ରାମର କାର୍ତ୍ତିକ ଜେନା। ଥାନାରେ ମାମଲା ପରଠୁ ସେ ଫେରାର ଥିଲେ। ଏହାପରେ ପୋଲିସ ତାଙ୍କୁ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରୁ ଧରି ଆଣି ମଙ୍ଗଳବାର ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ସାମାଜିକ ଗଣମାଧ୍ୟମ ଜରିଆରେ ୧୭ ବର୍ଷୀୟା ନାବାଳିକାଙ୍କ ସହ କାର୍ତ୍ତିକଙ୍କ ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟେ ଏକାଠି ମିଳାମିଶା କରିବା ସହ ବିଭିନ୍ନ ଫଟୋ ଭିଡିଓ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କାର୍ତ୍ତିକଙ୍କୁ ସମ୍ପୃକ୍ତ ନାବାଳିକା ଅଣଦେଖା କରିଥିଲେ। ଏନେଇ କାର୍ତ୍ତିକ ସାମାଜିକ ଗଣମାଧ୍ୟମରେ ଏକ ନକଲି ଆଇଡି ଖୋଲି ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିଥିଲେ। ଉକ୍ତ ଭିଡିଓ ଭାଇରାଲ କରିବା ପୂର୍ବରୁ ନାବାଳିକା ଓ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବାପାଇଁ ଦାବି କରିଥିଲେ। ଅର୍ଥ ମିଳିବାରେ ବିଫଳ ହେବାରୁ କାର୍ତ୍ତିକ ଫଟୋ ଓ ଭିଡିଓ ଭାଇରାଲ କରିଦେଇଥିଲେ। ଏନେଇ ନାବାଳିକାଙ୍କ ମା' ଅଗଷ୍ଟ ୮ରେ ଲକ୍ଷ୍ମୀନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୪୮/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ରିମାଣ୍ଡରେ ଆଣି ୨ ଛାତ୍ରଙ୍କୁ ମାରାଥନ ଜେରା

### ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା

ବାଲେଶ୍ୱର, ୧୨।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ସୋମବାରଠାରୁ ୩ଦିନିଆ ରିମାଣ୍ଡରେ ଆଣିଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ରସମ୍ବିତ ନାୟକଙ୍କୁ ମଙ୍ଗଳବାର ୨ୟ ଦିନରେ ଜେଲରେ ମାରାଥନ ଜେରା କରାଯାଇଛି। କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ବାଲେଶ୍ୱର ଜେଲରେ ପହଞ୍ଚି ଉକ୍ତ ୨ ଛାତ୍ରଙ୍କୁ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚରା କରିଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ ଉପସ୍ଥିତ ଥିବା ଜଣାପଡ଼ିଛି। ଏସ୍‌ଏଫ୍‌ଏସ୍‌ଏଲ୍‌ର ଗୋଟିଏ ଟିମ୍ ମଧ୍ୟ ଜେରାରେ ସାମିଲ ଥିବା ସୂଚନା ମିଳିଛି। ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମରେ ଉଭୟେ ଜ୍ୟୋତିପ୍ରକାଶ ଏବଂ ଶୁଭ୍ରସମ୍ବିତ ସହଯୋଗ କରିଥିବା ଅଭିଯୋଗରେ ଗତ ୩ ତାରିଖରେ କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ମହିଳାଙ୍କୁ ବାନ୍ଧି, ବନ୍ଧୁକ ଦେଖାଇ ସୁନାଗହଣା ଲୁଟ୍

ବାସୁଦେବପୁର, ୧୨।୮ (ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଡ଼ୁଆଁ ଗ୍ରାମରେ ମଙ୍ଗଳବାର ରାତିରେ ଧୀରେନ୍ଦ୍ର ମିଶ୍ରଙ୍କ ଘରେ ଦୁର୍ବୃତ୍ତମାନେ ପଶି ୨ ମହିଳାଙ୍କୁ ବାନ୍ଧି ପକାଇବା ସହ ବନ୍ଧୁକ ଦେଖାଇ ସୁନାଗହଣା ଲୁଟି ନେଇଛନ୍ତି। ଖବର ପାଇ ବାସୁଦେବପୁର ଥାନା ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଛି। ୪ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଥିବାବେଳେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ନାବାଳିକାଙ୍କୁ ବଳାତ୍କାର

ଧୁଷୁରୀ,୧୨।୮(ଦୀପ୍ତିରଞ୍ଜନ ନାୟକ)

